ବର୍ଷ-୨୪, ସଂଖ୍ୟା-୨୦୧
ଭୁବନେଶ୍ୱର
୨୧ ଅଗଷ୍ଟ, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 201
Bhubaneswar
21 August, 2024, Wedneday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବର୍ଡର-୨ରେ ବରୁଣ

## ମମତା ସରକାରଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୦।୮ : କୋଲକାତା ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ବର୍ଷିଲେ ସୁପ୍ରିମକୋର୍ଟ। ଘଟଣାରେ ବହୁ ବିଳମ୍ବରେ ଏଫ୍‌ଆଇଆର୍ ରୁଜୁ ହୋଇଥିବା ନେଇ ଉଠାଇଲେ ପ୍ରଶ୍ନ। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ତଦନ୍ତ କେତେ ଦୂର ପହଞ୍ଚିଛି ବୋଲି କୋର୍ଟ ସିବିଆଇ ପ୍ରଶ୍ନ କରିଛନ୍ତି। ଏଥିସହ ଗୁରୁବାର ସୁଦ୍ଧା ଷ୍ଟାଟସ୍ ରିପୋର୍ଟ ଦେବାକୁ ସିବିଆଇକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୨ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

କୋଲକାତା ଆର୍.ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଆଜି ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ସିଜେଆଇଙ୍କ ଅଧ୍ୟକ୍ଷତାରେ ତିନି ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଶୁଣାଣି ବେଳେ ଖଣ୍ଡପୀଠ ଏହି ମାମଲାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସିଜେଆଇ କହିଛନ୍ତି, ଦୁଷ୍କର୍ମ ଓ ହତ୍ୟା ବ୍ୟତୀତ ଏହା ସମଗ୍ର ଦେଶରେ ଡାକ୍ତରଙ୍କ ସୁରକ୍ଷାର ବିଷୟ। ଡାକ୍ତର, ବିଶେଷ କରି ମହିଳା ଡାକ୍ତର ଓ ଯୁବ ଡାକ୍ତରଙ୍କ ସୁରକ୍ଷାକୁ ନେଇ ଆମେ ଚିନ୍ତିତ। ସୋଶାଲ ମିଡିଆରେ ପୀଡିତାଙ୍କ ଫଟୋ, ପରିଚୟ ପୋଷ୍ଟମର୍ଟମ ପରେ ପୀଡିତାଙ୍କ ଶରୀରର ଫଟୋ ଦେଖାଇବା ବେଶ୍ ଉଦ୍‌ବେଗଜନକ। ଦେଶ ଆଉ ଏକ ବଳାତ୍କାର ଘଟଣା ଯାଏ ଅପେକ୍ଷା କରିପାରିବ ନାହିଁ। ତୃଣମୂଳ ସ୍ତରରେ ପରିବର୍ତ୍ତନ ହେବା ଆଶାରେ ଅପେକ୍ଷା କରାଯାଇ ପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ ଡି. ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଶୁଣାଣି ବେଳେ ପଶ୍ଚିମବଙ୍ଗ ସରକାର ଓ ଘଟଣା ଘଟିଥିବା ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସେପଟେ ଏହି ମାମଲାକୁ ନେଇ ପଶ୍ଚିମବଙ୍ଗ ସରକାର ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ମେଡିକାଲ କଲେଜ ଅଧ୍ୟକ୍ଷଙ୍କ




ଭୂମିକାକୁ ନେଇ ମଧ୍ୟ କୋର୍ଟ ପ୍ରଶ୍ନ କରିଛନ୍ତି। ହତ୍ୟାକୁ ଆତ୍ମହତ୍ୟା ରୂପ ଦିଆଯିବାକୁ ଚେଷ୍ଟା କରାଯାଇଥିଲା କି ? ପୀଡିତାଙ୍କ ବାପା-ମା'ଙ୍କୁ କାହିଁକି ବିଳମ୍ବରେ ସୂଚନା ଦିଆଗଲା ସେମାନଙ୍କୁ କାହିଁକି ସାକ୍ଷାତ କରିବାକୁ ଅନୁମତି ଦିଆଗଲାନାହିଁ ?ପ୍ରିନ୍ସିପାଲ୍ କଣ କରୁଥିଲେ ? ଏଫ୍‌ଆଇଆର ଦାଖଲ କରିବାରେ କାହିଁକି ବିଳମ୍ବ ହେଲା ? ପୀଡିତାଙ୍କ ଶବ ସତ୍କାର ପରେ କାହିଁକି ଏଫ୍‌ଆଇଆର୍ ରୁଜୁ କରାଗଲା ବୋଲି ସିଜେଆଇ ପଶ୍ଚିମବଙ୍ଗ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ? ଅନ୍ୟପଟେ ଡାକ୍ତରମାନଙ୍କୁ ଆନ୍ଦୋଳନରୁ ଓହରିବା ପାଇଁ ପରାମର୍ଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ହସ୍ପିଟାଲ ୨୪ ଘଣ୍ଟିଆ ଖୋଲାଥିବା, ଡାକ୍ତର ଡ୍ୟୁଟି କରୁଥିବାରୁ ସୁରକ୍ଷା ଜରୁରୀ ବୋଲି ସିଜେଆଇ କହିଛନ୍ତି। ଏଥିଲାଗି ଡାକ୍ତରଙ୍କ ସୁରକ୍ଷା ପାଇଁ ଟାସ୍କଫୋର୍ସ ଗଠନ କରାଯିବ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଏହି ଟାସ୍କଫୋର୍ସ ସିନିଅର ଓ ଜୁନିଅର ଡାକ୍ତରଙ୍କ ସୁରକ୍ଷା ପାଇଁ ସାରା ଦେଶରେ କି କାର୍ଯ୍ୟପନ୍ଥା ହେବ ସେ ନେଇ ପରାମର୍ଶ ଦେବ।

ଏଫଆଇଆର ଦେବାରେ ବିଳମ୍ବ କରିବା ଓ ମାମଲାକୁ ପରିଚାଳନା କରିବାରେ ଅହେତୁକ ଅବହେଳା କରାଯାଇଥିବା ଖଣ୍ଡପୀଠ ମତ ରଖିଛନ୍ତି। ଏଥିସହ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ମଧ୍ୟ ସୁପ୍ରିମ କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି ଯେ, କାର୍ଯ୍ୟାଳୟରେ ଯଦି ମହିଳାମାନେ ସୁରକ୍ଷିତ ନୁହନ୍ତି, ତାହେଲେ ସମ୍ବିଧାନରେ ଥିବା ସମାନ ଅଧିକାର କଣ ? ସେମାନଙ୍କୁ ମୂଳ ସମାନତା ଅଧିକାର ଦେବାକୁ ମନା କରିବାର ଅର୍ଥ କଣ ?ଦେଶର ବିବେକ ଜାଗ୍ରତ ପାଇଁ କଣ ପ୍ରତ୍ୟେକ ଥର ଦୁଷ୍କର୍ମ ଓ ହତ୍ୟା ଘଟଣା ଘଟିବ ? ଜଣେ ଝିଅ ନିଜ ଜୀବନ ହରାଇଛନ୍ତି। ତାଙ୍କୁ ଜଣେ ଯୌନ ପିପାସୁ, ଯିଏ ଜଣେ ପଶୁ ଯୋଗ୍ୟ ଅଭିଯୁକ୍ତ, ଦୁଷ୍କର୍ମ ପରେ ହତ୍ୟା କରିଛି।ଡାକ୍ତର, ଓକିଲ, ମହିଳା ଓ ଅନ୍ୟମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଛନ୍ତି। ଏଭଳି ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ ରାଜ୍ୟ ସରକାର ନିଜ କ୍ଷମତାର ବ୍ୟବହାର କରନ୍ତୁ ନାହିଁ।ପୀଡ଼ିତାଙ୍କ ନାଁ ଓ ଫଟୋକୁ ତାଙ୍କ ସମ୍ମାନ ଓ ଗୋପନୀୟତାକୁ ଦୃଷ୍ଟିରେ ନ ରଖି ଭାଇରାଲ କରାଗଲା। ପୀଡ଼ିତାଙ୍କ ପରିଚୟ ଗୋପନ ରଖିବାକୁ ପୂର୍ବରୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା।ଯୌନ ହିଂସାର ମୂଳ ସଂସ୍ଥା ମଧ୍ୟରେ ହିଁ ରହିଥାଏ। ଏହାର ଉଦାହରଣ ଭାବେ ଅରୁଣା କେସ୍‌କୁ ନିଆଯାଇ ପାରେ।ଭିଡ଼ ଆଳରେ ଯେତେବେଳେ କିଛି ଲୋକ ହସ୍ପିଟାଲରେ ପଶି ଅପରାଧ ଘଟିଥିବା ସ୍ଥାନରେ ଭଙ୍ଗାରୁଜା କଲେ ସେତେବେଳେ ପୁଲିସ୍ କଣ କରୁଥିଲା ? ଏହା ଏକ ଧର୍ତବ୍ୟ ଅପରାଧ। ଆରଜି କର ହସ୍ପିଟାଲରେ ୭୦୦ ରେସିଡେଣ୍ଟ ଡାକ୍ତର ଥିଲେ। କିନ୍ତୁ ଏବେ କେବଳ ୩୦ରୁ ୪୦ ଜଣ ମହିଳା ଡାକ୍ତର ଓ ୬୦ ଜଣ ପୁରୁଷ ଡାକ୍ତର ରହିଛନ୍ତି। ଉକ୍ତ ସଂସ୍ଥାର ସୁରକ୍ଷା ଦାୟିତ୍ୱରେ ଏଣିକି ସିଆଇଏସଏଫ ମୁତୟନ ହେବେ। ଖରାପ ଆଚରଣ ପ୍ରଦର୍ଶନ କରୁଥିବା ଲୋକଙ୍କ ଠାରୁ ନର୍ସ ଓ ମହିଳା ଡାକ୍ତରମାନେ ଦୂରେଇ ରହି ନିଜ ବ୍ୟବସ୍ଥା କରୁଛନ୍ତି। ସେମାନଙ୍କ ପାଇଁ ରେଷ୍ଟ ରୁମର ବ୍ୟବସ୍ଥା ନାହିଁ।ଦୀର୍ଘ ସମୟ କାର୍ଯ୍ୟ କରିବା ପରେ ସେମାନଙ୍କୁ ଘର ପଠାଇବାର ବ୍ୟବସ୍ଥା ନାହିଁ ସୁରକ୍ଷା ପାଇଁ ସିସିଟିଭି ମଧ୍ୟ ନାହିଁ। ଲୋକମାନେ ପ୍ରଭାବିତ ହେଉଥିବାରୁ ଆମେ ଡାକ୍ତରମାନଙ୍କୁ କାର୍ଯ୍ୟରେ ଯୋଗ ଦେବାକୁ ଅନୁରୋଧ କରୁଛୁ।

## ବିଧାନସଭାରେ ହୋ ହଲ୍ଲା

ଭୁବନେଶ୍ୱର, ୨୦।୮ (ମହାଭାରତ): ବିଧାନସଭାର ଚଳିତ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ଗୃହରେ ପୁରୁଣା କଥା ଦେଖିବାକୁ ମିଳିଛି। ବିରୋଧୀ ଦଳ ଗୁଡିକର ବିଧାୟକ ମାନେ ଭିନ୍ନ ଭିନ୍ନ ପ୍ରସଙ୍ଗ ନେଇ ନାରାବାଜୀ ଓ ହଟ୍ଟଗୋଳ କରିଥିଲେ। ଏହି କାରଣରୁ ବାଚସ୍ପତି ଗୃହକୁ ଏକ ଘଣ୍ଟା ପାଇଁ ସ୍ଥଗିତ ରଖିଥିଲେ। ଫଳରେ ଆଜି ପ୍ରଶ୍ନକାଳ କାର୍ଯ୍ୟକ୍ରମ ହୋଇ ପାରି ନଥିଲା। ଏହା ପରେ ମଧ୍ୟ ବିରୋଧୀ ମାନଙ୍କର ହଟ୍ଟଗୋଳ ଜାରୀ ରହିବା କାରଣରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରଖିଥିଲେ। ଫଳରେ ପ୍ରଥମାର୍ଧରେ କୌଣସି କାର୍ଯ୍ୟ ହୋଇ ପାରି ନଥିଲା।

ଶୋକ ପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ ପ୍ରଶ୍ନକାଳ ଆରମ୍ଭ କରିବାକୁ ଚାହିଁଥିଲେ। ସେ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ ଡାକିଥିଲେ । ମନ୍ତ୍ରୀ ଶ୍ରୀ ନାୟକ ମଧ୍ୟ ତାଙ୍କ ଉତ୍ତର ପଢୁଥିବା ଦେଖିବାକୁ ମିଳିଥିଲା। ହେଲେ କଂଗ୍ରେସ ଦଳର ବିଧାୟକ ମାନେ ଛାତ୍ର ସଂସଦ ନିର୍ବାଚନ କରାଇବା ପ୍ରସଙ୍ଗରେ ନାରାବାଜୀ କରିଥିଲେ। ଏହା ପରେ କଂଗ୍ରେସ ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିବା ଦେଖା ଦେଇଯାଇଥିଲା। ଅନ୍ୟପକ୍ଷରେ ବିରୋଧୀ ଦଳ ବିଜେଡିର ବିଧାୟକ ମାନେ ରାଜ୍ୟପାଳଙ୍କ ପୁଅ ଦ୍ୱାରା ରାଜଭବନ କର୍ମଚାରୀଙ୍କୁ ମାଡ ମାରିବା ପ୍ରସଙ୍ଗରେ ନାରାବାଜୀ କରିଥିବା ଦେଖିବାକୁ ମିଳିଥିଲା। କଂଗ୍ରେସ ବିଧାୟକ ମାନଙ୍କ ପରେ ବିଜେଡି ବିଧାୟକ ମାନେ ମଧ୍ୟ ଗୃହର ମଧ୍ୟ ଭାଗକୁ ଆସି ହଟ୍ଟଗୋଳ କରିଥିଲେ। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢିବାକୁ ଚେଷ୍ଟା କରୁଥିବା ଓ ସୁରକ୍ଷାକର୍ମୀ ମାନେ ତାଙ୍କୁ ଅଟକାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ବାଚସ୍ପତି ଶ୍ରୀମତୀ ପାଢୀ ହଟ୍ଟଗୋଳ କରୁଥିବା ବିଧାୟକମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ମାତ୍ର ବିରୋଧୀ ଦଳର ବିଧାୟକ ମାନଙ୍କ ମନରେ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା। ଫଳରେ ବାଚସ୍ପତି ଗୃହକୁ ୧୧.୪୧ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ଏହା ପରେ ମଧ୍ୟ ବିରୋଧୀ ମାନଙ୍କର ହଟ୍ଟଗୋଳ ଜାରୀ ରହିବା କାରଣରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରଖିଥିଲେ। ଫଳରେ ପ୍ରଥମାର୍ଧରେ କୌଣସି କାର୍ଯ୍ୟ ହୋଇ ପାରି ନଥିଲା।

## ମମତା ମହାନ୍ତ ବିଜେପି ରାଜ୍ୟସଭା ପ୍ରାର୍ଥୀ

ଭୁବନେଶ୍ୱର, ୨୦।୮ (ମହାଭାରତ): ବିଜେଡି ଛାଡି ବିଜେପିରେ ଯୋଗଦେଇଥିବା ମମତା ମହାନ୍ତଙ୍କୁ ରାଜ୍ୟପ୍ରାର୍ଥୀ ପ୍ରାର୍ଥୀ କରିଛି ବିଜେପି। ପ୍ରାର୍ଥୀ ଘୋଷଣା ପରେ ମମତା କହିଛନ୍ତି ଯେ, ଟିକେଟ ଦେବା ପାଇଁ ପୂର୍ବରୁ କୌଣସି ପ୍ରତିଶ୍ରୁତି ମିଳି ନ ଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭାଜପାରେ ମିଶିଛି। ପୁଣି ରାଜ୍ୟ ସଭା ଟିକେଟ ଦେବାକୁ କେହି କମିଟମେଣ୍ଟ କରିନଥିଲେ। ଦଳ ମୋତେ ଯେତେବେଳେ ଯେଉଁ କାମ ଦେବ, ନିଷ୍ଠାପର ଭାବେ କରିବି। ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ସଭାପତି ନଡ୍ଡାଙ୍କୁ କୃତଜ୍ଞତା ଜଣାଉଛି। ଯେଉଁ ଭରସା ରଖି ବିଜେପି ମୋତେ ଚୟନ କରିଛି, ଏହା ଖୁସି ଲାଗୁଛି।



ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିରେ ଡବଲ ଇଂଜିନର ସରକାରରେ ଓଡ଼ିଶାର ବିକାଶ ହେବ କୁଡୁମୀ ସମାଜ ପାଇଁ କାମ ଜାରି ରଖିବି। ଆଦିବାସୀ ଲୋକଙ୍କର ବିକାଶ ପାଇଁ କାମ କରିପାରିବି ବୋଲି ମୋର ଦୃଢ଼ ବିଶ୍ୱାସ, ଆଶା ଓ ଭରସା। ପୂର୍ବରୁ ରାଜ୍ୟସଭାରେ ଓଡ଼ିଶାର ବିକାଶ ପାଇଁ ସ୍ୱର ଉତ୍ତୋଳନ କରୁଥିଲି। ଏବେ ଆଉ ଏକ ସୁଯୋଗ ମିଳିଛି। ସୂଚନାଯୋଗ୍ୟ, ମମତା ମହାନ୍ତଙ୍କୁ ୨୦୨୦ ମସିହାରେ ବିଜେଡି ରାଜ୍ୟସଭା ପଠାଇଥିଲା। ଗତ ଜୁଲାଇ ୩୧ ତାରିଖରେ ସେ ରାଜ୍ୟସଭା ଓ ବିଜେଡିରୁ ଇସ୍ତଫା ଦେଇଥିଲେ। ବିଜେଡିରୁ ଇସ୍ତଫା ବେଳେ ଅସନ୍ତୋଷ ଝାଡ଼ିଥିଲେ ମମତା। ତାଙ୍କୁ ଦଳରେ ଅଣଦେଖା କରାଯାଇଥିବା ସେ ଅଭିଯୋଗ ଆଣିଥିଲେ।

## ଭାରତ ବନ୍ଦ ନେଇ ନିର୍ଦ୍ଦେଶନାମା

ଭୁବନେଶ୍ୱର, ୨୦।୮ (ମହାଭାରତ): ବିଭିନ୍ନ ଦଳିତ ସଂଗଠନ ପକ୍ଷରୁ ଆସନ୍ତାକାଲି ୧୨ଘଣ୍ଟିଆ ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ରାଜ୍ୟ ସଚିବାଳୟ (ଲୋକସେବା ଭବନ)ରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କର୍ମଚାରୀମାନଙ୍କୁ ସକାଳ ସାଢ଼େ ୯ଟା ସୁଦ୍ଧା ଅଫିସରେ ପହଂଚିବାକୁ ନିର୍ଦ୍ଦେଶ ଦିଆଯିବା ସହ ମୁଖ୍ୟ ଫାଟକ ୧୦ଟା ୧୫ମିନିଟରେ ବନ୍ଦ ହୋଇଯିବ ବୋଲି ଗୃହ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତାକାଲି ଭାରତ ବନ୍ଦ ଡାକରାକୁ ଦୃଷ୍ଟିରେ ରଖି ଆଜି ଗୃହ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ସଚିବମାନଙ୍କୁ ଲୋକସେବା ଭବନ, ଖାରବେଳ ଭବନ ଓ ରାଜୀବ ଭବନ ସମେତ ବିଭାଗୀୟ ମୁଖ୍ୟ ଦପ୍ତରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିବାରୁ ଲୋକସେବା ଭବନ, ଖାରବେଳ ଭବନ, ରାଜୀବ ଭବନ ଓ ବିଭାଗୀୟ ମୁଖ୍ୟ ଦପ୍ତରରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନଙ୍କୁ ଅତିବେଶୀରେ ସକାଳ ସାଢ଼େ ୯ଟା ସୁଦ୍ଧା ପହଂଚିବାକୁ ପରାମର୍ଶ ଦିଆଯାଇଛି।

## ସଚିବସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

### ବିକାଶ ତ୍ୱରାନ୍ୱିତ କର, ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦିଅ

ଭୁବନେଶ୍ୱର, ୨୦।୮ (ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ସମସ୍ତ ବିଭାଗୀୟ ସଚିବମାନଙ୍କୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଯୋଜନା ଖର୍ଚ୍ଚ ବୃଦ୍ଧି କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହିତ ବିଭିନ୍ନ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ କରି ଅଭିବୃଦ୍ଧି ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ।



ସେ କହିଥିଲେ ଯେ ଅଭିବୃଦ୍ଧି ତ୍ୱରାନ୍ୱିତ ହେଲେ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଇବ। ବିଭିନ୍ନ ବିଭାଗ, ବିଶେଷ କରି ଭିତ୍ତିଭୂମି ନିର୍ମାଣ ଦାୟିତ୍ୱରେ ଥିବା ବିଭାଗ ଗୁଡିକ ଆବଶ୍ୟକ ସ୍ଥଳେ ଅଧିକ ନିଯୁକ୍ତ କରି କାର୍ଯ୍ୟକ୍ରମ ଗୁଡିକୁ ଆଗେଇ ନେବା ଉଚିତ ବୋଲି ସେ କହିଥିଲେ। ଯେହେତୁ ରାଜ୍ୟ ସରକାର ୨୦୩୬ ଓ ୨୦୪୭ ପାଇଁ ବଡ ଭିଜନ୍ ରଖି କାମ ଆରମ୍ଭ କରିଛନ୍ତି, ତେଣୁ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଏହାକୁ ଦୃଷ୍ଟିରେ ରଖି ସମ୍ମିଳିତ ଭାବେ, ଟିମ୍ ସ୍ପିରିଟ୍ ନେଇ କାମ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଅପ୍ରେଲ-ଜୁଲାଇ ଅବଧିର ୨୦୨୩-୨୪ ଓ ୨୦୨୪-୨୫ ପାଇଁ ଏକ ତୁଳନାତ୍ମକ ଆୟ ବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଚଳିତ ଆର୍ଥିକ ବର୍ଷର ଅପ୍ରେଲ-ଜୁଲାଇ ଅବଧି ମଧ୍ୟରେ ସମୁଦାୟ ଆୟର ପରିମାଣ ୫୭,୦୮୫ କୋଟି ଟଙ୍କା ଥିବା ବେଳେ ଗତ ବର୍ଷ ସେହି ଅବଧି ମଧ୍ୟରେ ଆୟର ପରିମାଣ ୫୧,୨୩୪ କୋଟି ଟଙ୍କା ଥିଲା।ଏହି ପରିମାଣ ଗତ ବର୍ଷର ଏହି ଅବଧିର ଆୟ ଅପେକ୍ଷା ୧୧.୪୨ ପ୍ରତିଶତ ଅଧିକ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିସନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଉପସ୍ଥିତ ଥିଲେ।

## ଲେଟେରାଲ ଏଣ୍ଟ୍ରି ଉପରେ ଲାଗିଲା ରୋକ୍

ନୂଆଦିଲ୍ଲୀ, ୨୦।୮ (ମହାଭାରତ): ସଂରକ୍ଷଣକୁ ନେଇ ବିବାଦ ଉପୁଜିବା ପରେ ପ୍ରଶାସନିକ ସେବାରେ ଲେଟେରାଲ ଏଣ୍ଟ୍ରୀ ନିଷ୍ପତ୍ତି ଉପରେ ରୋକ ଲାଗିଲା। ଲେଟେରାଲ ଏଣ୍ଟ୍ରୀ ବିଜ୍ଞାପନ ଉପରେ ରୋକ ଲଗାଇବା ସହ ନିଷ୍ପତ୍ତି ଫେରାଇ ନେଇଛନ୍ତି ସରକାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶ ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

ଲେଟେରାଲ ଏଣ୍ଟ୍ରିର ବିଜ୍ଞାପନକୁ ସରକାର ଫେରାଇ ନେଇଛନ୍ତି କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ। ୟୁପିଏସ୍‌ସି ଚେୟାରମ୍ୟାନ୍ ପ୍ରୀତି ସୁଦାନଙ୍କୁ ଚିଠି ଲେଖି ଏହି ବିଜ୍ଞାପନକୁ ରଦ୍ଦ କରିବାକୁ କହିଛନ୍ତ। ଚିଠିରେ ଜିତେନ୍ଦ୍ର ସିଂହ କହିଛନ୍ତି ଯେ 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥିର କରିଛନ୍ତି ଯେ ସମ୍ବିଧାନରେ ଦିଆଯାଇଥିବା ସମାନତା ଅଧିକାର ଅଧିନରେ ଲାଟେରାଲ୍ ଏଣ୍ଟ୍ରି ନିଯୁକ୍ତି ମଧ୍ୟ କରାଯିବା ଉଚିତ। ବିଶେଷକରି ଦେଶରେ ସଂରକ୍ଷଣ ସହିତ କୌଣସି ଟ୍ୟାମ୍ପରିଂ ହେବା ଉଚିତ ନୁହେଁ'। ଲେଟେରାଲ୍ ଏଣ୍ଟ୍ରୀରେ ସଂରକ୍ଷଣ ଆଣିବାକୁ କେନ୍ଦ୍ର ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ଆଗକୁ ଲେଟେରାଲ୍ ଏଣ୍ଟ୍ରିରେ ଓବିସି/ଏସ୍‌ସି/ଏସଟି ପାଇଁ ସଂରକ୍ଷଣ ଅଣାଯାଇପାରେ ବୋଲି ସମ୍ଭାବନା ରହିଛି। ଏହାପୂର୍ବରୁ, ୟୁପିଏସସି ଅଗଷ୍ଟ ୧୭ରେ ଏକ ବିଜ୍ଞାପନ ଜାରି କରିଥିଲା, ଯେଉଁଥିରେ ୨୪ଟି ମନ୍ତ୍ରଣାଳୟରେ ୪୫ ଯୁଗ୍ମ ସଚିବ, ଡେପୁଟି ସେକ୍ରେଟେରୀ ଏବଂ ନିର୍ଦ୍ଦେଶକସ୍ତରର ନିଯୁକ୍ତି ଲାଟେରାଲ୍ ଏଣ୍ଟ୍ରୀ ମାଧ୍ୟମରେ ପୂରଣ କରାଯିବାକୁ ବିଜ୍ଞପନ ଦିଆଯାଇଥିଲା। ଏହାକୁ ନେଇ ରାଜନୈତିକ ସ୍ତରରେ ବହୁ ବିବାଦ ଉପୁଜି ଥିଲା। ବିରୋଧୀ ଜୋରସୋର୍‌ରେ ଏହାକୁ ବିରୋଧ କରିଥିଲେ। ଶାସକ ଦଳର କିଛି ନେତାମାନେ ମଧ୍ୟ ଏହାକୁ ସମର୍ଥନ ଜଣାଇ ନଥିଲେ। ଏହାପରେ ସରକାର ଏହି ବିଜ୍ଞାପ୍ତି ଉପରେ ରୋକ୍ ଲଗାଇଛନ୍ତି ।

ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ମହତ୍ୱପୂର୍ଣ୍ଣ ପଦବୀଗୁଡିକରେ ଲେଟେରାଲ ଏଣ୍ଟ୍ରୀ ଜରିଆରେ ନିଯୁକ୍ତ କରି ଖୋଲାଖୋଲି ଭାବେ ଓବିସି/ଏସ୍‌ସି/ଏସଟି ବର୍ଗର ଲୋକଙ୍କ ସଂରକ୍ଷଣ ଛଡାଇ ନିଆଯାଉଛି ବୋଲି ଅଭିଯୋଗ କରିଥିଲେ।

ଲେଟେରାଲ୍ ଏଣ୍ଟ୍ରୀକୁ ସିଧାସଳଖ ନିଯୁକ୍ତି ମଧ୍ୟ କୁହାଯାଏ। ଏଥିରେ, ସେହି ଲୋକଙ୍କୁ ସରକାରୀ ସେବାରେ ନିଆଯାଏ, ଯେଉଁମାନେ ନିଜ କ୍ଷେତ୍ରରେ ପାରଦର୍ଶୀ ଅଟନ୍ତି। ସେମାନେ ଆଇଏଏସ-ପିସିଏସ କିମ୍ବା କୌଣସି ସରକାରୀ କ୍ୟାଡରରୁ ହୋଇନଥିବେ ଏହି ଲୋକଙ୍କ ଅଭିଜ୍ଞତା ଆଧାରରେ ସରକାର ସେମାନଙ୍କୁ ମନ୍ତ୍ରଣାଳୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନିଯୋଜିତ କରନ୍ତି।

## ୨୩ରେ ମହାପ୍ରଭୁଙ୍କ ଖାଲି ଆଲମିରା ଓ ସିନ୍ଦୁକର ହେବ ସ୍ଥାନାନ୍ତର

ପୁରୀ, ୨୦।୮ (ମହାଭାରତ): ଆସନ୍ତା ୨୩ ତାରିଖରେ ମହାପ୍ରଭୁଙ୍କ ବାହାର ଓ ଭିତର ରତ୍ନଭଣ୍ଡାରରେ ଥିବା ଖାଲି ଆଲମିରା ଏବଂ ସିନ୍ଦୁକ ଗୁଡ଼ିକ ସ୍ଥାନାନ୍ତରଣ କରାଯିବ। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗ ଦର୍ଶିକା (ଏସ୍‌ଓପି) ଅନୁସାରେ ଏହି ସ୍ଥାନାନ୍ତରଣ ପ୍ରକ୍ରିୟା ହେବ। ଖାଲି ଆଲମିରା ଓ ସିନ୍ଦୁକ ଗୁଡିକୁ ଶ୍ରୀମନ୍ଦିର ପରିସରରେ ଥିବା ନୀଳାଦ୍ରି ବିହାର ମ୍ୟୁଜିୟମ୍‌ରେ ସୁରକ୍ଷିତ ରଖାଯିବ। ତେଣୁ ସେହି ଦିନ ଯେମିତି ଶ୍ରୀଜୀଉଙ୍କ ନୀତିକାନ୍ତିରେ ବ୍ୟାଘାତ ନଘଟିବ, ସେଥିପାଇଁ ଆବଶ୍ୟକ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ନୀତି ନିର୍ଘଣ୍ଟ ଅନୁସାରେ ୨୩ ତାରିଖ ଅର୍ଥାତ ଶୁକ୍ରବାର ଅପରାହ୍ନ ଗୋଟାଏରୁ ସ୍ଥାନାନ୍ତର ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେହି ସମୟରେ ମହାପ୍ରସାଦ କ୍ରୟ କରିବାକୁ ଇଚ୍ଛୁକ ଥିବା ଶ୍ରଦ୍ଧାଳୁମାନେ ସିଂହଦ୍ୱାର ପଟେ ବାଇଶି ପାହାଚ ଦେଇ ଆନନ୍ଦ ବଜାରରୁ ପ୍ରବେଶ କରିବେ। ସେଠାରୁ ମହାପ୍ରସାଦ କ୍ରୟ କରି ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିପାରିବେ।

## ମହାରାଷ୍ଟ୍ରରେ କୋଲକାତା ଇଫେକ୍ଟ

ମୁମ୍ବାଇ, ୨୦।୮ (ମହାଭାରତ): ମହାରାଷ୍ଟ୍ରର ଥାନେରେ ଥିବା ଗୋଟିଏ ବଡ଼ ସ୍କୁଲରେ ୨ ଜଣ ନର୍ସରୀ ଛାତ୍ରୀଙ୍କୁ ସୁଇପର ଯୌନ ନିର୍ଯାତନା ଦେବା ଘଟଣା ଭୟଙ୍କର ରୂପ ଧାରଣ କରିଛି।ଏପରି ଏକ ଲଜ୍ଜାଜନକ ଘଟଣା ବିରୋଧରେ ତାତିଛନ୍ତି ଲୋକ। କୋଲକାତା ଭଳି ମୁମ୍ବାଇ ନିକଟସ୍ଥ ବଦଲାପୁର ରେଳ ଷ୍ଟେନରେ ବିଶାଳ ବିକ୍ଷୋଭ ଦେଖିବାକୁ ମିଳିଛି। ଶହଶହ ଲୋକ ଏକାଠି ହୋଇ ଘଟଣାକୁ ବିରୋଧର କରିବା ସହ ରେଳ ଚଳାଚଳ ବନ୍ଦ କରି ଦେଇଛନ୍ତି। ଲୋକମାନେ ଟ୍ରାକ ଉପରେ ବସି ରହି ବିକ୍ଷୋଭ କରୁଥିବା ଯାତାୟାତ ବାଧପ୍ରାପ୍ତ ହୋଇଛି।ସେହିପରି ଘଟଣା ଘଟିଥିବା ସ୍କୁଲରେ ମଧ୍ୟ ବ୍ୟାପକ ଭଙ୍ଗାରୁଜା ହୋଇଛି ବିକ୍ଷୋଭକାରୀଙ୍କୁ ରେଳ ଧାରଣାରୁ ଉଠାଇବା ବେଳେ ପୁଲିସ୍ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଛି।ଏପରି କି ପୁଲିସ୍ ଉପରକୁ ମଧ୍ୟ ବିକ୍ଷୋଭକାରୀ ପଥର ମାଡ଼ କରିଛନ୍ତି । କେନ୍ଦ୍ରୀୟ ରେଳବାଇର ସିପିଆରଓ କହିଛନ୍ତି, ବଦଲାପୁରରେ ଥିବା ଗୋଟିଏ ସ୍କୁଲରେ ୨ ଜଣ ୪ ବର୍ଷୀୟ ପିଲାଙ୍କୁ ଯୌନ ନିର୍ଯାତନା ଦିଆଯିବା ଘଟଣାରେ ବିକ୍ଷୋଭ ହୋଇଛି। ବିକ୍ଷୋଭକାରୀମାନେ ବଦଲାପୁର ଠାରେ ଲୋକାଲ ଟ୍ରେନଗୁଡ଼ିକୁ ଅଟକାଇ ଦେଇଛନ୍ତି ଏଥିଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି।

## ମନ୍ତ୍ରୀ ଜୁଏଲ ଓରାମ ଏମ୍ସରେ ଭର୍ତ୍ତି

ଭୁବନେଶ୍ୱର/ରାଉରକେଲା, ୨୦।୮ (ମହାଭାରତ) : କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପୁଣି ଅସୁସ୍ଥ ହୋଇ ଦିଲ୍ଲୀ ଏମସରେ ସୋମବାର ବିଳମ୍ବିତ ରାତିରେ ଭର୍ତ୍ତି ହୋଇଛନ୍ତି। ମନ୍ତ୍ରୀ ଓରାମଙ୍କୁ ଏମ୍ସର ନ୍ୟୁ ପ୍ରାଇଭେଟ୍ ୱାର୍ଡରେ ଭର୍ତ୍ତି କରାଯାଇଛି। ଛାତି ରୋଗ ବିଭାଗର ମୁଖ୍ୟ ଡାକ୍ତର ଅନନ୍ତ ମୋହନଙ୍କ ତତ୍ତ୍ୱାବଧାନରେ ସେ ଚିକିତ୍ସିତ ହେଉଛନ୍ତି। ମନ୍ତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।



ଜୁଏଲ ଓରାମ ନିଜ ଗାଁ ଲହୁଣୀପଡ଼ା କେନ୍ଦୁଡ଼ିହିରେ ପତ୍ନୀଙ୍କ ଅନ୍ତେଷ୍ଟିକ୍ରିୟା ସାରିବା ପରେ କ୍ରିୟାକାମ ପାଇଁ ଘରେ ଥିଲେ। ଡେଙ୍ଗୁ ଆକ୍ରାନ୍ତ ଥିବାରୁ ସାଥୀରେ ଡାକ୍ତରଟିମ୍ ମଧ୍ୟ ରହିଥିଲେ। ଗତକାଲି ଅପରାହ୍ନରେ ବଣାଇ ହସ୍ପିଟାଲରେ ତାଙ୍କର ପାଟିଲେଟ ପରୀକ୍ଷା କରାଯାଥିଲା। ପରୀକ୍ଷା ରିପୋର୍ଟରୁ ପାଟିଲେଟ କମ ଥିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତି ହେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଝାରସୁଗୁଡ଼ାରୁ ବିମାନ ଯୋଗେ ଦିଲ୍ଲୀ ଏମ୍ସକୁ ନିଆଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣା ପଡ଼ିଛି। ସେ ଛାତି ରୋଗ(ପଲମୋନାରି ମେଡିସିନ୍) ବିଭାଗରେ ଭର୍ତି ହୋଇଛନ୍ତି।

## ସିମ୍ ବକ୍ସ ତଦନ୍ତ ପାଇଁ ଓଡ଼ିଶାରେ ଏନ୍‌ଆଇଏ ଟିମ୍

### ଆସାଦୁର ଜମାନକୁ ଧରିବାକୁ ଇଣ୍ଟରପୋଲର ସହାୟତା ମଗାଗଲା

ଭୁବନେଶ୍ୱର, ୨୦।୮ (ମହାଭାରତ) : ଝାଡଖଣ୍ଡକୁ ଲମ୍ବିଛି ସିମ ବକ୍ସର ଚେର। ଆଜି ରାଂଚିରେ ସିମ ବକ୍ସର ଗୁମର ଖୋଜିଛି କମିସନରେଟ ପୁଲିସ। ଅଭିଯୁକ୍ତ ରାଜୁ ମଣ୍ଡଳକୁ ଝାଡଖଣ୍ଡ ନେଇ ଚାଲିଛି ଖୋଳତାଡ। ସେଠାରୁ ୫ଟି ସିମ୍ ବକ୍ସ ସେଟଅପ୍ ମିଳିଥିବା ସୂଚନା ମିଳିଛି । ବାଂଲାଦେଶୀ ଅସଦୁର ଜମାନକୁ ଗିରଫ ପାଇଁ ଇଣ୍ଟରପୋଲର ସହାୟତା ନେଇଛି ପୁଲିସ। ଭୁବନେଶ୍ୱର, କଟକ ପରେ ଝାଡଖଣ୍ଡରେ ସିମ୍ ବକ୍ସ ରହିଛି ବୋଲି ତଦନ୍ତରୁ ଜଣାପଡିଛି। ଭୁବନେଶ୍ୱର, କଟକ ପରେ ଏବେ ଝାଡଖଣ୍ଡ। ଲମ୍ବିଛି ସିମବକ୍ସର ଚେର। ରିମାଣ୍ଡର ତୃତୀୟ ଦିନରେ ଅଭିଯୁକ୍ତ ରାଜୁ ମଣ୍ଡଳକୁ ନେଇ ଝାଡଖଣ୍ଡର ରାଞ୍ଚିରୁ କମିସନରେଟ ପୁଲିସର ସ୍ୱତନ୍ତ୍ର ଟିମ୍ ଜବତ କରିଛି ତୃତୀୟ ସିମବକ୍ସ।

ଗୋଟିଏ ପରେ ଗୋଟିଏ ସିମ୍ ବକ୍ସ ଜବତ ହେବା ଏବେ ଆତଙ୍କୀ ଲିଙ୍କ ଆଡକୁ ଇଙ୍ଗିତ କରୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଝାଡଖଣ୍ଡର ଭଡା ଘରକୁ ମଧ୍ୟ



ରାଞ୍ଚିରୁ ଜବତ ହେଲା ତୃତୀୟ ସିମବକ୍ସ

ସିମବକ୍ସର ମାଷ୍ଟରମାଇଣ୍ଡ ଆସାଦୁର ଜମାନ ଆସିଥିବା ସୂଚନା ମିଳିଛି। ସିମବକ୍ସ ଜରିଆରେ ଅସାଦୁର କିଛି ବଡଧରଣର ପ୍ଲାନ କରୁଥିବା ସନ୍ଦେହ କରାଯାଉଛି। ଚୀନ୍, ପାକିସ୍ତାନରୁ ଆସୁଥିବା କଲକୁ ଲୋକାଲ କଲରେ କନଭର୍ଟ କରୁଥିବାରୁ ଆତଙ୍କୀ ଲିଙ୍କ୍ ନେଇ ସନ୍ଦେହ ଆହୁରି ଦୃଢୀଭୂତ ହୋଇଛି।

ତେଣୁ, କମିଶନରେଟ ପୁଲିସ ଆସାଦୁରକୁ ଗିରଫ କରିବାକୁ ନେଇଛି ଇଣ୍ଟରପୋଲର ସହାୟତା ଆତଙ୍କୀ ଲିଙ୍କ୍ ନେଇ ପୂରା ମାମଲାର ତଦନ୍ତ କରିବାକୁ ଭୁବନେଶ୍ୱର ଆସିବ ଏନଆଇଏ ଟିମ୍। ବାଂଲାଦେଶରୁ ସିମବକ୍ସର ଅପରେଟ ହେଉଥିବାରୁ ଜାତୀୟ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ରାଜୁର ରିମାଣ୍ଡ ଶେଷ ହେବାକୁ ଆହୁରି ୨ ଦିନ ବାକି ଅଛି। ତେଣୁ ଏହି ସମୟରେ ପୋଲିସ ରାଜୁ ମୁହଁରୁ ଆଉ କିଛି ସତ ଓଗାରିବାକୁ ଚେଷ୍ଟା କରିବ କମିଶରେଟ ପୁଲିସ।

## ରାଜ୍ୟରେ ୨୭ ମହାବଳ ଓ ୨୦୯୮ ହାତୀ

ଭୁବନେଶ୍ୱର, ୨୦।୮ (ମହାଭାରତ): ରାଜ୍ୟରେ ୨ ହଜାର ୯୮ ହାତୀ ଓ ୨୭ଟି ମହାବଳ ବାଘ ଅଛନ୍ତି। ଆଜି ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ମନ୍ତ୍ରୀ ଆହୁରି କହିଛନ୍ତି, ୨୦୨୪ ମସିହାରେ କରାଯାଇଥିବା ପଶୁପକ୍ଷୀ ଓ ବନ୍ୟପ୍ରାଣୀ ଗଣନା ଅନୁଯାୟୀ ଭିତରକନିକାରେ ୧୮୫୦ ବଉଳା କୁମ୍ଭୀର, ସାତକୋଶିଆରେ ୯୭, ଶିମିଳିପାଳରେ ୭୬ ଓ ଘୋଡ଼ାହାଡ଼ ଡ୍ୟାମରେ ୮୪ ଗୋ-ମୁହାଁ କୁମ୍ଭୀର ଅଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ମହାନଦୀରେ ୧୪ ଘଡ଼ିଆଳ କୁମ୍ଭୀର ଅଛନ୍ତି। ଚିଲିକା ସହ ସମସ୍ତ ସାମୁଦ୍ରିକ ଅଞ୍ଚଳରେ ୭୪୩ ଡଲଫିନ ଅଛନ୍ତି। ଚିଲିକା ହ୍ରଦରେ ୧୦୮ ପ୍ରଜାତିର ୧୦ ଲକ୍ଷ ୯୯ ହଜାର ବିଦେଶାଗତ ପକ୍ଷୀ ଥିବା ସୂଚନା ଦେଇଛନ୍ତି ମନ୍ତ୍ରୀ। ଏଥିସହ ରାଜ୍ୟକୁ ବାତ୍ୟା, ବନ୍ୟା ଓ ସମୁଦ୍ରକୂଳ କ୍ଷୟ ଜନିତ ବିପଦରୁ ରକ୍ଷା କରିବା ପାଇଁ ଗତ ୩ ବର୍ଷ ଭିତରେ ୧୨୩୪ ହେକ୍ଟର ଲୁଣା ଜଙ୍ଗଲ ଓ ୨୨୬ ହେକ୍ଟର ଝାଉଁ ଜଙ୍ଗଲ ସୃଷ୍ଟି କରାଯାଇଛି। ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ୭୨ ହେକ୍ଟର ପରିମିତ ଉପକୂଳ ଅଞ୍ଚଳରେ ଝାଉଁବଣ ସୃଷ୍ଟି କରାଯାଉଛି ବୋଲି ତଥ୍ୟ ରଖିଥିଲେ ମନ୍ତ୍ରୀ।



## ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ୍ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟକୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



**ଖବର**

# ବର୍ଡର ୨'ରେ ବରୁଣ



୧୯୯୭ ମସିହାରେ ରିଲିଜ୍ ହୋଇଥିବା ଲୋକପ୍ରିୟ ଦେଶାତ୍ମବୋଧ ଚଳଚ୍ଚିତ୍ର 'ବର୍ଡର'ର ସ୍ୱିକେଲ 'ବର୍ଡର ୨'କୁ ନେଇ ଏବେ ଚର୍ଚ୍ଚା ଲାଗିରହିଛି। ଏହି ଚଳଚ୍ଚିତ୍ରକୁ ନେଇ ରବିବାର ଏକ ବଡ଼ ଅପ୍ଡେଟ ସାମ୍ନାକୁ ଆସିଛି। 'ବର୍ଡର ୨' ଫିଲ୍ମ ପାଇଁ ଅଭିନେତା ବରୁଣ ଧାୱନ ସାଇନ୍ କରିଛନ୍ତି ବୋଲି ଏକ ରିପୋର୍ଟ ପ୍ରକାଶ କରିଛିୟ। ରିପୋର୍ଟ ଅନୁଯାୟୀ, ବରୁଣ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। ତେବେ ବରୁଣଙ୍କ ଭୂମିକା ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ମିଳିପାରିନାହିଁ। ପୂର୍ବରୁ ଅଭିନେତା ଆୟୁଷ୍ମାନ୍ ଖୁରାନା ମଧ ଏହି ଫିଲ୍ମରେ ଅଭିନୟ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏହାସହ 'ବର୍ଡର ୨'ରେ ସନ୍ନିଙ୍କ ସହ ଆୟୁଷ୍ମାନ ଓ ବରୁଣଙ୍କୁ ଏକାଠି ଦେଖିବାକୁ ମିଳିବ ବୋଲି ସ୍ପଷ୍ଟ ହୋଇଛ। ତେବେ ଉକ୍ତ ଫିଲ୍ମରେ କେଉଁ ଅଭିନେତ୍ରୀ ନଜରକୁ ଆସିବେ, ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଅନୁରାଗ ସିଂଙ୍କ ନିର୍ଦ୍ଦେଶିତ ଏବଂ ଜେ.ପି. ଦତ୍ତା, ନିଧି ଦତ୍ତା ଓ ଭୂଷଣ କୁମାରଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ଶୁଟିଂ ଚଳିତ ନଭେମ୍ବରରୁ ଆରମ୍ଭ ହେବ ବୋଲି ଅନୁମାନ କରାଯାଉଛି। ୨୦୨୬ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛିୟ।



## ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି



ରଙ୍ଗବେରଙ୍ଗର ପ୍ରଜାପତି ମଧ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ। ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ। ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚାଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ। ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି। ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି। କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି।

■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ। ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ ନିୟମିତ ଆସିଥାନ୍ତି।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି। ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି।

## ଘରେ କେଉଁ ବାସ୍ତୁ ଦ୍ରବ୍ୟ ରଖିଲେ ଶାନ୍ତି ମିଳିବ

ଘରେ ସର୍ବଦା ସୁଖଶାନ୍ତି ଭରି ରହିବା ପାଇଁ କିଛି ଉପାୟ ଅବଲମ୍ବନ କରନ୍ତୁ। ଯାହାଦ୍ୱାରା ଘରୁ ବାସ୍ତୁ ଦୋଷ ଦୂର ହୋଇ ପରିବାରରେ ସର୍ବଦା ସୁଖଶାନ୍ତି ଭରି ରହିବ।

ଚାନ୍ଦିର ହାତୀ : ଘରେ ଚାନ୍ଦିର ହାତୀ ରଖନ୍ତୁ । ଏହାଦ୍ୱାରା ଲକ୍ଷ୍ମୀଙ୍କ କୃପା ଦୃଷ୍ଟି ପଡ଼ିବ । ଏହାସହ ଛୋଟ ଚାନ୍ଦିର ହାତୀ ପକେଟ୍‌ରେ ରଖନ୍ତୁ।

ପିତ୍ତଳ ଓ ତମ୍ବା ବାସନ : ପିତ୍ତଳ ବାସନରେ ଖାଇଲେ ଓ ତମ୍ବା ବାସନରେ ପାଣି ପିଇବା ଦ୍ୱାରା ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥାଏ । ଘରେ ପିତ୍ତଳ ବାସନ ରଖିବା ଦ୍ୱାରା ସକାରାତ୍ମକ ବାତାବରଣ ସୃଷ୍ଟି ହୋଇଥାଏ ।



ମହୁ : କାଚ କିମ୍ବା ମାଟିପାତ୍ରରେ ମହୁ ରଖିଲେ ଘରର ଶାନ୍ତି ବୃଦ୍ଧି ପାଏ ।

ଚାନ୍ଦି ଡବା : ଏକ ଚାନ୍ଦି ଡବାରେ ପାଣି ଭରି ଲକରରେ ରଖିଲେ ଧନ ବୃଦ୍ଧି ହୁଏ ।

ଚାନ୍ଦି ଓ ସୁନା କଏନ୍ : ଚାନ୍ଦିର କଏନ୍ ଲକରରେ ରଖନ୍ତୁ । ଏକ ହଳଦିଆ କପଡ଼ାରେ ସୁନା କଏନ୍ ବାନ୍ଧି ଲକରରେ ରଖନ୍ତୁ । ଘରେ ଶାନ୍ତି ବୃଦ୍ଧି ହେବ ।

ଭଗବାନ ହନୁମାନଙ୍କ ଚିତ୍ର : ଘରର ଦକ୍ଷିଣ କୋଣ କାନ୍ଥରେ ଲଗାନ୍ତୁ । ଏହାକୁ ପ୍ରତିଦିନ ପୂଜା କରନ୍ତୁ ।

ହଳଦିଆ ରଙ୍ଗ : ଘରେ ହଳଦିଆ ରଙ୍ଗର ଯେକୌଣସି ବସ୍ତ୍ର ରଖନ୍ତୁ ପରିବାରରେ ଶାନ୍ତି ବୃଦ୍ଧି ପାଇବ ।

କଳା ଗୁଡ଼ : ଘରେ କଳା ଗୁଡ଼ ରଖନ୍ତୁ । ବାହାରକୁ ଯିବା ସମୟରେ କିମ୍ବା ପରିବାରର ସମସ୍ତ ସଦସ୍ୟ ଗୁଡ଼ ଖାଆନ୍ତୁ । ଏହାଦ୍ୱାରା ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ ।

ତମ୍ବା କଏନ୍ : ଘରେ ତମ୍ବା କଏନ୍ ରଖନ୍ତୁ । ଧଳା କପଡ଼ାରେ ତମ୍ବା କଏନ୍ ବାନ୍ଧି ବେକରେ ଧାରଣ କଲେ ଶୁଭ ।

# ପକ୍ଷୀତୀର୍ଥ ବେଦଗିରି



ଭଗବାନ ଶିବଙ୍କ ଆଜ୍ଞାକ୍ରମେ ଥରେ ନନ୍ଦୀ ତିନୋଟି ପର୍ବତ ସୃଷ୍ଟି କଲେ। ଏଥିମଧ୍ୟରୁ ଗୋଟିଏ ଥିଲା ବେଦଗିରି । ବେଦଗିରି ଏକ କ୍ଷୁଦ୍ର ପାହାଡ଼ ଥିଲା । ଏବେ ଏହି ପାହାଡ଼ ପାଦଦେଶରେ ଏକ ସହର ରହିଛି, ଯାହାର ନାମ 'ତିରୁକ୍କୁଲୁକ୍କୁନ୍ନମ୍', ଅର୍ଥାତ୍ ପକ୍ଷୀ ତୀର୍ଥ । ତାମିଲନାଡୁର ରାଜଧାନୀ ଚେନ୍ନାଇ ଠାରୁ ୫୬କିମି ଦୂରରେ ଚେଙ୍ଗଲପଟନମ୍ ଷ୍ଟେସନ୍ ରହିଛି । ଏଠାରୁ ୧୪ କିମି ଦୂରତାରେ ରହିଛି ପକ୍ଷୀ ତୀର୍ଥ । ପକ୍ଷୀ ତୀର୍ଥ ଏବଂ ବେଦଗିରି ପର୍ବତ ଏକ ସମତଳ ସ୍ଥାନରେ ରହିଛି । ଏଠାରେ ଦିନ ୧୧ଟାରୁ ଦୁଇଟା ମଧ୍ୟରେ ବହୁ ସଂଖ୍ୟାରେ ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ । ଏହି ପକ୍ଷୀଗୁଡ଼ିକ କୈଳାସ ପର୍ବତରୁ ଆସିଥାନ୍ତି ବୋଲି ବିଶ୍ୱାସ ରହିଛି । ପକ୍ଷୀଙ୍କ ମଧ୍ୟରୁ ଅଧିକାଂଶ କାଉ ଥାଆନ୍ତି। ଏମାନଙ୍କ ବର୍ଣ୍ଣ ଘନ କଳା ହୋଇଥାଏ। ସ୍ଥାନୀୟ ଲୋକେ ଏହି ପକ୍ଷୀକୁ ଚମରଗିଦ୍ଧା, ମଲଗିଦ୍ଧା ନାମରେ ସମ୍ବୋଧନ କରିଥାନ୍ତି । ଉତ୍ତରଭାରତର ରାଜସ୍ଥାନରେ ସାଧାରଣତଃ ଏଭଳି ପକ୍ଷୀ ଅଧିକ ମାତ୍ରାରେ ଦେଖିବାକୁ ମିଳିଥାନ୍ତି । ଲୋକ ବିଶ୍ୱାସ ଅନୁଯାୟୀ, ଏକ ନିଛାଟିଆ ସ୍ଥାନରେ ଗୁମ୍ଫାଟିଏ ରହିଛି । ସେହି ଗୁମ୍ଫାରେ ଜଣେ ପଣ୍ଡିତ ଅଛନ୍ତି, ସେ ଏହି ପକ୍ଷୀସବୁକୁ ପାଳିଛନ୍ତି । ନିର୍ଦ୍ଦିଷ୍ଟ ସମୟରେ ସେ ପକ୍ଷୀ ଛାଡ଼ିଦେଇଥାନ୍ତି । ଭୋଜନ ଲୋଭରେ ପକ୍ଷୀଗୁଡ଼ିକ ବେଦଗିରି ନିକଟକୁ ଉଡ଼ିଆସନ୍ତି । ଏମାନଙ୍କ ଦ୍ୱାରା ବଳକା ରହିଥିବା ଭୋଜନ ତୀର୍ଥଯାତ୍ରୀ ପ୍ରସାଦ ରୂପରେ ଗ୍ରହଣ କରିଥାନ୍ତି । ସେଥିପାଇଁ ଏହି ତୀର୍ଥର ନାମ ପକ୍ଷୀତୀର୍ଥ ହୋଇଛି । ପକ୍ଷୀତୀର୍ଥ ନିକଟରେ ରହିଛି ରୁଦ୍ରକୋଟି ଶିବ ମନ୍ଦିର । ଏଠାରେ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କୁ ପୂଜା କରାଯାଇଥାଏ । ମା' ପାର୍ବତୀ ଏଠାରେ ଅଭିରାମନାୟକୀ ନାମରେ ପୂଜା ପାଉଛନ୍ତି । ମନ୍ଦିରରେ ଶଙ୍କରତୀର୍ଥ ନାମକ ସରୋବର ରହିଛି । ପୌରାଣିକ ମାନ୍ୟତା ଅନୁଯାୟୀ, ବୃହସ୍ପତି କନ୍ୟା ରାଶିରେ ପ୍ରବେଶ କଲେ ଏହି ସରୋବରରୁ ଏକ ଶଙ୍ଖ ଉତ୍ପନ୍ନ ହୋଇଥାଏ । ସେହିପରି ପକ୍ଷୀତୀର୍ଥ ନିକଟରେ ଥିବା ବେଦଗିରି ପର୍ବତ ଉପରେ ଏକ ଶିବ ମନ୍ଦିର ରହିଛି । ଏହି ଶିବମନ୍ଦିରରେ ସ୍ୱୟମ୍ଭୁ ଶିବଲିଙ୍ଗ ପୂଜା ପାଉଛନ୍ତି । ମହାଦେବଙ୍କୁ ଏଠାରେ ଶ୍ରୀବେଦଗିରିଶ୍ୱର ନାମରେ ପୂଜା କରାଯାଇଥାଏ । ୫୦୦ଟି ପାହାଚ ଚଢ଼ି ପର୍ବତ ଉପରକୁ ଗଲେ ସ୍ୱୟମ୍ଭୁ ଭଗବାନ ଶିବଙ୍କ ଦର୍ଶନ ମିଳିଥାଏ ।

## ବିଛଣା ଓ ବାସନକୁ ସର୍ବଦା ସଫାସୁତୁରା ରଖିବା ଉଚିତ

ବହୁ ସମୟରେ ଏପରି ଦେଖାଯାଏ, ଯେ ଟଙ୍କା ରୋଜଗାର କଲେ ମଧ ଆଶାନୁରୂପକ ସଂଚୟ ହୋଇପାରିନଥାଏ ଓ ଟଙ୍କାପଇସାର ଅଭାବ ଲାଗି ରହେ। ଶାସ୍ତ୍ରରେ ଏପରି କିଛି କଥା



ବିଷୟରେ ବର୍ଣ୍ଣନା କରାଯାଇଛି, ଯେଉଁ କାରଣରୁ ଏଭଳି ସମସ୍ୟା ଲାଗି ରହିଥାଏ। ଜାଣନ୍ତୁ ଏହା ବିଷୟରେ.. ଗୁରୁଜନଙ୍କ ଅପମାନ କରିବା ଦ୍ୱାରା -

ଯେଉଁମାନେ ବଡ଼ମାନଙ୍କର ଅପମାନ କରିଥାଆନ୍ତି ଓ ଖରାପ ବ୍ୟବହାର କରିଥାଆନ୍ତି। ସେମାନଙ୍କ ଉପରେ ମା'ଲକ୍ଷ୍ମୀଙ୍କ କୃପା ରହିନଥାଏ। ଶାସ୍ତ୍ରରେ କୁହାଯାଇଛି, ବଡ଼ମାନଙ୍କୁ ସମ୍ମାନ କରୁଥିବା ବ୍ୟକ୍ତି ଜୀବନରେ ଅଧିକ ଉନ୍ନତି କରିଥାଆନ୍ତି। ଭଗବାନଙ୍କ ଆଶୀର୍ବାଦ ସର୍ବଦା ସେମାନଙ୍କ ଉପରେ ରହିଥାଏ। ସକାଳୁ ଉଠିବା ପରେ ଏହା ଦେଖିବା ଅନୁଚିତ -

ବହୁ ଲୋକଙ୍କର ରୋଷେଇ ଘର ଅସନା ଅପରିଷ୍କାର ହୋଇରହିଥାଏ। ଏପରି ଘରର ପରିବାର ସଦସ୍ୟଙ୍କ ଜାତକରେ ବିଭିନ୍ନ ଗ୍ରହଙ୍କର କୁପ୍ରଭାବ ପଡ଼ିଥାଏ। କୁହାଯାଏ ଯେ, ରୋଷେଇ ଘରକୁ ସର୍ବଦା ସଫାସୁତୁରା ରଖିବା ଉଚିତ। ରାତିର ଅଇଁଠା ବାସନକୁ ସକାଳ ଯାଏଁ ରଖିବା ଉଚିତ ନୁହେଁ। ଏହା ଦ୍ୱାରା ଘରେ ସର୍ବଦା ଧନର ଅଭାବ ହୋଇଥାଏ। ଶୋଇବା କକ୍ଷର ବିଛଣା ସର୍ବଦା ସଫାସୁତୁରା ରଖିବା ଉଚିତ। ବିଛଣା ଅପରିଷ୍କାର ହେଲେ ବାସ୍ତୁ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ଲାଗି ରହିଥାଏ। ଗୃହର ସମ୍ମୁଖରେ ଜୋତାଚପଲ ଏଣେତେଣେ ପକାଇବା ଉଚିତ ନୁହେଁ। ଏହାଛଡ଼ା ଘରର ବାହାରକୁ ପିନ୍ଧି ଯାଉଥିବା ଜୋତା ଘର ଭିତରେ ପିନ୍ଧନ୍ତୁ ନାହିଁ। ଏହା ଦ୍ୱାରା ଗୃହରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ। ଘରେ ଥିବା ବାସନକୁ ସର୍ବଦା ସଫା ରଖନ୍ତୁ। ବାସନ ଅପରିଷ୍କାର ହେଲେ ଗୃହରେ ନକରାତ୍ମକ ଶକ୍ତି ପ୍ରବେଶ କରିଥାଏ ବୋଲି କୁହାଯାଇଛି। ଏହାର ପ୍ରଭାବରେ ସଦସ୍ୟଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥାଏ। ଘରେ କେବେ ମଧ ଭଙ୍ଗା କିମ୍ବା ଫଟା ବାସନ ବ୍ୟବହାର କରିବା ଉଚିତ ନୁହେଁ। ଏହା ଦ୍ୱାରା ଗୃହରେ ସୁଖସମୃଦ୍ଧି ହ୍ରାସ ପାଇଥାଏ। ଘରେ ଚାନ୍ଦିର ବାସନ ରଖିବା ଅତ୍ୟନ୍ତ ଶୁଭଫଳ ପ୍ରଦାନ କରିଥାଏ।

# ଭଦ୍ରକ-ଖଡ଼ଗପୁର ରେଳ ସେକସନ ମଧ୍ୟରେ ହେବ ଫେନସିଂ



ଭୁବନେଶ୍ୱର,୨୦।୮ (**ମହାଭାରତ**): ରେଳ ନିରାପତାକୁ ବୃଦ୍ଧି କରାଇବା ସହିତ ଟ୍ରେନ ମାନଙ୍କର ବେଗବୃଦ୍ଧି ବଢାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ଭାରତୀୟ ରେଳବାଇ ଭଦ୍ରକ-ବାଲେଶ୍ୱର-ଖଡ଼ଗପୁର ରେଳ ସେକ୍ସନରେ ନିରାପତା ବାଡ (ଫେନସିଂ) ପ୍ରକଳ୍ପ ପାଇଁ ୨୦୨୦୨.୧୨ କୋଟି ଟଙ୍କା ମଞ୍ଜୁର କରିଛି ।

ସମ୍ବେଦନଶୀଳ ରେଳ ଧାରଣା ପାଖରେ ଏହି କାର୍ଯ୍ୟ କରାଯିବ । ଉଭୟ ଡବଲ୍ ଡବ୍ଲୁ ମେଟାଲ୍ ବିମ୍ କ୍ରାସ୍ ବ୍ୟାରିୟର ଏବଂ ଫିକ୍ସଡ୍ ନଟ୍ ଫେନ୍ସିଂ ବ୍ୟାରିୟର ଏହି ସମ୍ବେଦନଶୀଳ କ୍ଷେତ୍ରମାନଙ୍କରେ ନିର୍ମାଣ କରାଯିବ । ଫେନସିଂ ପାଇଁ ଏହି ସ୍ଥାନ ଗୁଡିକ ସମ୍ବେଦନଶୀଳ ସ୍ଥାନ ଭାବେ ଚିହ୍ନଟ କରାଯାଇଛି କାରଣ ରେଳ ଧାରଣା ଉଚ୍ଚତା ପ୍ରାୟ ଚଳପ୍ରଚଳ ଅଞ୍ଚଳର ଭୂମିସ୍ତର ସହିତ ସମାନ ରହିଛି ଯାହାଦ୍ୱାରା ଗୃହପାଳିତ ପଶୁ ଏବଂ ଅନଧିକାର ପ୍ରବେଶକୁ ରେଳ ଟ୍ରାକ ପାର ହେବାପାଇଁ ବାରଣ କରାଯାଇ ପାରିବ ।

ଏହି ନିରାପତା ବାଡ଼ କେବଳ ସୁରକ୍ଷିତ ଟ୍ରେନ୍ ଚଳାଚଳକୁ ସୁନିଶ୍ଚିତ କରିବ ନାହିଁ ବରଂ ରେଳ ଧାରଣାକୁ ଅନଧିକୃତ ପ୍ରବେଶ, ରେଳ ଧାରଣା ନିକଟରେ ଗୋରୁ କିମ୍ବା ଗୃହପାଳିତ ପଶୁ ଚରାଇବା ଏବଂ ରେଳ ଲାଇନ ନିକଟରେ ବଣୁଆ ଜନ୍ତୁର ଗତିବିଧି ଉପରେ ମଧ୍ୟ ଏହା ପ୍ରତିବନ୍ଧକ ଲଗାଇବ ।

ଏହି ବାଡ଼ଦେବା କାର୍ଯ୍ୟକୁ ସୁନିଶ୍ଚିତ କରିବା ଏବଂ ଯେକୌଣସି ବ୍ୟାଘାତକୁ ଏଡାଇବା ପାଇଁ ରେଳ ମନ୍ତ୍ରଣାଳୟ ଟ୍ରାକ ନିକଟରେ ନିଜ ସୀମା ମଧ୍ୟରେ ପ୍ରାଚୀର ନିର୍ମାଣ କରିବାକୁ ନିଷ୍ପତି ନେଇଛି । ବର୍ତ୍ତମାନର ଯୋଜନାରେ ରେଳ ଜମିର ସୀମାନ୍ତରେ ଫେନସିଂ ନିର୍ମାଣ ଅନ୍ତର୍ଭୁକ୍ତ, ପ୍ରକୃତ ଦୂରତା ସହିତ ଜୋନାଲ ରେଳ କର୍ତ୍ତୃପକ୍ଷର ସ୍ଥାନିତ ସ୍ଥିତି, ରକ୍ଷଣାବେକ୍ଷଣ ଆବଶ୍ୟକତା, ମଲ୍ଟି ଟ୍ରାକିଂ କାର୍ଯ୍ୟ, ଅନଧିକାର ପ୍ରବେଶ ଏବଂ ପ୍ରସ୍ତାବିତ ବାଡ଼ର ସାମଗ୍ରିକ କାର୍ଯ୍ୟକାରିତା ଉପରେ ନିର୍ଭର କରିବ ।

ଏହି ପଦକ୍ଷେପଟି "ଲେଭଲ୍ କ୍ରସିଂ, ଫ୍ଲାଏଓଭର, ଉପମାର୍ଗ, ବ୍ରିଜ୍ ଏବଂ ପ୍ରବେଶ ନିୟନ୍ତ୍ରଣ ଆବଶ୍ୟକ କରୁଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହିତ ଟ୍ରାକ୍ ପ୍ରବେଶକୁ ସିଲ୍ କରିବାକୁ ଲକ୍ଷ୍ୟ ରଖିଛି । ଏହା ବ୍ୟତୀତ, ରେଳ ଟ୍ରାକ୍ ନିକଟରେ ଚରୁଥିବା ବା ବିଚରଣ କରୁଥିବା ଗୃହପାଳିତ ପଶୁ ରେଳ ଲାଇନରେ ପ୍ରବେଶ କରିପାରିବେ ନାହିଁ । ଏହା ମଧ୍ୟ ଯାତାୟାତର ସୁଗମତା ପାଇଁ ଲାଭ ପ୍ରଦାନ କରିବ ଏବଂ ପଶୁମାନଙ୍କ ଜୀବନ ନଷ୍ଟ ହେବ ନାହିଁ ।

ଏହି ବାବଦରେ ଦକ୍ଷିଣ ପୂର୍ବ ରେଳପଥ ମଧ୍ୟରେ ଭଦ୍ରକ-ବାଲେଶ୍ୱର-ଖଡ଼ଗପୁର ରେଳ ସେକ୍ସନ ରେ ଏହି ନିରାପତା ଜନିତ କାର୍ଯ୍ୟପାଇଁ ୨୦୨.୧୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳେ ବାଲିଛକ-ରଖାମାଇନ୍ସ ପାଇଁ ୧୪୧.୪୯ ଓ ହାଓଡ଼ା-ଦୁଆନ ରେଳ ସେକ୍ସନ ରେ ନିରାପତା ଜନିତ ବାଡ଼ ଦେବା କାର୍ଯ୍ୟ ପାଇଁ ୧୦୩.୬୨ କୋଟି ଟଙ୍କା ମଞ୍ଜୁର କରାଯାଇଅଛି ଯାହାଦ୍ୱାରା ଏହି ମାର୍ଗରେ ୧୩୦ କିଲୋମିଟର ଏବଂ ତା'ଠାରୁ ଅଧିକ ବେଗରେ ଟ୍ରେନର ନିରାପଦ ଚଳାଚଳ କରାଯାଇ ପାରିବ ।

# କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ



**ଭୁବନେଶ୍ୱର,୨୦।୮ (ମହାଭାରତ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଜୟନ୍ତୀ ଉତ୍ସବ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ପୂର୍ବତନ ବିଧାୟକ ତଥା ସଂଯୋଜକ ମହମ୍ମଦ ମୋକିମଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବ ଭବନ ପରିସରସ୍ଥ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଯୁଧିଷ୍ଠୀର ଜେନା, ଡ. ବିଶ୍ୱରଞ୍ଜନ ମହାନ୍ତି, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଡ. ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଗଙ୍ଗାଧର ଓଡ଼ିଶାର କାଳିଦାସ

ଭୁବନେଶ୍ୱର,୨୦।୮ **(ମହାଭାରତ):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୨ ତମ ପବିତ୍ର ଜନ୍ମତିଥି ଉପଲକ୍ଷେ ସୋମବାର ପୂର୍ବାହ୍ନରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ଏହାର ସାଧାରଣ ସମ୍ପାଦକ ଡ଼ା. ରାଧାନାଥ ପ୍ରହରାଜଙ୍କ ପୌରହିତ୍ୟରେ ସ୍ଥାନୀୟ କଳିଙ୍ଗ ଡ଼ାକ୍ତରଖାନା ନିକଟ ଉକ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ତଥା ସ୍ତୁତିଚରଣ କାର୍ଯ୍ୟକ୍ରମ ହୋଇଯାଇଛି । ଏହି ଅବସରରେ ରଙ୍ଗାଜୀବୀ ଗଙ୍ଗାଧରଙ୍କ ଅମର ସାରସ୍ୱତ କୃତୀ ଏବଂ ତାଙ୍କ ଶାନ୍ତ, ସରଳ, ସ୍ୱାଭିମାନୀ ଜୀବନ ତଥା ସାଧୁତାପୂର୍ଣ୍ଣ ଜୀବନଶୈଳୀ ନେଇ ବକ୍ତାମାନେ ବିଭିନ୍ନ ଦିଗରୁ ଆଲୋଚନାମାନ କରିଥିଲେ । ଓଡ଼ିଆ ଭାଷାର ଘୋର ଦୁର୍ଦ୍ଦିନରେ ମଧ୍ୟଯୁଗୀୟ କବି ରାଧାନାଥ ଏବଂ ମଧୁସୂଦନ ରାଓଙ୍କ ପରି ଗଙ୍ଗାଧରଙ୍କ କାବ୍ୟ, କବିତା ଯେ ଓଡ଼ିଆ ଭାଷା ଭଣ୍ଡାରକୁ ବହୁ ଭାବରେ ଋଦ୍ଧିମନ୍ତ କରିଥିଲା ସେ କଥା ଉଠିଥିଲା । ଯାହା ପରବର୍ତ୍ତିକାଳରେ ଭାଷାଭିତିରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ଏବଂ ନିକଟ ଅତୀତରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନର ସର୍ତ୍ତପୂରଣ ପାଇଁ ସହାୟକ ହୋଇ କବି ଗଙ୍ଗାଧରଙ୍କ ଗରୀମା ବର୍ଦ୍ଧନ କରିଥିଲା ବୋଲି କୁହାଯାଇଥିଲା ।

ଗଙ୍ଗାଧରଙ୍କ ଓଡ଼ିଆ ଭାଷା ପ୍ରୀତି ଯେ କେତେ ଗଭୀର ସେ ବିଷୟ ଆଲୋଚନା ବେଳେ ସେ ସମ୍ବଲପୁର ଅଳରେ ଇଂରେଜ ସରକାରଙ୍କ ଦ୍ୱାରା କୋର୍ଟ କଚେରୀରେ ହିନ୍ଦୀ ଭାଷା ପ୍ରଚଳନକୁ ତୁମୁଳ ବିରୋଧ କରି ଲେଖିଥିବା ପଂକ୍ତି ଉଦ୍ଧାର କରି ବକ୍ତାମାନେ ସମସ୍ତଙ୍କୁ ଭାବପ୍ରବଣ କରିଦେଇଥିଲେ । ଶେଷରେ ଓଡ଼ିଆ ଅସ୍ମିତା ରକ୍ଷା ଦିଗରେ ତାଙ୍କର କଲମ ଚଳନା କେତେ ଶକ୍ତିଶାଳୀ ଏବଂ ତପସ୍ୱିନୀ କାବ୍ୟରେ ତାଙ୍କ ପ୍ରକୃତି ବର୍ଣ୍ଣନା ମହାକବି କାଳିଦାସଙ୍କ ସଦୃଶ ବୋଲି ମତ ପ୍ରକାଶ ପାଇ ସେ ଯେ ଓଡ଼ିଶାର କାଳିଦାସ ଏଥିରେ ଦ୍ୱିରୁକ୍ତି ନାହିଁ ବୋଲି ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ଼ା. କାଶୀନାଥ ରଥ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଡ଼ା. ବାନାମ୍ବର ପରିଡ଼ା, ଅଧିବକ୍ତା ଇଂ ବିର୍ ନାରାୟଣ ଦାଶ, ତ୍ରିନାଥ ସାମନ୍ତରାୟ, ଇଂ. ନିଖିଳ ପ୍ରସାଦ ଦାଶ ପ୍ରମୁଖ ଯୋଗ ଦେଇଥିବା ବେଳେ ରାଜେଶ୍ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପିର ସଦସ୍ୟତା ଅଭିଯାନ ଆରମ୍ଭ

ଭୁବନେଶ୍ୱର,୨୦।୮ **(ମହାଭାରତ):** ଭାରତୀୟ ଜନତା ପାର୍ଟିର ବିଚାରଧାରା ହିଁ ଏହି ଦଳକୁ ଅନ୍ୟ ରାଜନୈତିକ ଦଳଠାରୁ ଭିନ୍ନ ବୋଲି ପରିଚୟ ଦେଇଥାଏ । ଦେଶର ପୁନର୍ନିର୍ମାଣ ପାଇଁ ବିଜେପି ସର୍ବଦା ଉଦ୍ୟମରତ । ସେଥିପାଇଁ ଆସନ୍ତା ସେପ୍ଟମ୍ବର ୧ତାରିଖରୁ ଦେଶବ୍ୟାପୀ ବିଜେପିର ସଦସ୍ୟତା ଅଭିଯାନ ଆରମ୍ଭ କରାଯିବ । ରାଜ୍ୟରେ ଏକକୋଟି ସଦସ୍ୟଙ୍କୁ ବିଜେପିରେ ସାମିଲ କରାଯିବ । ଉଭୟ ଅନଲାଇନ ଏବଂ ଅଫ ଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯିବ । ଆଜି ଏହାକୁ ନେଇ ଭୁବନେଶ୍ୱରରେ ରାଜ୍ୟ ବିଜେପି ପକ୍ଷରୁ ସ୍ୱତନ୍ତ୍ରଭାବେ ସଦସ୍ୟ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଆଗକୁ ଜିଲ୍ଲା ଏବଂ ମଣ୍ଡଳସ୍ତରରେ ସଦସ୍ୟତା ଅଭିଯାନ ନେଇ କର୍ମଶାଳା ଅନୁଷ୍ଠିତ ହେବ ।

ଭାରତୀୟ ଜନତା ପାର୍ଟି ଓଡ଼ିଶାରେ ଏକାକୀ ସରକାର ଗଠନ କରିବା ପରେ ପ୍ରଥମଥର ପାଇଁ ରାଜ୍ୟସ୍ତରୀୟ ସଦସ୍ୟତା ସଂଗ୍ରହ ଅଭିଯାନ କର୍ମଶାଳା ଆୟୋଜନ କରିଛି । ଏହି ଅଭିଯାନ ୪୫ ଦିନ ଚାଲିବ । ୨୫ବର୍ଷର ସରକାରକୁ ଧ୍ୱଂସ କରି ଗତ ନିର୍ବାଚନରେ ଜନତା ବିଜେପି ଉପରେ ଭରଷା କରିଛନ୍ତି । ଏହି ସରକାର ଲୋକଙ୍କ ପାଇଁ କାମ କରି ଓଡ଼ିଶାବାସୀଙ୍କ ପ୍ରିୟଭାଜନ ହୋଇପାରିଛି । ଲୋକଙ୍କ ଏହି ଆଶାକୁ ଅଧିକ ମଜଭିତ୍ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଆଗକୁ ଆସି ଅଧିକ ଲୋକଙ୍କୁ ବିଜେପିରେ ସାମିଲ କରାନ୍ତୁ । ଏଥିଲାଗି ୩୬ ସାଙ୍ଗଠନିକ ଜିଲ୍ଲାର ୩୬ହଜାର ବୁଥରୁ ପ୍ରାଥମିକ ସଦସ୍ୟତା ଅଭିଯାନ ହେବ । ବୈଷୟିକ ଜ୍ଞାନ, ବ୍ୟକ୍ତିଗତ ସମ୍ପର୍କ, ସାଂଗଠିକ ଶକ୍ତି ମିଶ୍ରଣରେ ବିପୁଳ ସଂଖ୍ୟାରେ ବିଜେପି ସଦସ୍ୟତା ଗଠନ କରିବ । ଆଗାମୀ ଦିନରେ ଶକ୍ତିଶାଳି ସଂଗଠନ ହିସାବରେ ବିଶ୍ୱରେ ଓଡ଼ିଶା ବିଜେପି ଶିଖରରେ ପହଂଚିବ । ସଂଗଠନର ଆତ୍ମା ହେଉଛି ପ୍ରାଥମିକ ସଦସ୍ୟତା ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।

ଶ୍ରୀ ସାମଲ କହିଛନ୍ତି ଯେ, ଓଡିଶାରେ ରାଜ୍ୟସ୍ତରୀୟ ସଦସ୍ୟତା ଅଭିଯାନ ଆରମ୍ଭ ହେବ । ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । ଏହି କର୍ମଶାଳାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଶ୍ରୀମତୀ ପ୍ରଭାତୀ ପରିଡା, ରାଷ୍ଟ୍ରୀୟ ସଦସ୍ୟତା ଅଭିଯାନ ଟୋଲିର ସଦସ୍ୟ ଶ୍ରୀ ଋତୁରାଜ ସିହ୍ନା, ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର ଏବଂ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ । ରାଜ୍ୟର ସମସ୍ତ ସାଂସଦ, ବିଧାୟକ, ପଦାଧିକାରୀ, ଜିଲ୍ଲା ସଭାପତି, ସାଧାରଣ ସଂପାଦକ, ପ୍ରଭାରୀ ଏବଂ ସଦସ୍ୟତା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ସେହିପରି ସଦସ୍ୟତା ଅଭିଯାନ ପାଇଁ ଆସନ୍ତା ୨୨, ୨୩ ଓ ୨୪ରେ ଜିଲ୍ଲାସ୍ତରୀୟ ଏବଂ ୨୬,୨୭ ଓ ୨୮ ତାରିଖରେ ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ । ଆସନ୍ତା ୩୧ ତାରିଖ ସୁଦ୍ଧା ବୁଥସ୍ତରୀୟ କର୍ମଶାଳା ଆୟୋଜନ କରାଯିବ । ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟକର୍ତ୍ତା ଲୋକଙ୍କ ପାଖକୁ ଯାଇ ସଂପର୍କ ସ୍ଥାପନ କରିବେ । ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ନୂତନ ସଦସ୍ୟ ସଂଗ୍ରହ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏଥିଲାଗି ରାଜ୍ୟରେ ଜାତି, ବର୍ଣ୍ଣ, ଅନୁସୂଚିତ ଜାତି/ଜନଜାତି, ମହିଳା, ଯୁବକ, ଛାତ୍ର, ଗରିବ, ମଧ୍ୟମ ବର୍ଗ ମଧ୍ୟରେ ସଦସ୍ୟତା ଅଭିଯାନକୁ ତୀବ୍ର କରାଯିବ । ସେହିପରି ପ୍ରଥମ ଥର ମତଦାତା ହୋଇଥିବା ବା ହେବାକୁ ଯାଉଥିବା ଯୁବକ ଓ ଯୁବତୀମାନଙ୍କୁ ଯୋଗାଯୋଗ କରି ସେମାନଙ୍କୁ ଦଳର ସଦସ୍ୟ ଭାବେ ସାମିଲ କରାଯିବ । ଏହି ଅଭିଯାନରେ ସରକାରୀ ଯୋଜନାର ଲାଭାର୍ଥୀ, ସ୍କୁଲ, କଲେଜ, ଛାତ୍ରାବାସ, ସହିଦଙ୍କ ପରିବାର ଏବଂ ବସ୍ତିରେ ବାସ କରୁଥିବା ବ୍ୟକ୍ତି ବିଶେଷମାନଙ୍କୁ ସଦସ୍ୟ କରିବା ପାଇଁ ପ୍ରାଥମିକତା ଦିଆଯିବ । ସଦସ୍ୟତା ଅଭିଯାନକୁ ମଲ୍, ହାଟ ବଜାର, ରେଳ ଷ୍ଟେସନ, ବସ୍ ଷ୍ଟାଣ୍ଡ ତଥା ଅନ୍ୟାନ୍ୟ ଜନ ଏକତ୍ରିକରଣ ସ୍ଥାନରେ କରାଯିବା ସହ ଛୋଟ ସଭା, ଡ୍ରାମା ଏବଂ ଛତା ଲଗାଇ ସାଧାରଣ ଜନତାଙ୍କୁ ମିସ୍ କଲ୍ ଦେବାପାଇଁ କୁହାଯିବ ବୋଲି ଶ୍ରୀ ସାମଲ କହିଛନ୍ତି ।

# ୮୦ କୋଟିରୁ ଉର୍ଦ୍ଧ୍ୱ ଦର୍ଶକ ଦେଖିଲେ କିସ୍ ଓ ରିକି କେଜଙ୍କ ପ୍ରସ୍ତୁତ ଜାତୀୟ ସଙ୍ଗୀତ ଗାନ

ଭୁବନେଶ୍ୱର,୨୦।୮ **(ମହାଭାରତ):** ନିକଟରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିବା କିସ୍ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସଙ୍ଗୀତଜ୍ଞ, ପରିବେଶବିତ୍ ତଥା ତିନି ଥର ସମ୍ମାନଜନକ ଗ୍ରାମୀ ପୁରସ୍କାର ବିଜେତା ରିକି କେଜ୍‌ଙ୍କ ପ୍ରସ୍ତୁତ ଜାତୀୟ ସଙ୍ଗୀତ ଗାନକୁ ବିଭିନ୍ନ ଗଣମାଧ୍ୟମରେ ବିଶ୍ୱର ୮୦ କୋଟିରୁ ଊର୍ଦ୍ଧ୍ୱ ଦର୍ଶକ ଦେଖିଛନ୍ତି । ଏଥିରେ ଦିଗ୍‌ଗଜ ବଂଶୀ ବାଦକ ହରି ପ୍ରସାଦ ଚୌରାସିଆ, ବିଶିଷ୍ଟ ସରୋଦ ବାଦକ ଅମନ୍ ଓ ଆୟାନ ଅଲ୍ଲୀ ଖାନ୍, ବିଶିଷ୍ଟ ସନ୍ତୁର ବାଦକ ରାହୁଲ ଶର୍ମାଙ୍କ ଭଳି ଭାରତର ବହୁ ପ୍ରତିଷ୍ଠିତ ତଥା ସୁନାମଧନ୍ୟ ବାଦ୍ୟଯନ୍ତ୍ର ଶିଳ୍ପୀ ବାଦ୍ୟଯନ୍ତ୍ର ପରିବେଷଣ କରିଥିଲେ । ଏଥିରେ କିସ୍‌ର ୧୪ ହଜାର ଛାତ୍ରଛାତ୍ରୀ ଜାତୀୟ ସଂଗୀତ ଗାନ କରିଥିଲେ । ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ଅଗଷ୍ଟ ୧୪ତାରିଖ ସଂଧ୍ୟା ୫ଟା ସମୟରେ ଏହା ଆନୁଷ୍ଠାନିକ ଭାବେ ରିଲିଜ୍ ହୋଇଥିଲା ।

ଏହି ସୁନ୍ଦର ଜାତୀୟ ସଙ୍ଗୀତକୁ ସମଗ୍ର ବିଶ୍ୱରେ ପ୍ରଚାର କରାଯାଇଥିଲା । ବିଭିନ୍ନ ଛାପା ଗଣମାଧ୍ୟମ ବ୍ୟତୀତ ବୈଦ୍ୟୁତିକ ଗଣମାଧ୍ୟମ, ଡିଜିଟାଲ୍, ରେଡ଼ିଓ ଓ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ବହୁ ସଂଖ୍ୟକ ଦର୍ଶକ ଏହା ଦେଖିଥିଲେ । ବିବିସିଠାରୁ ଆରମ୍ଭ କରି ଅଧିକାଂଶ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମ ଏହାର ପ୍ରସାରଣରେ ସହଯୋଗ କରିଥିଲେ । ଉକ୍ତ ଗଣମାଧ୍ୟମଗୁଡ଼ିକର ତଥ୍ୟ ଆଧାରରେ ଏହି ଜାତୀୟ ସଙ୍ଗୀତ ୮୦ କୋଟିରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ନିକଟରେ ପହଞ୍ଚିପାରିଥିବା ଜଣାପଡ଼ିଛି ।




ଏହି ସଂଗୀତକୁ ଟାଇମ୍‌ସ ଏଣ୍ଟରଟେନ୍‌ମେଣ୍ଟ (୬ କୋଟି ଦର୍ଶକ), ନିଉଜ-୧୮ (୧୦ କୋଟି), ଏଏନ୍‌ଆଇ (୩ କୋଟି), ଡେଲି ହଣ୍ଟ (୨୪ କୋଟି), ଇଣ୍ଡିଆ ଟୁଡେ (୬ କୋଟି), ନିଉଜ-୯ ଲାଇଭ (୨ କୋଟି), ବିଜିନେସ୍ ଟୁଡେ (୪ କୋଟି), ଦି ଟେଲିଗ୍ରାଫ୍ (୫ କୋଟି), ଆଇବିସି-୨୪ (୩ କୋଟି), ଇଟିଭି ଭାରତ (୧୨ କୋଟି) ଓ ରିପବ୍ଲିକ୍ ଟିଭିରେ (୨ କୋଟି), ଦୂରଦର୍ଶନର ସମସ୍ତ ଆଞ୍ଚଳିକ ଓ ଜାତୀୟ ଚ୍ୟାନେଲ୍‌ରେ ୨ କୋଟି ଦର୍ଶକ ଏହାକୁ ଦେଖିଛନ୍ତି । ଏକ୍‌ସ (ଟୁଇଟର), ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ, ଫେସ୍‌ବୁକ୍ ଭଳି ସାମାଜିକ ଗଣମାଧ୍ୟମରେ ମଧ୍ୟ ଲକ୍ଷାଧିକ ଦର୍ଶକ ଏହାକୁ ଦେଖିଥିବା ଜଣାପଡ଼ିଛି । ଏକ୍‌ସରେ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଏହାକୁ ଦେଖିଥିବା ବେଳେ ଇନ୍‌ଷ୍ଟାଗ୍ରାମରେ ୩୫ ଲକ୍ଷ ଓ ୟୁଟ୍ୟୁବରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ଏହାକୁ ଦେଖିଛନ୍ତି ।

ସୂଚନାଯୋଗ୍ୟ, ଓଡ଼ିଶାକୁ ସମଗ୍ର ବିଶ୍ୱରେ ଏକ ସକରାତ୍ମକ ଶୈଳୀରେ ପରିବ୍ୟାପକ କରିବା ପାଇଁ କିଟ୍ ଓ କିସ୍ ଜରିଆରେ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍ୟମ କରିଆସୁଛନ୍ତି । ଏହି କାର୍ଯ୍ୟକ୍ରମ ଦ୍ୱାରା ସମଗ୍ର ବିଶ୍ୱରେ ଓଡ଼ିଶାର ଏକ ସକରାତ୍ମକ ବାର୍ତ୍ତା ପ୍ରଚାର ହୋଇପାରିଛି ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି । ଏଭଳି ଏକ ଚ୍ୟାଲେଞ୍ଜିଂ କାର୍ଯ୍ୟ କରିବା ପାଇଁ ରିକି କେଜ୍ ଦୀର୍ଘ ୬ମାସ ତଳୁ ଏହାର ପ୍ରସ୍ତୁତି ଆରମ୍ଭ କରି ଶେଷରେ ସଫଳ ହୋଇଥିଲେ । ଏଥିପାଇଁ ଶ୍ରୀ ସାମନ୍ତ ରିକିଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ମହିଳା ସଶକ୍ତୀକରଣ ପାଇଁ ଟାଟା ଷ୍ଟିଲ ପକ୍ଷରୁ ବିଭିନ୍ନ ପଦକ୍ଷେପ

**ଭୁବନେଶ୍ୱର,୨୦।୮ (ମହାଭାରତ):** ବାଲେଶ୍ୱର ଜିଲ୍ଲାର ବାଲିଆପାଳ ଅଞ୍ଚଳରେ ମହିଳାମାନଙ୍କୁ ଜୀବିକା ପ୍ରଦାନ କରି ସେମାନଙ୍କୁ ଅଧିକ ସଶକ୍ତ କରିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଏହାର 'ଜେଣ୍ଡର ଆଣ୍ଡ କମ୍ୟୁନିଟି ଏଂଟରପ୍ରାଇଜ୍ ଡିଭିଜନ' ଅଧୀନରେ ୧୪୪ ମହିଳାଙ୍କ ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ (ଏସ୍‌ଏଚ୍‌ଜି) କରାଯାଇଛି । ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପର ଆଖପାଖ ଗାଁର ଏହି ଏସ୍‌ଏଚ୍‌ଜିଗୁଡ଼ିକରେ ବାଲିଆପାଳ ଓ ବସ୍ତା ଅଂଚଳର ୪୨୭ ମହିଳା ବିଭିନ୍ନ କ୍ଷୁଦ୍ର ବ୍ୟବସାୟ ଓ ଉତ୍ପାଦନ ୟୁନିଟ୍‌ରେ ନିୟୋଜିତ ହୋଇଛନ୍ତି । ସେମାନେ ଡାଲି ପ୍ରକ୍ରିୟାକରଣ, ଛତୁ ଚାଷ, ଚାନ୍ଦୁଆ ହସ୍ତଶିଳ୍ପ, ସବାଇଘାସ ହସ୍ତଶିଳ୍ପ, ମତ୍ସ୍ୟଚାଷ ଆଦି କାର୍ଯ୍ୟରେ ନିଜକୁ ସାମିଲ କରି ଆତ୍ମନିର୍ଭରଶୀଳ ହେଇପାରିଛନ୍ତି । ଏହାର ଏକ ବଳିଷ୍ଠ ଉଦାହରଣ ହେଉଛି ବାଲିଆପାଳ ବ୍ଲକ ସ୍ଥିତ ପ୍ରତାପପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ପ୍ରତାପପୁର ଗ୍ରାମର ସୁବର୍ଣ୍ଣ ସହେଲି ହସ୍ତଶିଳ୍ପ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ରାଧାରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ । ସୁବର୍ଣ୍ଣ ସହେଲି ଏସ୍‌ଏଚ୍‌ଜିର ସକ୍ରିୟ ସଦସ୍ୟା ମମତା ଜେନା ନିଜର ବ୍ୟବସାୟ ବିଷୟରେ ଖୁସି ବ୍ୟକ୍ତ କରି କହିଛନ୍ତି ଯେ ''ଆମ ଫୁଲ ଦାନି ଓ ଫଳ ଟୋକେଇ ର ସ୍ଥାନୀୟ ଅଞ୍ଚଳରେ ଭଲ ଚାହିଦା ରହିଛି ଏହାକୁ କିଣିବା ପାଇଁ ଆମେ ଦୋକାନୀ ମାନଙ୍କଠାରୁ ଅଧିକ ବରାଦ ପାଉଛୁ''।

# ଇନ୍‌ଡେଲ ମନି ସଂବିତରଣରେ ୫୪% ଅଭିବୃଦ୍ଧି

**ଭୁବନେଶ୍ୱର,୨୦।୮ (ମହାଭାରତ):** ଇନ୍‌ଡେଲ କର୍ପୋରେସନର ଫ୍ଲାଗସିପ୍ ଅଣ-ବ୍ୟାଙ୍କିଙ୍ଗ ଫାଇନାନ୍ସ କମ୍ପାନୀ (ଏନବିଏଫ୍‌ସି) ଇନ୍‌ଡେଲ ମନି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ତାହାର ପରିଚାଳନାରୁ ରାଜସ୍ୱ ଆୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଥିବା ଘୋଷଣା କରିଛି । ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ କମ୍ପାନୀର ପରିଚାଳନାରୁ ମୋଟ ରାଜସ୍ୱ ଆୟ ୭୮.୫୨ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ଆର୍ଥିକ ବର୍ଷର ଉକ୍ତ ତ୍ରୟମାସିକରେ ହୋଇଥିବା ପରିଚାଳନାଗତ ଆୟ ୬୫.୫୨ କୋଟି ଟଙ୍କା ତୁଳନାରେ ୧୯.୮୪% ବୃଦ୍ଧିଘଟିଛି । କମ୍ପାନୀର ଲାଭରେ ୧୬.୭୬ କୋଟି ଟଙ୍କା ବୃଦ୍ଧି ଘଟିଛି । କମ୍ପାନୀର ଡେବ୍‌ଟ-ଟୁ-ଇକ୍ୱିଟି ଅନୁପାତରେ ମଧ୍ୟ ଆଲୋଚ୍ୟ ତ୍ରୟମାସିକରେ ଉନ୍ନତି ଘଟିଛି, ଯାହା ଋଣ ପରିମାଣ କମ୍ ରଖି ଉଲ୍ଲେଖନୀୟ ପରିମାଣର ନଗଦ ଅର୍ଥ ପ୍ରବାହ ସୃଷ୍ଟିର ଉଲ୍ଲେଖନୀୟ ସଙ୍କେତ ଦେଉଛି ।

ତ୍ରୟମାସିକ ଫଳାଫଳ ସମ୍ପର୍କରେ ମତ ଦେଇ ଉମେଶ ମୋହନନ୍, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଓ ସିଇଓ, ଇନ୍‌ଡେଲ ମନି କହିଛନ୍ତି, "ଉଚ୍ଚ ସୁଧହାର ସମୟ ଏବଂ ଆରବିଆଇ ସର୍ତ୍ତାବଳୀ କାରଣରୁ ପାଣ୍ଠି ଯୋଗାଣରେ କଟକଣା ସତ୍ତ୍ୱେ ୨୦୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ଆମର ପ୍ରଦର୍ଶନ ଏକ ଦୀର୍ଘାବଧି ଅଭିବୃଦ୍ଧି ଏବଂ ପ୍ରତ୍ୟେକ ତ୍ରୟମାସିକରେ ପରିଚାଳନାଗତ ଉତ୍କର୍ଷ ବଜାୟ ରଖିବା ଦିଗରେ ଆମର ଦୃଢ଼ତା ଓ ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରୁଛି ।

# ଜେଏମ ଫାଇନାନସିଆଲ ପକ୍ଷରୁ ଶାଖା ଆରମ୍ଭ

ଭୁବନେଶ୍ୱର,୨୦।୮ **(ମହାଭାରତ):** ଜେଏମ ଆର୍ଥିକ ଆସେଟ ମ୍ୟାନେଜମେଂଟ ଲିମିଟେଡ ଭୁବନେଶ୍ୱର ସହରରେ ଏହାର ଶାଖା ଆରମ୍ଭ କରିବାକୁ ଘୋଷଣା କରିଛି । ଜେଏମ ଫାଇନାନସିଆଲ୍ ଆସେଟ ମ୍ୟାନେଜମେଂଟ ଲିମିଟେଡର ମୁଖ୍ୟ ବ୍ୟବସାୟ ଅଧିକାରୀ ସେମନ୍ତ ଶୁକ୍ଲା, ଆଂଚଳିକ ମୁଖ୍ୟ ସତୀଶ ସିଂ ଏବଂ ଚିତରଞ୍ଜନ ରାଉତ, କ୍ଲଷ୍ଟର ହେଡ ଭୁବନେଶ୍ୱର ସହିତ ଏହି ଶାଖା ଉଦଘାଟନ କରିଥିଲେ । ଭୁବନେଶ୍ୱରକୁ ପ୍ରାୟତଃ ଭାରତର ମନ୍ଦିରମାଳିନୀ ସହର କୁହାଯାଇଥାଏ । ଓଡିଶାର ଜୀବନ୍ତ ରାଜଧାନୀ ଜଣାଶୁଣା ଜର୍ମାନ ସ୍ଥପତି ଅଟୋ କୋନିଗସବର୍ଗଙ୍କ ଦ୍ୱାରା ୧୯୪୬ ମସିହାରେ ଡିଜାଇନ କରାଯାଇଥିଲା । ଜାମସେଦପୁର ଏବଂ ଚଣ୍ଡିଗଡ଼ ପରି ଏହା ଆଧୁନିକ ଭାରତର ପ୍ରଥମ ଯୋଜନାବଦ୍ଧ ସହର ମଧ୍ୟରୁ ଅନ୍ୟତମ । ଆଧୁନିକ ଅଭିବୃଦ୍ଧି ସହିତ ଭୁବନେଶ୍ୱର ଐତିହାସିକ ଗୁରୁତ୍ୱ ରହିଛି । ଏହା ସୁଚିନ୍ତିତ ଭିତିଭୂମି ସହିତ ଶିକ୍ଷା, ସଂସ୍କୃତି ଏବଂ ବାଣିଜ୍ୟ ପାଇଁ ଏକ ଉନ୍ନତ ହବ ଏବଂ ଇନଫୋସିସ ଭଳି ଏକ ଦୃଢ଼ ଆଇଟି ଇଣ୍ଡଷ୍ଟ୍ରି ବର୍ତମାନ ଏଠାରେ ଏକ ବିସ୍ତୃତ କ୍ୟାମ୍ପସ ପ୍ରତିଷ୍ଠା କରୁଛି । ଶିଳ୍ପ ପାର୍କ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ କିମ୍ବା ଏସଇଜେଡର ଉପସ୍ଥିତି ମଧ୍ୟ ଉତ୍ପାଦନ କ୍ଷେତ୍ରକୁ ବୃଦ୍ଧି କରିଛି । କ୍ରୀଡା ପ୍ରତି ଉତ୍ସର୍ଗୀକୃତ ପାଇଁ ଓଡିଶା ଜଣାଶୁଣା । ୧୦ ବର୍ଷ ଧରି ଭାରତୀୟ ହକି ଦଳକୁ ପ୍ରାୟୋଜିତ କରିବା ବ୍ୟତୀତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ବିଶ୍ୱସ୍ତରର ଭିତିଭୂମି ତଥା ସୁବିଧା ପାଇଁ ହକି, ଆଥଲେଟିକ୍ସ, ଫୁଟବଲ, ସ୍ପୋର୍ଟ କ୍ଲାଇବିଂ, ଭାରୋତଳୋନ, ସନ୍ତରଣ, କ୍ରୀଡା ବିଜ୍ଞାନ ଇତ୍ୟାଦି ପାଇଁ ଜଣାଶୁଣା ।

# କୋଲକାତାରେ ସିଆଇଆଇ ପୂର୍ବାଂଚଳ ଏକଜିମ୍ ସମ୍ମିଳନୀରେ ଧର୍ମେନ୍ଦ୍ର ପ୍ରଧାନ

**ଭୁବନେଶ୍ୱର,୨୦।୮ (ମହାଭାରତ):** ପୂର୍ବ ଭାରତରେ ବିପୁଳ ପ୍ରାକୃତିକ ସମ୍ପଦ, ପ୍ରତିଭାସମ୍ପନ୍ନ ଯୁବଗୋଷ୍ଠୀ ଓ ଦକ୍ଷ ଶ୍ରମଶକ୍ତି ରହିଛି । ଏହି ରାଜ୍ୟ ସମୂହର ମାନବ ସମ୍ବଳ ଏବଂ ବୌଦ୍ଧିକ କ୍ଷମତା ଆମ ଦେଶର ଅଭିବୃଦ୍ଧିକୁ ଆଗକୁ ନେଇପାରିବ । ବିଶେଷ ଭାବରେ କୋଲକାତା, ଭୁବନେଶ୍ୱର, ପାଟନା, ରାଞ୍ଚି, ରାୟପୁର ଏବଂ ପୂର୍ବ ଭାରତର ସମସ୍ତ ପ୍ରମୁଖ ସହର ଭାରତ ଓ ବିଶ୍ୱ ଅଭିବୃଦ୍ଧିର ଇଞ୍ଜିନ ହେବାର ସମ୍ଭାବନା ରଖିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ମଙ୍ଗଳବାର କୋଲକାତା ଠାରେ ଆୟୋଜିତ "ସିଆଇଆଇ ପୂର୍ବାଞ୍ଚଳ ଏକଜିମ୍ ସମ୍ମିଳନୀ-୨୦୨୪"ରେ ପୂର୍ବାଞ୍ଚଳକୁ ଭାରତର ପ୍ରଗତିର ପ୍ରବେଶ ଦ୍ୱାରରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ପୂର୍ବାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଚଳିତବର୍ଷ ବଜେଟରେ ପ୍ରସ୍ତୁତ 'ପୂର୍ବୋଦୟ ଯୋଜନା' ହୋଇଛି । ସାଧାରଣତଃ ଦେଶର ସମସ୍ତ ରପ୍ତାନି ମଧ୍ୟରୁ ଅଳ୍ପ ପରିମାଣର ରପ୍ତାନି ପୂର୍ବ ଭାରତରୁ ଆସିଥାଏ । ଭାରତ ସରକାରଙ୍କ ରପ୍ତାନି ପ୍ରୋତ୍ସାହନ ନୀତିକୁ ମୋଦୀ ସରକାର ପ୍ରାଥମିକତା ଦେଉଛନ୍ତି । ଆମର ଅନେକ ଦେଶ ସହିତ




ମୁକ୍ତ ବାଣିଜ୍ୟ ଚୁକ୍ତି ଅଛି ଯାହାଦ୍ୱାରା ପୂର୍ବ ଭାରତ ଏଥିରୁ ଅଧିକ ଲାଭବାନ ହୋଇପାରିବ । ପ୍ରଥମ ପର୍ଯ୍ୟାୟରେ ଏହି କ୍ଷେତ୍ରର ବିକାଶ ପାଇଁ ଏଠାରେ ଭିତିଭୂମି କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଇଁ ନୀତି ସଂସ୍କାର ପାଇଁ ଚିନ୍ତା କରାଯାଇଛି । ଦୀର୍ଘ ଦିନ ପରେ ଦେଶର ଖଣିଜ ନୀତିରେ ସଂସ୍କାର ଆସିଛି । ଏହି ସବୁ ଲାଭ ପୂର୍ବ ଭାରତକୁ ମିଳିବ । ପୂର୍ବ ଭାରତର ପ୍ରତିଭା ପୁଞ୍ଜିର ଆକାଂକ୍ଷାକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ପୂର୍ବ ଭାରତର ୱେଲଥ୍ କ୍ରିଏଟର, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଏବଂ ନୀତି ନିର୍ଦ୍ଧାରଣକାରୀ ଏକାଠି ହେବା ଆବଶ୍ୟକ । ପୂର୍ବ ଭାରତର ସମ୍ପୂର୍ଣ୍ଣ ରପ୍ତାନି ସମ୍ଭାବନାକୁ ଉପଲବ୍ଧ କରିବା ଏବଂ ଭାରତକୁ ରପ୍ତାନିର ଏକ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବା ପାଇଁ ଭାରତୀୟ ଶିଳ୍ପ ସଂଘ (ସିଆଇଆଇ ଭଳି ଶିଳ୍ପ ସଂସ୍ଥା ଅଗ୍ରଣୀ ଭୂମିକା ଗ୍ରହଣ କରିବା ଆବଶ୍ୟକ । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଆଇଆଇଟି ଖଡଗପୁର ଗବେଷଣା ପାର୍କ ପରିଦର୍ଶନ କରିଥିଲେ । ପଶ୍ଚିମବଙ୍ଗରେ କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକର କାର୍ଯ୍ୟକାରିତା, ଶୈକ୍ଷିକ ପ୍ରଦର୍ଶନ, ଗବେଷଣା ପ୍ରକଳ୍ପ, ଶିଳ୍ପ ସହଭାଗୀତା, ରାଙ୍କିଂ, ରେଟିଂ ଏବଂ ଭବିଷ୍ୟତ ଯୋଜନା ଉପରେ ଏକ ବିସ୍ତୃତ ପ୍ରଜେଣ୍ଟେସନ ଦେଖିଥିଲେ । ଏନଆଇଟି ଦୁର୍ଗାପୁର, ଆଇଜର୍ କୋଲକାତା, ଆଇଆଇଇଏସଟି ଶିବପୁର, ଟ୍ରିପଲ ଆଇଟି କଲ୍ୟାଣୀ, ବିଶ୍ୱ ଭାରତୀ, ଆଇଆଇଏମ କୋଲକାତା, ଏନଆଇଟିଟିଆର କୋଲକାତା, ଜିକେସିଆଇଇଟି ମାଲଦା ଏବଂ ଆଇଆଇଟି ଖଡ଼ଗପୁର ଭଳି ସମସ୍ତ ଅନୁଷ୍ଠାନ ଗବେଷଣା, ଇନୋଭେସନ, ଉଦ୍ୟୋଗ ଏବଂ ନିଯୁକ୍ତି ଦୃଶ୍ୟପଟ୍ଟକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ଅନେକ ମହତ୍ୱାକାଂକ୍ଷୀ ଯୋଜନା ଉପରେ କାର୍ଯ୍ୟ କରୁଛନ୍ତି । ଆମର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଶ୍ୱସ୍ତରୀୟ ଜ୍ଞାନ କେନ୍ଦ୍ରରେ ପରିଣତ କରିବା ଏବଂ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ନାଳନ୍ଦା ଭାବନାକୁ ପୁନର୍ଜୀବିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଥିଲେ ।

# ଆଳୁ ପାଇଁ ହୀନସ୍ତା

ଆଳୁ କେଜି ୪୦ରୁ ୫୦ ଟଙ୍କାରେ ବିକ୍ରୀ ହେଉଛି । ଗରିବ ଓ ନିମ୍ନମଧ୍ୟବିତ୍ତ ବର୍ଗ ଏଭଳି ଅସ୍ୱାଭାବିକ ଦର ବୃଦ୍ଧିରେ ଘାଣ୍ଟି ହୋଇଗଲେଣି । କେବଳ ଏବେ ନୁହେଁ, ପ୍ରତିବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ଟମାଟୋ ଦର ବଢ଼ିଲେ ଚଳିବ । ଏହାର ବ୍ୟବହାର ସୀମିତ ଏବଂ କିଛି ଦିନ ଟମାଟୋ ନକିଣିଲେ କିଛି ଯାଏ ଆସେ ନାହିଁ । କିନ୍ତୁ ଆଳୁ ଏକ ଅତି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ । ଚାଉଳ, ଗହମ ପରେ ସମ୍ଭବତଃ ସର୍ବାଧିକ ବ୍ୟବହାର ହେଉଥିବା ଖାଦ୍ୟ ସାମଗ୍ରୀ ହେଲା ଆଳୁ । ଗୋଟିଏ ଛୋଟ ପରିବାର ପାଇଁ ମଧ୍ୟ ଦୈନିକ ହାରାହାରି ଅଧକିଲୋ ଆଳୁର ଆବଶ୍ୟକତା ରହିଛି । ଏହାର ଦର ବୃଦ୍ଧି ନିଶ୍ଚିତ ଭାବେ ସାଧାରଣ ଜନତାଙ୍କ ପାଇଁ ବେଡ଼ି ଉପରେ କୋରଡ଼ା ସଦୃଶ । ଆମେ ଆଳୁ ପାଇଁ ପଶ୍ଚିମବଙ୍ଗ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ଟିଏମସି ଗୁଣ୍ଡାମାନେ ଆଳୁ ଟ୍ରକ ଅଟକାଉଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପଶ୍ଚିମବଙ୍ଗ ପୋଲିସ ମଧ୍ୟ ଆଳୁ ଟ୍ରକ ଅଟକାଇବା ସହିତ ଟ୍ରକ ଡ୍ରାଇଭରମାନଙ୍କୁ ହଇରାଣ କରୁଛନ୍ତି । ବାଧ୍ୟ ହୋଇ ଆଳୁ ଟ୍ରକ ଫେରିଯାଉଛି । ଏଥିରେ ପଶ୍ଚିମବଙ୍ଗର ବ୍ୟବସାୟୀ ଏବଂ ଆଳୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି ।ଓଡ଼ିଶାରେ ବିଜେପି ସରକାର ଗଠିତ ହେବା ପରେ ମମତା ବାନାର୍ଜୀ ଅସହିଷ୍ଣୁ ହୋଇ ଏଭଳି ନିମ୍ନ ଧରଣର ରାଜନୀତି କରୁଛନ୍ତି । ଏବେ ରାଜ୍ୟ ସରକାର ବିକଳ୍ପ ବ୍ୟବସ୍ଥା ସ୍ୱରୂପ ପଶ୍ଚିମବଙ୍ଗ ପରିବର୍ତ୍ତେ ୟୁପିରୁ ଆଳୁ ଆଣିବା ବ୍ୟବସ୍ଥା କରୁଛନ୍ତି । ଏହା ଟିକେ ବ୍ୟୟ ବହୁଳ ହେବ । କାରଣ ପଶ୍ଚିମବଙ୍ଗ ତୁଳନାରେ ୟୁପିରୁ ଆଳୁ ଆଣିବାରେ ପରିବହନ ଖର୍ଚ୍ଚ ଅଧିକ ହେବ । କିନ୍ତୁ ତତ୍କାଳ ଆବଶ୍ୟକତା ପୂରଣ ନିମନ୍ତେ ଏହା ବ୍ୟତିତ ଅନ୍ୟ ପନ୍ଥା ନାହିଁ । ଏହା କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା ନୁହେଁ । ମମତା ବାନାର୍ଜୀ ସବୁ ବେଳେ ଅଭିଯୋଗ କରୁଛନ୍ତି ଯେ, ବିଜେପି ଶାସନ କାଳରେ ଦେଶର ସଂଘୀୟ ବ୍ୟବସ୍ଥା ବିପଦରେ ପଡ଼ିଛି । କିନ୍ତୁ ବାସ୍ତବରେ ସେ ହିଁ ସଂଘୀୟ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରୁଛନ୍ତି । ପଶ୍ଚିମବଙ୍ଗ ମଧ୍ୟ ଅନେକ କ୍ଷେତ୍ରରେ ଓଡ଼ିଶା ଉପରେ ନିର୍ଭରଶୀଳ । ଏହା ହେଉଛି ଭାରତର ସ୍ୱତନ୍ତ୍ରତା । ଦେଶର ବିଭିନ୍ନ ରାଜ୍ୟ ପରସ୍ପର ଉପରେ ନିର୍ଭର କରି ଚଳୁଛନ୍ତି । କେହି ସବୁ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ନୁହଁନ୍ତି । ଓଡ଼ିଶା ଏବଂ ଅନ୍ୟାନପ୍ୟ ରାଜ୍ୟରୁ ପଶ୍ଚିମବଙ୍ଗକୁ ମଧ୍ୟ ଅନେକ ସାମଗ୍ରୀ ସଡ଼କ ପଥରେ ଯାଉଛି । ପଶ୍ଚିମବଙ୍ଗ-ଓଡ଼ିଶା ସୀମାରେ ଯଦି ଓଡ଼ିଶାବାସୀ ଏସବୁ ଟ୍ରକକୁ ଅଟକାଇବେ ତେବେ ପରିସ୍ଥିତି କ'ଣ ହେବ ? ଏବେ ଓଡ଼ିଶା ସରକାର କହିଛନ୍ତି ଯେ, ପଶ୍ଚିମବଙ୍ଗକୁ ବୟକଟ କରାଯିବ । ସେମାନେ ଓଡ଼ିଶାକୁ ଆଳୁ ଛାଡ଼ିବା ଉପରେ କଟକଣା ଲଗାଇବେ , ତା ପୂର୍ବରୁ ଓଡ଼ିଶା ପଶ୍ଚିମବଙ୍ଗରୁ ଆଳୁ କିଣିବା ବନ୍ଦ କରିବ । ଏହା ସ୍ୱାଗତଯୋଗ୍ୟ । କିନ୍ତୁ ଏହା ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା ନୁହେଁ । ମାଗି ଆଣିଲା ତିଅଣରେ କେତେଦିନ ଚଳିବା ? ଏଥିଲାଗି ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ଏହା ଗୋଟିଏ ଦିନରେ ସମ୍ଭବ ନୁହେଁ । ଏଥିଲାଗି କିଛି ବର୍ଷ ଲାଗିବ । ଆଳୁ ଉତ୍ପାଦନ ବୃଦ୍ଧି ଏବଂ ସଂରକ୍ଷଣ ନିମନ୍ତେ ଯୋଜନା ଏବଂ ବ୍ୟବସ୍ଥା କରିବାକୁ ପଡ଼ିବ । ରାଜ୍ୟ ସରକାର ଏବେ ୫୮ଟି ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଉତ୍ପାଦିତ ଆଳୁ ଏହିସବୁ ଶୀତଳ ଭଣ୍ଡାରରେ ସଂରକ୍ଷିତ ରଖାଯାଇପାରିବ । ଏଥିଲାଗି ଏକ ୫ ବର୍ଷିଆ ଯୋଜନା କରିବାକୁ ପଡ଼ିବ । ପ୍ରତିବର୍ଷ ଆଳୁ ଉତ୍ପାଦନ ବଢ଼ାଇବାକୁ ପଡ଼ିବ । ଚାଷୀଙ୍କୁ ଏଥିଲାଗି ସହାୟତା ଏବଂ ପ୍ରୋତ୍ସାହନ ଦେବାକୁ ପଡ଼ିବ । ଅତୀତରେ ନବୀନ ପଟ୍ଟନାୟକ ସରକାରେ ଆଳୁ ମିଶନ ଆରମ୍ଭ କରିଥିଲେ । ଏ ବାବଦରେ ବିପୁଳ ଅର୍ଥ ବରବାଦ ହେଲା । ମିଶନ ସମ୍ପୂର୍ଣ୍ଣ ବିଫଳ ହେଲା ।

# ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱରଃ

॥ ଯଶସ୍ୱିନୀ ପଟ୍ଟନାୟକ ॥

> ଆର୍ଯ୍ୟଭୂମି ଭାରତରେ ଗୁରୁ ପୂଜନର ଏକ ସୁଦୀର୍ଘ ପରମ୍ପରା ଯୁଗ ଯୁଗ ଧରି ମହାଭାରତୀୟ ସ୍ରୋତକୁ ଗୌରବାନ୍ୱିତ କରି ଆସୁଛି । ଗୁରୁଙ୍କୁ ସମ୍ମାନ ଦେବାର ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି । ହିନ୍ଦୁ ଧର୍ମଗ୍ରନ୍ଥରେ ଅନେକ ଗୁରୁଙ୍କ ବର୍ଣ୍ଣନା ରହିଛି । ଯେଉଁମାନେ ଗୁରୁ ଶିଷ୍ୟ ପରମ୍ପରାକୁ ଅତି ଉଚ୍ଚସ୍ଥାନ ପ୍ରଦାନ କରିଛନ୍ତି । ପୁରାଣର ସେଇ ୯ଜଣ ଶ୍ରେଷ୍ଠ ଗୁରୁଙ୍କ ମଧ୍ୟରେ ଭଗବାନ ଶିବ ପ୍ରଥମ ଗୁରୁର ମାନ୍ୟତା ଲାଭ କରିଥିବା ବେଳେ ଅନ୍ୟ ପ୍ରମୁଖ ଗୁରୁ ହେଲେ ବୃହସ୍ପତି, ଶୁକ୍ରାଚାର୍ଯ୍ୟ, ପର୍ଶୁରାମ, ବେଦବ୍ୟାସ, ସାନ୍ଦିପନୀ ଓ ଦ୍ରୋଣାଚାର୍ଯ୍ୟ ।

'ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱରଃ, ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।' ଛାତ୍ରବତ୍ସଳ ରାଷ୍ଟ୍ରପତି ରାଧାକୃଷ୍ଣନଙ୍କ ପ୍ରତି ଛାତ୍ରମାନଙ୍କର ଖୁବ ଶ୍ରଦ୍ଧା ଥିଲା । ତେଣୁ ରାଷ୍ଟ୍ରପତି ହେବା ପରେ ଏକ ଛାତ୍ର ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ତାଙ୍କ ଜନ୍ମଦିନ ଜାତୀୟସ୍ତରରେ ପାଳନ କରିବାର ଅଭିଳାଷ ପୋଷଣ କରିଥିଲେ । ତତ୍କାଳୀନ ମାନ୍ୟବର ରାଷ୍ଟପ୍ରତି କହିଥିଲେ ତାଙ୍କ ଜନ୍ମ ଦିନ ସେମାନେ ପାଳନ କରିବାକୁ ଚାହୁଁଛନ୍ତି ଏହା ଅତି ଉତ୍ତମ କଥା । କିନ୍ତୁ ସେ ଚାହାନ୍ତି ତାଙ୍କ ଜନ୍ମଦିନ ଶିକ୍ଷକ ସମାଜ ପାଇଁ ସମ୍ମାନ ଆଣିଦେଉ । ଅତଏବ୍ ତାଙ୍କ ଜନ୍ମଦିନକୁ ଶିକ୍ଷକଙ୍କ ସମ୍ମାନ ଦିବସ ବା ଗୁରୁ ଦିବସ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ । ନିଜେ ଜଣେ ଶିକ୍ଷକ ହୋଇଥିବାରୁ ଶିକ୍ଷକକୁଳର ସମ୍ମାନରେ ଏହା ପାଳନ କରାଗଲେ ସେ ଖୁସି ହେବେ ବୋଲି କହିଥିଲେ ।

ଗୁରୁଙ୍କ ମହିମା ଘେନି ସ୍ୱୟଂ ସନ୍ଥ କବୀର ସ୍ୱଲିଖିତ ଏକ ପଦରେ ଉଲ୍ଲେଖ କରିଛନ୍ତି ଯେ ଉଭୟ ଭଗବାନ ଓ ଗୁରୁ ଏକତ୍ର ଦଣ୍ଡାୟମାନ ହେଲେ ସେ ପ୍ରଥମେ ଗୁରୁଙ୍କୁ ପ୍ରଣାମ କରିବେ । କାରଣ ଗୁରୁ ହିଁ ତାଙ୍କୁ ଈଶ୍ୱରଙ୍କୁ ଜାଣିବାର ଜ୍ଞାନ ସମ୍ଭବ କରାଇବେ । ଯାହା ଭଗବାନଙ୍କୁ ପ୍ରଣାମ କଲେ ହେବନାହିଁ । ସେ ଭଗବାନଙ୍କୁ ପ୍ରଣାମ ହୁଏତ କରିବେ କିନ୍ତୁ ଭଗବାନ କିଏ ଏବଂ କ'ଣ ପାଇଁ ସେ ଶକ୍ତିମାନ ତାହା ଅଜଣା ରହିଯିବ । କବୀର ପୁଣି କହିଛନ୍ତି ବ୍ରହ୍ମାଙ୍କର ମାନସ ପୁତ୍ର ମନୁ ଗୁରୁଙ୍କୁ ହିଁ ମଣିଷର ପ୍ରକୃତ ଅଭିଭାବକ ଦର୍ଶାଇଛନ୍ତି । ମନୁଙ୍କ ଅନୁଯାୟୀ, ବିଦ୍ୟା ମାତା ରୂପରେ ଶିଷ୍ୟକୁ ଲାଳନପାଳନ କରନ୍ତି, ସଦ୍‌ଗୁରୁ ସେ ଶିଷ୍ୟକୁ ଉପଯୁକ୍ତ ଭାବେ ବଞ୍ଚିବାର ପରମଲକ୍ଷ୍ୟ ପ୍ରାପ୍ତିର ସାମର୍ଥ୍ୟ ଦେଇଥାନ୍ତି । ପିତା ମାତା ଶିଶୁକୁ ଜନ୍ମ ଦେଇ ତାର ପାଳନ ପୋଷଣ କରିଥାନ୍ତି କିନ୍ତୁ ବିକାଶର ମାଧ୍ୟମ ହୁଅନ୍ତି ଗୁରୁ । ଶିଶୁକୁ ସତପଥରେ ଚାଲିବା ଶିଖାନ୍ତି ଗୁରୁ । ମନୁଙ୍କ ଦୃଷ୍ଟିରେ ବିଦ୍ୟା ମାତା ହେଲେ ଗୁରୁ ତାର ପିତା । ଏହି ପ୍ରସଙ୍ଗରେ ଏକ କାହାଣୀ ମଧ୍ୟ ରହିଛି । ପୁରାଣ ଯୁଗରେ ଜଣେ ରାଜା ଗୁରୁ ଓ ଭଗବାନଙ୍କ ମଧ୍ୟରୁ କିଏ ଶ୍ରେଷ୍ଠ ସେ ବିଷୟରେ ଏକ ପରୀକ୍ଷା କରିବାକୁ ଅଧିକାଂଶ ଜ୍ଞାନୀ ଗୁରୁ ହିଁ ଶ୍ରେଷ୍ଠ ବୋଲି ମତ ଦେଇଥିଲେ । ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମଣିଷକୁ ଜ୍ଞାନ ଔଜ୍ଜଲ୍ୟ ସହିତ ପରିଚିତ କରାଇଥାନ୍ତି । ପ୍ରଥମେ ଗୁରୁଙ୍କୁ ପୂଜିଲେ ସେ ଯଥାର୍ଥରେ ଭଗବାନଙ୍କ ଲୀଳା ସମ୍ପର୍କରେ ଅବଗତ କରାଇଥାନ୍ତି ।

ଗୁରୁ ଶିଷ୍ୟ ପରମ୍ପରା କ୍ରମରେ ଗୁରୁକୁଳ ଶିକ୍ଷା ଦାନ ଉଲ୍ଲେଖ କରିବାର କଥା ଆବଶ୍ୟକତା ରହିଛି । ପ୍ରାଚୀନ କାଳରେ ଏହି ଶିକ୍ଷା ବିଶେଷ ମହତ୍ତ୍ୱ ରଖିଥିଲା । ସେ ସମୟରେ ଆଜିଭଳି ସ୍କୁଲ ଶିକ୍ଷାର ସୁବିଧା ନଥିଲା । ଥିଲା ଏକ ପାରମ୍ପରିକ ଶିକ୍ଷାଦାନ ବ୍ୟବସ୍ଥା । ଯାହାକୁ କୁହନ୍ତି ଗୁରୁକୁଳ ଶିକ୍ଷା । ଏଥିପାଇଁ ବାଳକ ମାନଙ୍କୁ ଗୁରୁ ଆଶ୍ରମ ପଠାଯାଉଥିଲା । ସେଠାରେ ସେମାନେ ଶିକ୍ଷା ସମାପ୍ତ ଯାଏ ରହି ବିଦ୍ୟା ଶିକ୍ଷା ସହିତ ନୈତିକ ଶିକ୍ଷା ମଧ୍ୟ ଲାଭ କରୁଥିଲେ । ଗୁରୁ ଭାବେ ମୁନି ଋଷି ସେମାନଙ୍କୁ ଶିକ୍ଷାଦାନ ସହିତ ଅଭିଭାବକ ସାଜି ସେମାନଙ୍କର ଭଲମନ୍ଦ ଦେଖାଶୁଣା କରୁଥିଲେ । ଶିଷ୍ୟ ମଧ୍ୟ ଗୁରୁ ପତ୍ନୀଙ୍କୁ ପିତାମାତାର ସମ୍ମାନ ଦେଉଥିଲେ । ଆଧୁନିକ ଯୁଗରେ ଗୁରୁକୁଳ ପରମ୍ପରା ଦେଖିବାକୁ ମିଳୁନଥିଲେ ହେଁ ଗୁରୁକୁଳମାନେ ଅବଶ୍ୟ ପ୍ରତିଷ୍ଠା କରାଯାଉଛି । ବିଶେଷ କରି ଗାନ୍ଧର୍ବ କଳା କ୍ଷେତ୍ରରେ ଏଭଳି ଗୁରୁକୁଳ ଦେଖିବାକୁ ମିଳୁଛି ।

ଆର୍ଯ୍ୟଭୂମି ଭାରତରେ ଗୁରୁ ପୂଜନର ଏକ ସୁଦୀର୍ଘ ପରମ୍ପରା ଯୁଗ ଯୁଗ ଧରି ମହାଭାରତୀୟ ସ୍ରୋତକୁ ଗୌରବାନ୍ୱିତ କରି ଆସୁଛି । ଗୁରୁଙ୍କୁ ସମ୍ମାନ ଦେବାର ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି । ହିନ୍ଦୁ ଧର୍ମଗ୍ରନ୍ଥରେ ଅନେକ ଗୁରୁଙ୍କ ବର୍ଣ୍ଣନା ରହିଛି । ଯେଉଁମାନେ ଗୁରୁ ଶିଷ୍ୟ ପରମ୍ପରାକୁ ଅତି ଉଚ୍ଚସ୍ଥାନ ପ୍ରଦାନ କରିଛନ୍ତି । ପୁରାଣର ସେଇ ୯ଜଣ ଶ୍ରେଷ୍ଠ ଗୁରୁଙ୍କ ମଧ୍ୟରେ ଭଗବାନ ଶିବ ପ୍ରଥମ ଗୁରୁର ମାନ୍ୟତା ଲାଭ କରିଥିବା ବେଳେ ଅନ୍ୟ ପ୍ରମୁଖ ଗୁରୁ ହେଲେ ବୃହସ୍ପତି, ଶୁକ୍ରାଚାର୍ଯ୍ୟ, ପର୍ଶୁରାମ, ବେଦବ୍ୟାସ, ସାନ୍ଦିପନୀ ଓ ଦ୍ରୋଣାଚାର୍ଯ୍ୟ । ଶିବଙ୍କର ଆଦି ଅନ୍ତ ସମ୍ପର୍କରେ କେହି ଜାଣନ୍ତି ନାହିଁ । ଭଗବାନ ଶଙ୍କର ଅନେକ ଶିଷ୍ୟଙ୍କୁ ପରମ ଜ୍ଞାନ ପ୍ରଦାନ କରିଥିବାର ଦୃଷ୍ଟାନ୍ତ ରହିଛି । ତନ୍ମଧ୍ୟରୁ ଅନ୍ୟତମ ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ । ଶିବଙ୍କ ପ୍ରଦତ୍ତ ପର୍ଶୁରେ ସେ ଅନେକବାର ଧରିତ୍ରୀକୁ କ୍ଷତ୍ରୀୟ ଶୂନ୍ୟ କରିଥିଲେ । କୁହାଯାଏ ଶିବ ହିଁ ସୃଷ୍ଟିର ପ୍ରଥମ ଗୁରୁ । ବ୍ରହ୍ମ ବୈବର୍ତ୍ତ ପୁରାଣ ଅନୁସାରେ ନାଗଙ୍କ ଭଉଣୀ ଦେବୀ ଜରତ୍କାରୁ ମନସାଙ୍କ ଗୁରୁ ମଧ୍ୟ ଭଗବାନ ଶିବ ।

ବୃହସ୍ପତି ଦେବତା ମାନଙ୍କ ଗୁରୁ । ମହାଭାରତର ଆଦିପର୍ବ ଅନୁସାରେ ବୃହସ୍ପତି ମହର୍ଷି ଅଙ୍ଗିରାଙ୍କ ପୁତ୍ର । ସେ ତାଙ୍କ ଜ୍ଞାନ ବଳରେ ଦେବତାଙ୍କୁ ସେମାନଙ୍କ ଯଜ୍ଞ ଭାଗ ପ୍ରାପ୍ତ କରାଇବା ସହିତ ଅସୁରଙ୍କ ଯଜ୍ଞରେ ବିଘ୍ନ ଘଟାଇ ଦାନବଙ୍କୁ ହରାଇବାର ପ୍ରୟାସ କରିଥାନ୍ତି । ବୃହସ୍ପତି ମନ୍ତ୍ରର ପ୍ରୟୋଗ କରି ଦେବତାଙ୍କ ପୋଷଣ କରିବା ସହିତ ସେମାନଙ୍କୁ ରକ୍ଷା କରିଥାନ୍ତି । ମହାନ ଯୋଦ୍ଧା ଏବଂ ଜଣେ ବିଶିଷ୍ଟ ଗୁରୁ ଥିଲେ ପର୍ଶୁରାମ । ତାଙ୍କ ଜନ୍ମ ବ୍ରାହ୍ମଣ କୁଳରେ ହୋଇଥିଲା । ଶିବଙ୍କ ଠାରୁ ସେ ଅସ୍ତ୍ରଶସ୍ତ୍ର ଶିକ୍ଷା ପ୍ରାପ୍ତ କରିଥିଲେ । ଭୀଷ୍ମ, ଦ୍ରୋଣ ତଥା କର୍ଣ୍ଣ ତାଙ୍କର ମହାନ ଶିଷ୍ୟଙ୍କ ମଧ୍ୟରେ ଅନ୍ୟତମ । ମହାଭାରତ ଯୁଦ୍ଧ ସମୟରେ କର୍ଣ୍ଣ ପର୍ଶୁରାମଙ୍କୁ ନିଜ ପରିଚୟ ଲୁଚାଇ ତାଙ୍କ ଠାରୁ ଯୁଦ୍ଧ ବିଦ୍ୟା ଶିକ୍ଷା କରିଥିଲେ । ଏହା ଜାଣିବା ପରେ ସେ କ୍ରୋଧ ପ୍ରକାଶ କରି ଅଭିଶାପ ଦେଇଥିଲେ ।

ଗୁରୁ ଦିବସରେ କେବଳ ଯେ ସ୍କୁଲ ଓ କଲେଜର ଶିକ୍ଷାଗୁରୁ ପୂଜିତ ହୋଇଥାନ୍ତି ତା ନୁହେଁ । ଆଧ୍ୟାତ୍ମିକ ଗୁରୁଙ୍କ ସହିତ ବିଭିନ୍ନ କଳା, କୌଶଳ, କ୍ରୀଡ଼ା ଆଦି ଶିଖାଉଥିବା ଗୁରୁମାନଙ୍କୁ ମଧ୍ୟ ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ସର୍ବପଲ୍ଲୀ ରାଧାକୃଷ୍ଣନ ସମଗ୍ର ବିଶ୍ୱକୁ ଏକ ବିଦ୍ୟାଳୟ ରୂପେ ଜ୍ଞାନ କରୁଥିଲେ । ସେ ଭାବୁଥିଲେ ଶିକ୍ଷା ଦ୍ୱାରା ମସ୍ତିଷ୍କର ଉପଯୁକ୍ତ ବିକାଶ କରାଯାଇପାରିବ । ତେଣୁ ସମଗ୍ର ବିଶ୍ୱକୁ ଏକ ପରିବାର ମନେ କରି ସେହି ଅନୁସାରେ ଶିକ୍ଷା ପ୍ରଣାଳୀ ପ୍ରସ୍ତୁତ କରାଯିବା ଉଚିତ ବୋଲି କହିଥିଲେ । ସେ ତାଙ୍କ ବକ୍ତବ୍ୟ ଓ ଲେଖା ମାଧ୍ୟମରେ ଭାରତୀୟ ଦର୍ଶନ ଶାସ୍ତ୍ରକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପିତ କରିବାର ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । ପୁରାଣ ଯୁଗରେ ଗୁରୁଙ୍କ ଗୁରୁତ୍ୱ ଗୁରୁ ପୂର୍ଣ୍ଣିମାରେ ପ୍ରତିଫଳିତ ହେଉଥିବା ବେଳେ ଆଧୁନିକ କାଳରେ ଗୁରୁ ଦିବସ ହିଁ ଗୁରୁଙ୍କ ମହିମା ବର୍ଣ୍ଣନାର ଅବସର ଆଣିଦେଇଥାଏ । ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖ ପାଳିତ ହୋଇଥାଏ ଟିଚର୍ସ ଡେ ବା ଗୁରୁ ଦିବସ । ୧୯୬୨ ମସିହାରୁ ନିୟମିତ ଭାବେ ଏହି ଦିବସ ପାଳିତ ହୋଇଆସୁଛି । ଭାରତର ପ୍ରଥମ ଉପରାଷ୍ଟ୍ରପତି, ଦ୍ୱିତୀୟ ରାଷ୍ଟ୍ରପତି, ପ୍ରଜ୍ଞା ପୁରୁଷ, ବିଖ୍ୟାତ ଦାର୍ଶନିକ ଓ ଶିକ୍ଷକ ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସକୁ ହିଁ ପ୍ରତିବର୍ଷ ଶିକ୍ଷକଙ୍କ ସମ୍ମାନ ଦିବସ ଭାବେ ପାଳନ କରାଯାଉଛି । ଗୁରୁ ଦିବସ ଦିନ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଯାଇ ପ୍ରଥମେ ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭକ୍ତିଭରା ପ୍ରଣାମ କରି ଆଶୀର୍ବାଦ ଲାଭ କରିଥାନ୍ତି । ଫୁଲମାଳ ପିନ୍ଧାଇ ଚନ୍ଦନ ଚର୍ଚ୍ଚିତ କରିବା ସହିତ ପୂଜା କରାଯାଇଥାଏ । ଶିକ୍ଷକ ମଧ୍ୟ ଗୁରୁ ଦିବସର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଜଣାଇ ସେମାନଙ୍କୁ ବିନୟୀ ହେବାର ପରାମର୍ଶ ଦେଇଥାନ୍ତି ।

ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ

# ଚୀନର ବିସ୍ତାରବାଦୀ ନୀତି

॥ ଡ.ସମନ୍ୱୟ ନନ୍ଦ ॥

ଭାରତରେ ଜି-୨୦ ଦେଶର ମାନଙ୍କର ଶିଖର ସମ୍ମିଳନୀ ହେବାର ଠିକ ପୂର୍ବରୁ ଚୀନ ତାର ହରକତକୁ ପୁଣି ଥରେ ଦୋହରାଇଛି । ଚୀନ ପୁଣି ଥରେ ଏକ କାଳ୍ପନିକ ମାନଚିତ୍ର ଜାରୀ କରିଛି । ଏହି କାଳ୍ପନିକ ମାନଚିତ୍ରରେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚିନକୁ ତାର ବୋଲି ଦର୍ଶାଇଛି । ଚୀନ କମ୍ୟୁନିଷ୍ଟ ପାର୍ଟିର ସରକାରୀ ପ୍ରପାଗଣ୍ଡା କରୁଥିବା ସମ୍ବାଦ ପତ୍ର ଜରିଆରେ ଚୀନ ଏହି କାଳ୍ପନିକ ମାନଚିତ୍ର ଜାରୀ କରିଛି । ଏହି କାଳ୍ପନିକ ମାନଚିତ୍ରରେ ସେ କେବଳ ଭାରତର କିଛି ଅଂଶକୁ ନିଜର ବୋଲି କହି ଦାବି କରି ନାହିଁ ବରଂ ଅନ୍ୟ ଦେଶ ମାନଙ୍କର ଅଂଶ ଗୁଡିକୁ ମଧ୍ୟ ନିଜର ବୋଲି ଦାବି କରିଛି ।

ଚୀନ ଏଭଳି ହରକତ ପ୍ରଥମ ଥର ପାଇଁ କରିଛି ତାହା ନୁହେଁ । ଚୀନ ଉପରେ ନଜର ରଖୁଥିବା ଲୋକ ମାନେ ଭଲ ଭାବେ ଜାଣନ୍ତି ଏହା କମ୍ୟୁନିଷ୍ଟ ଚୀନର ପୁରୁଣା ରଣନୀତି । ଚୀନ ପୂର୍ବରୁ ବାରମ୍ବାର ମଝିରେ ମଝିରେ ଏଭଳି ମାନଚିତ୍ର ମାନ ଜାରୀ କରି ଅନ୍ୟ ଦେଶର ଅଂଶ ଗୁଡିକୁ ନିଜର ବୋଲି ଦାବି କରିଥାଏ ।

ଚୀନ ଉପରେ ମାଓଙ୍କ ଲାଲ ସେନାର କବଜା ହେବା ପରେ ହିଁ ଚୀନ ତାର ରଙ୍ଗ ଦେଖାଇବା ଆରମ୍ଭ କରିଥିଲା । ଚୀନ ପ୍ରଥମେ ତିବତକୁ ହଡପ କରି ନେଇଥିଲା । ତିବତକୁ ଜୋର ଜବରଦସ୍ତି ଅଧିକାର କରିବା ବେଳେ ଭାରତକୁ ଏହାର ବିରୋଧ କରିବାର ଥିଲା । କାରଣ ସୁରକ୍ଷା ଦୃଷ୍ଟିରୁ ତିବତ ସ୍ୱାଧୀନ ହୋଇ ରହିବା ଭାରତ ପାଇଁ ଜରୁରୀ ଥିଲା । ମାତ୍ର ସେତେବେଳର ଭାରତର ନେତୃତ୍ୱ ଚୀନର ବିରୋଧ କରିବା ପରିବର୍ତ୍ତେ ତିବତକୁ ଚୀନ ହାତରେ ଟେକି ଦେଇଥିଲେ ।

ଏହା ପରେ ମାଓ ତିବତକୁ ଚୀନର ପାପୁଲି ବୋଲି କହିବା ସହ ଏହାର ପାଂଚଟି ଆଙ୍ଗୁଳି ରହିଛି ବୋଲି କହିଥିଲେ । ଏହି ପାଂଚଟି ଆଙ୍ଗୁଳି ହେଲା ଲଦାଖ, ଭୁଟାନ, ନେପାଳ, ସିକିମ ଓ ନେଫା (ବର୍ତମାନର ଅରୁଣାଚଳ ପ୍ରଦେଶ) । ତେଣୁ ସେତେବେଳ ଠାରୁ ହିଁ ଚୀନ ତାର ଅସଲ ରୂପ ଦେଖାଇ ଥିଲା ।

ଏହା ପରେ ମଧ୍ୟ ବିଭିନ୍ନ ସମୟରେ ଚୀନ ଏଭଳି କାଳ୍ପନିକ ମାନଚିତ୍ର ମାନ ଜାରୀ କରେ ଓ ବିଭିନ୍ନ ଦେଶର ଅଂଚଳ ଗୁଡିକୁ ନିଜର ବୋଲି ଦାବି କରେ । କେବଳ ଭାରତର ହିଁ ତାର ପଡୋଶୀ ଅନ୍ୟ ସମସ୍ତ ଦେଶ ମାନଙ୍କ ବିଭିନ୍ନ ଅଂଚଳ ଗୁଡିକୁ ମଧ୍ୟ ସେ ନିଜର ବୋଲି ଦାବି କରେ । ତେଣୁ ପ୍ରଥମ ଥର ପାଇଁ ଚୀନ ଏଭଳି ହରକତ କରି ନାହିଁ । ଏଭଳି କରିବା ଚୀନର ପୁରୁଣା ଅଭ୍ୟାସ ରହିଛି ।

ଭାରତ ସରକାର ଚୀନର ଏହି ହରକତର କଡା ଜବାବ ଦେଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଏହି ମାନଚିତ୍ରକୁ ଅସ୍ୱୀକାର କରି ଦେଇଛି ।

ଭାରତ ସରକାର ପୂର୍ବରୁ ମଧ୍ୟ ଏହି ମାମଲାରେ ଏହି ଭଳି ଜବାବ ଦେଉଥିଲା । ଚୀନ ଯେବେ ଯେବେ ଏଭଳି ମାନଚିତ୍ର ଜାରୀ କରେ କିମ୍ବା ଅରୁଣାଚଳ ପ୍ରଦେଶର ଲୋକ ମାନଙ୍କ ପାଇଁ ଷ୍ଟାପଲ୍ଡ ଭିସା ପ୍ରଦାନ କରେ ସେତେବେଳେ ଭାରତ ସରକାର ଏଭଳି ପ୍ରତିକ୍ରିୟା ପ୍ରଦାନ କରିଥାଏ । ଯେଉଁ ଦଳର ସରକାର ଥାଉ ନା କାହିଁକି ଏହି ସମାନ ପ୍ରତିକ୍ରିୟା ରହି ଆସିଛି । ତେବେ ବର୍ତମାନ ସରକାରରେ କଣ ବଦଳିଛି ? ବର୍ତମାନ ସରକାରରେ ସୀମାବର୍ତୀ ଅଂଚଳ ମାନଙ୍କରେ ଭିତିଭୂମିର ସ୍ଥିତି ବଦଳିଛି । ଗତ ୯ ବର୍ଷ ଧରି ତିବତ ସୀମାରେ ରାସ୍ତା, ପୋଲ ଓ ଅନ୍ୟାନ୍ୟ ଭିତିଭୂମି ଜୋରସୋରରେ ନିର୍ମାଣ ଚାଲିଛି । ଭାରତୀୟ ସେନା ଚୀନର ଲାଲ ସେନାକୁ ତାଙ୍କରି ଭାଷାରେ ଜବାବ ଦେଉଛି । ଡୋକଲାମ ହେଉ ବା ଗଲୱାନ ଉପତ୍ୟକା ହେଉ ଏହା ଏବେ ପ୍ରମାଣିତ ହୋଇ ସାରିଛି ।

ଚଳିତ ଥର ଚୀନର କାଳ୍ପନିକ ମାନଚିତ୍ରକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରତିକ୍ରିୟା ପରେ ଭାରତର ବୈଦେଶିକ ମନ୍ତ୍ରୀ ଡ. ଏସ ଜୟଶଙ୍କର ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି । ସେ ତାଙ୍କର ପ୍ରତିକ୍ରିୟାରେ ଚୀନର ଭାରତୀୟ ଅଂଚଳ ଉପରେ ଦାବିକୁ 'ଆବସର୍ଡ କ୍ଲେମ୍' ବୋଲି କହିଛନ୍ତି । କୂଟନୀତିଜ୍ଞ ମାନେ ସାଧାରଣ ଭାବେ ଆବସର୍ଡ ଶବ୍ଦ ସାଧାରଣତଃ ବ୍ୟବହାର କରି ନଥାନ୍ତି । ହେଲେ ଏଥର ଏହି ଶବ୍ଦକୁ ଭାରତର ବୈଦେଶିକ ମନ୍ତ୍ରୀ ବ୍ୟବହାର କରିଛନ୍ତି । ତେଣୁ ଚୀନକୁ କଡା ଭାଷାରେ କୂଟନୈତିକ ଜବାବ ଦିଆଯାଇଛି ।

ଚୀନ ହେଉଛି ଏକ ବିସ୍ତାରବାଦୀ ଦେଶ । ଚୀନ ସବୁବେଳେ ତାର ଆଖ ପାଖର ଦେଶ ମାନଙ୍କୁ କବଳିତ କରିବାକୁ ଚେଷ୍ଟା କରିଥାଏ । ଏବେ ମଧ୍ୟ ଯେଉଁ ପିପୁଲ୍ସ ରିପବ୍ଲିକ ଅଫ ଚାଇନା ରହିଛି ସେଥିରେ ଏଭଳି ବେଆଇନ ଭାବେ କବଜା କରିଥିବା ପଡୋଶୀ ଦେଶ ମାନଙ୍କର ଭୂମି ସାମିଲ ରହିଛି ।

ଚୀନ କେବଳ ଯେ ଏହି କାଳ୍ପନିକ ମାନଚିତ୍ରରେ ଭାରତର ଅଂଚଳ ଗୁଡିକୁ ଦର୍ଶାଇଛି ତା ନୁହେଁ । ସେ ବିଭିନ୍ନ ଦେଶର ବିଭିନ୍ନ ଅଂଚଳ ଗୁଡିକୁ ମଧ୍ୟ ତାର ବୋଲି ଦର୍ଶାଇଛି । ତେଣୁ କେବଳ ଭାରତ ନୁହେଁ ଏହି ଦେଶ ମାନେ ମଧ୍ୟ ଚୀନର ଏଭଳି କୃତ୍ୟ ପାଇଁ ତାକୁ ବିରୋଧ କରିବା ଆରମ୍ଭ କରି ଦେଇଛନ୍ତି ।

ଏହି ମାନଚିତ୍ରକୁ ନେଇ ଫିଲିପାଇନ୍ସ, ତାଇୱାନ, ମାଲେସିଆ ଓ ଭିଏତନାମ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । କାରଣ ଏହି କାଳ୍ପନିକ ମାନଚିତ୍ରରେ ଚୀନ ଏହି ଦେଶ ମାନଙ୍କର ଅଂଶକୁ ମଧ୍ୟ ନିଜର ବୋଲି ଦର୍ଶାଇଛି ।

ଫିଲିପାଇନ୍ସର ସାମୁଦ୍ରିକ ଅଂଚଳ ଗୁଡିକୁ ଚୀନ ଏହି କାଳ୍ପନିକ ମାନଚିତ୍ରରେ ନିଜର ବୋଲି ଦାବି କରିଥିଲା । ଫିଲିପାଇନ୍ସ ସରକାରର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଚୀନ ଦ୍ୱାରା ଏହି ଅଂଚଳ ଗୁଡିକୁ ନିଜର ବୋଲି ଦାବି କରିବା ଆନ୍ତର୍ଜାତିକ ଆଇନର ଉଲ୍ଲଂଘନ ।

ସେହିପରି ଭିଏତନାମର ସ୍ପ୍ରେଟଲି ଓ ପାରାସେଲ ଦ୍ୱୀପ ଓ ତାର ଜଳ କ୍ଷେତ୍ର ଉପରେ ଏହି କାଳ୍ପନିକ ମାନଚିତ୍ର ଜରିଆରେ ଦାବି କରିଛି । ଭିଏତନାମ ସରକାରଙ୍କ ପକ୍ଷରୁ ଏହି ପ୍ରସଙ୍ଗରେ ଚୀନ ବିରୁଦ୍ଧରେ କଡା ପ୍ରତିକ୍ରିୟା ଦିଆଯାଇଛି ଓ ଚୀନର ଦାବିକୁ ଖାରଜ କରାଯାଇଛି । ସେହିପରି ମାଲେସିଆ ପକ୍ଷରୁ ମଧ୍ୟ ଚୀନର ଏଭଳି ଦାବି କୁ ଅଗ୍ରାହ୍ୟ କରାଯାଇଛି ।

ଅନ୍ୟ ଶବ୍ଦରେ କହିବାକୁ ଗଲେ ଚୀନର ଏଭଳି ବିସ୍ତାରବାଦୀ ବ୍ୟବହାରକୁ ନେଇ କେବଳ ଭାରତ ନୁହେଁ ଅନ୍ୟ ଦେଶ ମାନେ ମଧ୍ୟ ସମସ୍ୟାରେ ଅଛନ୍ତି । ସମସ୍ତେ ଚୀନ ବିରୁଦ୍ଧରେ କଡା ମନ୍ତବ୍ୟ ଦେଉଛନ୍ତି । ଚୀନକୁ ସମସ୍ତେ ଶତ୍ରୁ ଭଳି ଦେଖୁଛନ୍ତି ।

ଭାରତ ସ୍ୱାଧୀନ ହେବା ପରେ ଅନେକ ଦେଶ ଆଶା କରୁଥିଲେ ଯେ ଭାରତ ସେମାନଙ୍କର ନେତୃତ୍ୱ ନେବ । ବିଶେଷ ଭାବେ ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନେ ନେତୃତ୍ୱ ପାଇଁ ଭାରତ ଆଡକୁ ଦେଖୁଥିଲେ । କାରଣ ମଧ୍ୟ ସ୍ପଷ୍ଟ ଥିଲା । ଭାରତର ହଜାର ହଜାର ବର୍ଷର ସଭ୍ୟତା ଓ ସଂସ୍କୃତି ରହିଛି । ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନଙ୍କର ସଂସ୍କୃତି ଭାରତରୁ ହିଁ ଯାଇଛି । ତେଣୁ ଭାରତର ନେତୃତ୍ୱକୁ ସେମାନେ ଅନାଇଥିଲେ । ହେଲେ ବୋଧ ହୁଏ ସେତେବେଳର ଭାରତର ରାଜନୈତିକ ବୋଧ ହୁଏ ଏହା ଚାହୁଁ ନଥିଲା । ୧୯୬୨ ମସିହାରେ ଚୀନ ମଧ୍ୟ ଭାରତ ଉପରେ ଆକ୍ରମଣ କରି ଏହି ଦେଶ ମାନଙ୍କୁ ସଂକେତ ଦେଇ ଦେଇଥିଲା ଯେ ଭାରତ ଆଡକୁ ନେତୃତ୍ୱ ପାଇଁ ଯଦି ଚାହୁଁଛ ତାହେଲେ ଭୁଲ କରୁଛ । ମାତ୍ର ବର୍ତମାନ ସ୍ଥିତି ବଦଳିଛି । ବର୍ତମାନ ଭାରତ ବିଶ୍ୱର ବିକଶିତ ଦେଶ ମାନଙ୍କ ସହ ଆଖିରେ ଆଖି ମିଶାଇ କଥା ବାର୍ତା କରୁଛି । ବିଶ୍ୱ ରାଜନୀତିରେ ଭାରତର ପ୍ରଭାବ ବଢିବାରେ ଲାଗିଛି । ଚୀନର ଏଭଳି କାଳ୍ପନିକ ମାନଚିତ୍ର ଜାରୀ ପ୍ରସଙ୍ଗ ଆଖ ପାଖର ଦେଶ ମାନଙ୍କୁ ଚୀନ ବିରୁଦ୍ଧରେ କରୁଛି । ଏଭଳି ସ୍ଥିତିରେ ଭାରତ ତାର ଭୂମିକାକୁ ବିସ୍ତାର ଦେବା ଉଚିତ । ଭାରତକୁ କେବଳ ଭାରତର ନୁହେଁ ବରଂ ଚୀନର ବିସ୍ତାରବାଦୀ ନୀତିର ଶୀକାର ହେଉଥିବା ଅନ୍ୟ ଦେଶ ମାନଙ୍କର ପ୍ରବକ୍ତା ମଧ୍ୟ ସାଜିବାର ସମୟ ଆସିଛି ।

# ହରିଜନ୍ମ

॥ ପ୍ରଦୀପ କୁମାର ବିଶ୍ୱାଳ ॥

ଚଳିତ ବର୍ଷ ଜନ୍ମାଷ୍ଟମୀ ବା ହରିଜନ୍ମ ଓଷା ତା ୬.୯.୨୦୨୩ରିଖ ବୁଧବାର ଦିନ ପାଳନ କରାଯିବ । ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହାର କର୍ମକାଳ ପ୍ରାତଃ କାଳରୁ ଆରମ୍ଭ ହେଉଥିଲେ ମଧ୍ୟ ମୁଖ୍ୟ କର୍ମକାଳ ହେଉଛି ଅର୍ଦ୍ଧରାତ୍ର । ଅର୍ଦ୍ଧରାତ୍ର ଅର୍ଥାତ୍ ଦ୍ୱିଧା ବିଭକ୍ତ ରାତ୍ରିମାନରୁ ପ୍ରଥମାର୍ଦ୍ଧର ଶେଷ ଏକଦଣ୍ଡ ଓ ୨ୟାର୍ଦ୍ଧର ଆଦ୍ୟ ଏକଦଣ୍ଡ, ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ଏକ ଦଣ୍ଡ = ୨୪ ମିନିଟ୍ । ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ । ରୋହିଣୀ ନକ୍ଷତ୍ରଯୁକ୍ତ ଜନ୍ମାଷ୍ଟମୀକୁ ଜୟନ୍ତୀ କୁହାଯାଏ । ଏଥିରେ ସୋମବାର କିମ୍ବା ବୁଧବାର ଯୋଗହେଲେ ଅତ୍ୟଧିକ ପୂଣ୍ୟଫଳ ପ୍ରଦାୟକ । ଯେଉଁବର୍ଷ ଅଷ୍ଟମୀ ତିଥିରେ ରୋହିଣୀ ନକ୍ଷତ୍ର ଯୋଗ ହୁଏ ନାହିଁ ତାକୁ କେବଳ ଜନ୍ମାଷ୍ଟମୀ କୁହାଯାଏ । ଚଳିତବର୍ଷ ଅର୍ଦ୍ଧରାତ୍ରରେ ଅଷ୍ଟମୀତିଥି ବୁଧବାର ସହ ରେହିଣୀ ନକ୍ଷତ୍ର ଯୁକ୍ତ ହେଉଅଛି । ଏହାକୁ ଜୟନ୍ତୀ କୁହାଯାଏ, ଏହା ଅତ୍ୟନ୍ତ ପୂଣ୍ୟଫଂଳ ପ୍ରଦାୟକ । ଶ୍ରୀମଭାଗବତ୍ ୧୧ଶ ସ୍କନ୍ଦରୁ ଜଣାଯାଏ ଭଗବାନ ଶ୍ରୀକୃଷ୍ଣ(ଶ୍ରୀହରି) ୧୨୫ ବର୍ଷ ଜୀବିତ ଥିଲେ । ସୁତରାଂ ତାଙ୍କର ଜନ୍ମ ଖ୍ରୀଷ୍ଟପୂର୍ବ ୩୧୦୧+୧୨୫=ଖ୍ରୀଷ୍ଟପୂର୍ବ ୩୨୨୬ରେ ହୋଇଥିଲା ଏବଂ ଚଳିତ ବର୍ଷ ୨୦୨୩ରେ ପାଳନ ହେବ ଶ୍ରୀକୃଷ୍ଣଙ୍କର ୫୨୪୯ତମ ଜନ୍ମତିଥି ।

ପ୍ରବଳ ପ୍ରତାପୀ କଂସର ପ୍ରକୋପରେ ପୃଥିବୀ ପ୍ରକମ୍ପିତ । ଅତିଶୟ ଅନ୍ୟାୟ, ଅଧର୍ମ, ଅତ୍ୟାଚାର ଓ ଅନୀତିରେ ଅତିଷ୍ଠ ଭୂମଣ୍ଡଳ । ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ବିବାହପରେ ବିଦାୟ ଦେବା ସମୟରେ ଶୁନ୍ୟବାଣୀ ହେଲା 'ଦେବକୀର ଅଷ୍ଟମଗର୍ଭ ସନ୍ତାନ ତୋର ବିନାଶ କରିବ' । ଶୁନ୍ୟବାଣୀରେ ଭୟଭୀତ କଂସ ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ କାରଗାରରେ ବନ୍ଦୀକରି ଦେବକୀଙ୍କର ସମସ୍ତ ସନ୍ତାନମାନଙ୍କୁ ନିଧନ କରିବାକୁ ନିଷ୍ପତ୍ତି ନେଲେ ।

ଭାଦ୍ରକୃଷ୍ଣ ଅଷ୍ଟମୀ ମଧ୍ୟରାତ୍ର, ଦେବକୀଙ୍କର ଅଷ୍ଟମ ଗର୍ଭବେଦନା ଭେଦକରି ଭୂମିଷ୍ଠ ହୋଇଥିଲେ ଭଗବାନ ବାସୁଦେବ(କୃଷ୍ଣ) । ଦୁରାଚାରୀ କଂସର ପ୍ରହରାରତ ବନ୍ଦୀଶାଳାରୁ ପୁତ୍ର ବାସୁଦେବଙ୍କୁ ରକ୍ଷାକରିବା ପାଇଁ ପିତା ବସୁଦେବ ମୁଣ୍ଡଉପରେ ଝୁଡିମଧ୍ୟରେ ରଖି ବାହାରିଲେ ବନ୍ଧୁ ନନ୍ଦରାଜାଙ୍କ ଘରକୁ । ଚାରି ମେଘ ଆବର୍ତ୍ତକ, ସମ୍ବର୍ତ୍ତକ, ଦ୍ରୋଣ ଓ ପୁଷ୍କର ଏକାକାର ହୋଇ ପ୍ରଚଣ୍ଡ ବାଦଲଫଟା ବିଜୁଳି ଓ ବଜ୍ରଧ୍ୱନି ସହ ଭୀଷଣ ବର୍ଷା ହେଉଥାଏ । ସପ୍ତଫେଣୀ ଅନନ୍ତନାଗ ପ୍ରଭୁଙ୍କୁ ବର୍ଷାଦାଉରୁ ରକ୍ଷାକରିବା ପାଇଁ ବସୁଦେବଙ୍କ ଅଗୋଚରରେ ଛତାଭଳି ଘୋଡାଇ ଚାଲିଛନ୍ତି । ଏହି ସମୟରେ କଂସରାଜାଙ୍କ ଆଜ୍ଞାରେ ପିତା ଉଗ୍ରସେନ କର୍ତ୍ତବ୍ୟରତ ରାତ୍ରି ଜଗୁଆଳି ଭାବେ ବସୁଦେବଙ୍କ ପଥରୋଧ କରନ୍ତି । ଘୋର ଅନ୍ଧକାର ମଧ୍ୟରେ ବିଜୁଳିର ଝଲକ୍ ଆଲୋକରେ ଜ୍ୱାଇଁ ବସୁଦେବଙ୍କୁ ଜାଣିସାରିବା ପରେ ମଧ୍ୟ ଉଗ୍ରସେନ କର୍ତ୍ତବ୍ୟର ଅଙ୍ଗୀକାରବଦ୍ଧ ହୋଇ ବାଟ ଓଗାଳିଛନ୍ତି । ବସୁଦେବ ଦଣ୍ଡବତ ହୋଇ ଯେତେ ନେହୁରା ହେଲେ ମଧ୍ୟ ଉଗ୍ରସେନ ନଛୋଡ ବନ୍ଧା । ଏହାପରେ ଭଗବାନ କୃଷ୍ଣ ଭକ୍ତ ଉଗ୍ରସେନଙ୍କୁ ତାଙ୍କର ଚତୁର୍ଦ୍ଧାମୂର୍ତ୍ତିର ଦର୍ଶନ କରାଇଛନ୍ତି । ସେତେବେଳେ ଲମ୍ବହୋଇ ପଡିଲେ ଉଗ୍ରସେନ । ଶ୍ରୀକୃଷ୍ଣ ତାଙ୍କୁ ମଥୁରାନଗରୀର ଭବିଷ୍ୟତର ରାଜା ହେବାକୁ ପୁଷ୍ପମାଲ୍ୟ ପ୍ରଦାନ କଲେ । ଘନଘୋର ନିଶାରାତିରେ ଏକମାତ୍ର ବଂଶ ପ୍ରଦୀପକୁ ମୁଣ୍ଡଉପରେ ରଖି ବସୁଦେବ ପୂର୍ଣ୍ଣଗର୍ଭା ଯମୁନା ଭିତରକୁ ପାଦ ବଢାଇବାକୁ ସାହସ କରିପାରୁନଥିଲେ । ମାତ୍ର ତାଙ୍କୁ ମୁହୂର୍ତ୍ତକ ପାଇଁ ଆଶ୍ଚର୍ଯ୍ୟ କରିଦେଇ ଶ୍ରୀକୃଷ୍ଣଙ୍କ ଦିବ୍ୟ ଆର୍ଶିବାଦ ହେତୁ ପୂର୍ଣ୍ଣଗର୍ଭା ନଦୀଟି ବସୁଦେବଙ୍କୁ ବାଟ ଛାଡି ଦେଲା । ବନ୍ଧୁ ନନ୍ଦଙ୍କ ଘରେ ପହଞ୍ଚି ଯଶୋଦାଙ୍କ କୋଳରେ ଭଗବାନ କୃଷ୍ଣଙ୍କୁ ଶୁଆଇଦେଇ ଠିକ୍ ଏହିସମୟରେ ସଦ୍ୟଜାତ ଯଶୋଦାଙ୍କ କନ୍ୟା ଯୋଗମାୟାଙ୍କୁ ଧରି ଫେରି ଆସିଲେ । ଏହାପରେ ଫିଟି ଯାଇଥିବା କବାଟ ପୂର୍ବବତ୍ ବନ୍ଦ ହୋଇ ଗଲା ଓ ହାତ ଓ ପାଦରେ ଶୃଙ୍ଖଳ ପଡିଗଲା ।

ଭଗବାନ ଶ୍ରୀକୃଷ୍ଣ ତାଙ୍କ ମୁଖ ନିସୃତ ଶ୍ରୀମଦ୍ ଭଗବଦ୍ ଗୀତାର ୪ର୍ଥ ଅଧ୍ୟାୟ ୭ମ ଓ ୮ମ ଶ୍ଳୋକରେ କହିଛନ୍ତି,

'ଯଦା ଯଦା ହି ଧର୍ମସ୍ୟ ଗ୍ଳାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।।
ପରତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।'

ଅର୍ଥାତ୍-ଯେତେବେଳେ ଧରାପୃଷ୍ଠରେ ଧର୍ମର ଗ୍ଳାନି ହୋଇ ଅଧର୍ମର ପ୍ରାଦୁର୍ଭବ ବହୁଳ ଭାବେ ବୃଦ୍ଧିପାଏ ସେତେବେଳେ ମୁଁ ପ୍ରକଟ ହୋଇ ଦୁଷ୍ଟମାନଙ୍କୁ ବିନାଶ କରି ସାଧୁମାନଙ୍କୁ ରକ୍ଷାକରି ଧର୍ମର ପୁନଃ ସଂସ୍ଥାପନ କରିଥାଏ । ଦ୍ୱାପର ଯୁଗର ଶେଷ ସମୟରେ ପ୍ରବଳ ପ୍ରତାପୀ କଂସ, ଜରାସନ୍ଧ, ଶିଶୁପାଳ, ଦୁର୍ଯ୍ୟୋଧନ ଭଳି ସ୍ୱେଛାଚାରୀ ରାଜାମାନଙ୍କର ଦୌରାତ୍ମ୍ୟରୁ ସାଧୁଜନମାନଙ୍କୁ ରକ୍ଷା କରିବାପାଇଁ କଂସରାଜା ମଥୁରା ନଗରୀରେ ବନ୍ଦୀଶାଳାରେ ଭଗବାନ ବିଷ୍ଣୁ ଅଷ୍ଟମ ଅବତାର ରୁପେ ଭାଦ୍ରକୃଷ୍ଣ ଅଷ୍ଟମୀ ତିଥିରେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମ ନେଇଥିଲେ । ସାରଳାଦାସଙ୍କ ମହାଭାରତର ବନପର୍ବ ଓ ମୂଷଳୀ ପର୍ବରେ ଲିଖିତ ଅଛି ଶ୍ରୀକୃଷ୍ଣଙ୍କ ଅର୍ଦ୍ଧଦଗ୍ଧ ପିଣ୍ଡ ହିଁ ଶ୍ରୀଜଗନ୍ନାଥ । ଏଣୁ ଶ୍ରୀକୃଷ୍ଣ ଓ ଜଗନ୍ନାଥ ଅଭିନ୍ନ । ଶ୍ରୀକୃଷ୍ଣ, ବଳରାମ ଓ ଭଉଣୀ ସୁଭଦ୍ରା ଆଜି ପୁରୁଷୋତମ କ୍ଷେତ୍ରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାରୁପେ ଶ୍ରୀମନ୍ଦିରରେ ବିରାଜମାନ ।


ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ୱାର୍ଡ ସଭ୍ୟ ସଭ୍ୟାଙ୍କୁ ଦିନିକିଆ ତାଲିମ

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିଉ ଗ୍ରାମପଞ୍ଚାୟତର ନବ ନିର୍ବାଚିତ ୱାର୍ଡ ସଭ୍ୟ ସଭ୍ୟାଙ୍କୁ ୨୦ ତାରିଖରେ ଦିନିକିଆ ତାଲିମ ପ୍ରଦାନ କରାଯାଇଛି। ବ୍ଲକ ସଭାଗୃହରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ଉଦଘାଟନ କରିଥିଲେ । ବିଡ଼ିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ , ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତ ଯୋଗ ଦେଇ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ପେସା ସଂଯୋଜକ ମଦନ ମୋହନ ମହାନ୍ତ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ତାଲିମ ଦାତା ଭାବେ ଏସଆଇଆରଡିରୁ ଆଶିଷ କୁମାର ମଲ୍ଲିକ, ଏବିଡିଓ ଟଙ୍କଧର ମହାନ୍ତ, ଏପିଓ ଧାନ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ କ୍ଷ ଠାକୁରମୁଣ୍ଡା, ତାଳପଦା, ଖଣ୍ଡବନ୍ଧ ଓ ସାତକୋଶିଆ ଗ୍ରାମପଞ୍ଚାୟତରୁ ସମୁଦାୟ ୫୪ ଜଣ ୱାର୍ଡ ସଭ୍ୟ ସଭ୍ୟା ଯୋଗଦେଇ ତାଲିମ ଗ୍ରହଣ କରିଥିଲେ । ପେସା ଜିଲ୍ଲା ସଂଯୋଜକ ସୁଜିତ କୁମାର ରାଉତ, ଜିପିଡିଓ ଦଳେଇ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଦଳେଇ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗଷ୍ଟ ୨୧ ତାରିଖରେ ହେବାକୁ ଥିବା ଭାରତ ବନ୍ଦ କୁ ରାୟଗଡ଼ା ବି.ଏସ୍.ପି ର ସମର୍ଥନ

ବିଷମ କଟକ: ସୁପ୍ରିମ କୋର୍ଟର ଏସି ଏସଟି କୋଟା ପରିବର୍ତ୍ତନ ରାୟ କୁ ବିରୋଧକରି ଆସନ୍ତା ୨୧ ତାରିଖରେ ହୋକୁ ଥିବା ଭାରତ ବନ୍ଦ ଡାକରାକୁ ରାୟଗଡ଼ା ବି.ଏସ୍.ପି ପାର୍ଟି ପୂର୍ଣ୍ଣ ସମର୍ଥନ କରିବା ସହ ରାୟଗଡ଼ା ଜିଲ୍ଲା ସଂପୂର୍ଣ୍ଣ ବନ୍ଦ କରାଯିବ ବୋଲି ଜିଲ୍ଲା ବି.ଏସ.ପି ପ୍ରେସିଡେଣ୍ଟ ଜିତୁ ଜାକାସିକା ଏକ ପ୍ରେସ୍ ମିଟ୍ ମାଧମରେ ସୂଚନା ଦେଇଛନ୍ତି। ଏହି ପ୍ରେସ ମିଟ୍ ରେ ବି.ଏସ.ପି ଜିଲ୍ଲା ପ୍ରଭାରୀ ଶିବ ପ୍ରାସ୍ କା, ସିନିଅର ଲିଡର ପୂର୍ଣ୍ଣ ଚନ୍ଦ୍ର ଟାକ୍ରି, ନାରି ନେତ୍ରୀ ବାସନ୍ତୀ କୁଟୁକା, ଭାଇସ୍ ପ୍ରେସିଡେ□ ଜଗମ୍ ବେଣିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିପଦ ପୂର୍ଣ୍ଣ ଯାତ୍ରା ରେ ନିରୀହ ଆଦିବାସୀ ମହିଳାଙ୍କ ଜୀବନ



ହାଟଡିହ(ମହାଭାରତ): ବର୍ତମାନ ହାଟଡିହି ଅଞ୍ଚଳ ରେ ଚାଷ କାର୍ଯ୍ୟ ଆରମ୍ଭ ହେଉଥିବାରୁ ମହିଳା ମାନଙ୍କୁ ଗାଡ଼ି ଚାଳକ ମାନେ ମାଛ ଶୁଖୁଆ ଭଳି ବୋହି ନେଉଥିବା ଦେଖିବାକୁ ମିଳୁଛି। ଯାହାକି ଦୁଇ ଦିନ ପୂର୍ବରୁ ଆନନ୍ଦପୁର ବ୍ଲକ ଗୋଡ ଭଙ୍ଗା ଘଟି ଗାଡ଼ି ଓଲଟି ଏକାଧିକ ମହିଳା ପୁରୁଷ ଲୋକେ ଆହତ ହୋଇଥିଲେ। ଯାହାକୁ ନେଇ ପ୍ରଶାସନ ପକ୍ଷରୁ ଏପରି ବିପଦ ପୂର୍ଣ୍ଣ ଯାତ୍ରା ନକରି ବାକୁ ଆହ୍ୱାନ କରାଯାଇଥିଲା। ଯାହା ଫଳରେ ଗାଡ଼ି ବେପାରୀ ମାନେ ସେମାନଙ୍କ ବେପାର କୁ ଆଖିରେ ରଖି ଦକ୍ଷତା ରୁ ଅଧିକ ଲୋକ ନେଉଥିବା ଦେଖିବାକୁ ମିଳୁଛି। ତାହା ଛଡା ଏହି ଗାଡ଼ି ଗୁଡ଼ିକ ମାଲ ବୁହା ଗାଡ଼ି ହୋଇଥିବାରୁ ଲୋକ ବୋହିବା ନିୟମ ନଥାଇ ମଧ ମାତ୍ରାଧିକ ଲୋକ ବହୁଛନ୍ତି। ପ୍ରାୟ ସମସ୍ତ ଲୋକ ଠିଆ ହୋଇ ଯାତାୟାତ କରୁଛନ୍ତି। ଅଧିକାଂଶ ଗାଡ଼ି ଗୁଡ଼ିକ ର ଇନ୍ସୁରାଂଶ ନଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ପୋଲିସ ବିଭାଗ କି ପରିବହନ ବିଭାଗ ପକ୍ଷରୁ କୌଣସି ଯାଞ୍ଚ ହେଉନଥିବାରୁ ଏପରି ଅନୈତିକ ବେପରୁଆ ବିପଦ ପୂର୍ଣ୍ଣ ଯାତ୍ରା କରୁଥିବା ଦେଖିବାକୁ ମିଳୁଛ।

## ଆସିକା ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ

ଆସିକା (ମହାଭାରତ): ଆସିକା ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ପତ୍ର ଅନୁସାରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ ରାଣୀ ମହାନ୍ତିଙ୍କ ପ୍ରତେକ୍ଷ ତତ୍ୱାବଧାନ ରେ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ରେ ପ୍ରଥମ କରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଦ୍ୱାରା ସର୍ବ କନିଷ୍ଠ,କନିଷ୍ଠ ଓ ବରିଷ୍ଠ ବର୍ଗରେ କୁଇଜ ପ୍ରତିଯୋଗିତା ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆସିକା ବ୍ଲକର ୧୩୫ ଟି ପ୍ରାଥମିକ,ଉଚ୍ଚପ୍ରାଥମିକ ଓ ୧୬ ଗୋଟି ଉଚ୍ଚବିଦ୍ୟାଳୟର ମୋଟ ୧୭୦ ଜଣ ଛାତ୍ର ଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମୋଟ ୯ ଜଣ ଛାତ୍ର ଛାତ୍ରୀଙ୍କୁ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସହକାରୀ ଶିକ୍ଷାଧିକାରୀ ରାଜେଶ ପ୍ରଧାନ ପୁରସ୍କାର ପ୍ରଦାନ କରିଥିଲା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଶାରୀରିକ ନିରୀକ୍ଷକ ଭାଗିରଥି ସ୍ୱାଇଁ ସହକାରୀ ଗୋଷ୍ଠୀ ଶିକ୍ଷାଧିକରି ଭାଗିରଥି ପାତ୍ର, ବିଭୂନନ୍ଦନ ପଣ୍ଡା, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ପ୍ରତିଯୋଗିତା ରେ ବରିଷ୍ଠ ବିଭାଗରୁ ପ୍ରଥମ ସ୍ଥାନ ଅଧକାର କରିଛନ୍ତି ଗୁଣ୍ଟପଡା ଜଗଦଳପୁର ଉଚ୍ଚବିଦ୍ୟାଳୟ ୧୦ମ ଶ୍ରେଣୀର ଦିପକ କୁମାର ନାହାକ, ଦ୍ୱିତୀୟ ସ୍ଥାନ କଲେଜ ଛକ ସ୍ଥିତ ଟେକ୍ନିକାଲ ଉଚ୍ଚାବିଦ୍ୟାଳୟ ୯ମ ଶ୍ରେଣୀର ଭକ୍ତପ୍ରସାଦ ମହାନ୍ତି, ତୃତୀୟ ସ୍ଥାନ ଜୟପୁର ଉଚ୍ଚବିଦ୍ୟାଳୟ ୧୦ମ ଶ୍ରେଣୀର ପ୍ରଜ୍ଞାଭାରତୀ ଗୌଡ଼କ୍ଷ କନିଷ୍ଠ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଆଲିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ସାଇ ପ୍ରସାଦ ପାତ୍ର, ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଅଭିଜିତ ଜେନା,ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଗୁଣ୍ଟପଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିବାନୀ ବେହେରା, କନିଷ୍ଠ ବର୍ଗରୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଆସିକା ହରିହର ଉଚ୍ଚ ବିଦ୍ୟାଳୟ ର ରୁଦ୍ର ପରିଛା,ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଦେବଭୂମି ବିଦ୍ୟାଳୟ ର ସ୍ମୃତି ନାୟକ,ତୃତୀୟ ସ୍ଥାନ ଅଧିକାର କରିଛନ୍ତି ମଙ୍ଗଳପୁର ବିଦ୍ୟାଳୟ ର ସାଗର ନାୟକ ପ୍ରମୁଖ ପୁରସ୍କୃତ ହୋଇଥିଲେ କାର୍ଯ୍ୟକ୍ରମ କୁ ସି ଆର ସି ସି ସୁଭେନ୍ଦୁ ଶେଖର ଜେନା, ସିବ ଶଙ୍କର ଜେନା, ଜଗନ୍ନାଥ ଦାସ, ସତ୍ୟନାରାୟଣ ସେଠୀ, ମନୋରଂଜନ ପାଢୀ, କାଳୁଚରଣ ଲେଙ୍କା, ବିଦ୍ୟାଧର ସାହୁ, ସମିର ରଞ୍ଜନ ନାୟକ, ଧୋବା ବେହେରା, ସିମା□ଳ ସେଠୀ, ବଂଶିଧର ପରିଡାପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରେଣୀର ଅଧାରୁ ପିଲାଙ୍କ ଟିସି ପାଇଁ ରୁଣ୍ଡ ହେଲେ ଅଭିଭାବକ



ଅସ୍ତରଙ୍ଗ, (ମହାଭାରତ): ବିଦ୍ୟାଳୟ ରେ ଗୋଟେ ଶ୍ରେଣୀ ସରିଗଲା ପରେ ଛାତ୍ରଛାତ୍ରୀ ମାନେ ଟିସି ଆବେଦନ କରିଥାନ୍ତି, କିନ୍ତୁ ଆଜି ଏକ ଓଲଟା ଚିତ୍ର ଦେଖିବାକୁ ମିଳିଛି ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ଉଦୟପୁର ଗ୍ରାମ ନାରାୟଣ ବିଦ୍ୟାପୀଠ ରେ, ଏଠି ଆଜି ପାଖାପାଖି ୩୦ ଜଣ ଅଭିଭାବକ ଏକତ୍ରିତ ହୋଇ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଙ୍କ କକ୍ଷ ରେ ରୁଣ୍ଡ ହୋଇଥିଲେ। ଏ ସଂକ୍ରାନ୍ତ ରେ ସେମାନଙ୍କ ଠୁ ମତାମତ ଆଣିବା ପରେ କିଛି ଅଭିଭାବକ ଯଥା ତୁଷାରକାନ୍ତ ନାୟକ, ପତିତପାବନ କାଣ୍ଡି, କୈଳାଶ ଚନ୍ଦ୍ର ରାଉତ, ଗୋଲା କାଣ୍ଡି ପ୍ରଭୃତି କହିଥିଲେ ଯେ ଏହି ବିଦ୍ୟାଳୟ ରେ କିଛି ଅନୁପ୍ରବେଶ କାରି ଆସି ପୁରାତନ ସରକାର ଙ୍କ ରୂପାନ୍ତରିତ କାର୍ଯ୍ୟ କୁ କରୁଛନ୍ତି। ଯାହାର ସୂଚନା ଏଠି ପ୍ରଧାନ ଶିକ୍ଷକ କି ପରିଚାଳନା କମିଟି ପାଖରେ ନାହି, ଯଦି ବିଦ୍ୟାଳୟ ପ୍ରଧାନଶିକ୍ଷକ କି ପରିଚାଳନା କମିଟି ର ଅଜ୍ଞାତ ସାରରେ ବିଦ୍ୟାଳୟ ଉଉୟନ କାର୍ଯ୍ୟ କରାଯିବ। ଏଠି ସଦା ସର୍ବଦା ଅନୁପ୍ରବେଶ କାରି ଯାତାୟାତ କରିବେ ତାହେଲେ ଏଠି ଆମ ପିଲା ମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ମନେ କରୁଛନ୍ତି। ସେହି କାରଣ ରୁ ଆମେ ସାମୁହିକ ଭାବେ ଅଧା ପାଠ ପଢା ରୁ ଆମ ପିଲା ମାନଙ୍କ ଟିସି ଆବେଦନ ପାଇଁ ପ୍ରଧାନଶିକ୍ଷକ ଙ୍କ ନିକଟରେ ଦାବୀ ଉପସ୍ଥାପନା କରୁଛୁ। ଏ ବାବଦରେ ଆଲୋଚନା କରି ଆମକୁ ଫାଇନାଲ ମତାମତ ଦେବା ପାଇଁ ପ୍ରଧାନଶିକ୍ଷକ ଆମକୁ ସମୟ ମାଗିଛନ୍ତି। ପୁନଶ୍ଚ ଏ ବାବଦରେ ପ୍ରଧାନଶିକ୍ଷକ ଙ୍କ ମତାମତ ନିଆଯାଇଥିଲା, ବିଦ୍ୟାଳୟ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ମିଶ୍ର କହିଛନ୍ତି ରୂପାନ୍ତରିତ କାର୍ଯ୍ୟ ପାଇଁ ବିଦ୍ୟାଳୟ ପାଣ୍ଠି କୁ ୬୦ ଲକ୍ଷ ଟଙ୍କା ଆସିଥିଲା, କିନ୍ତୁ ଆମେ ବିଡ଼ିଓ ଙ୍କ ପାଣ୍ଠି କୁ ୫୦ ଲକ୍ଷ ଟଙ୍କା ପଠାଇ ଦେଇଛୁ, ସେମାନେ କିପରି କାମ ହେବ ତାହା ଜାଣିଥିବେ। ଆମେ ଏ ବାବଦରେ ଆଉ କିଛି କରିପାରିବୁ ନାହି। ଏହାକୁ କେନ୍ଦ୍ର କରି ଯେଉଁ ଅଭିଭାବକ ମାନେ ପିଲା ଙ୍କ ଟିସି ଆବେଦନ କରିବାକୁ ଦାବୀ କରୁଛନ୍ତି। ଅଧା ପାଠ ପଢା ରୁ ଏପରି କଲେ ପିଲା ଙ୍କର ଭବିଷ୍ୟତ ଓ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଭାବ ପଡିପାରେ, ଯଦି ଏହି ଘଟଣା କିଛି ସମାଧାନ ନହୁଏ ତେବେ ଏ ସଂକ୍ରାନ୍ତ ରେ ଆମେ ଉପରିସ୍ଥ ଅଧିକାରୀ ଙ୍କ ଦୃଷ୍ଟି ଆକର୍ଷଣ କରିବୁ, ପରିଚାଳନା କମିଟି ର ସଭାପତି ଦିଜବର ବାଗ ଏ ଘଟଣା କୁ ନେଇ ମତାମତ ରେ କହିଥିଲେ ଯେ ପରିଚାଳନା କମିଟି ର ଅଜ୍ଞାତ ରେ ରୂପାନ୍ତରିତ କାର୍ଯ୍ୟ ହେଉଛି, କିନ୍ତୁ ଯେଉଁ ଅଭିଭାବକ ମାନେ ପିଲା ଙ୍କ ଟିସି ଆବେଦନ କରିଛନ୍ତି ତାଙ୍କ ସହିତ ଆଲୋଚନା କରି ଏ ଘଟଣା ର ସମାଧାନ କରିବାକୁ ଆମେ ପ୍ରୟାସ କରୁଛୁ। ପରିଶେଷରେ ପଞ୍ଚାୟତ ସମିତି ଅତିରିକ୍ତ ଯନ୍ତ୍ରୀ ଙ୍କୁ ସନ୍ତୋଷ ସେଠି ଙ୍କ ମତାମତ ନେବା ପରେ ସେ ଏହି ଘଟଣା ସମ୍ପର୍କ ରେ କୌଣସି ତଥ୍ୟ ଜାଣିନାହାନ୍ତି ବୋଲି କହିଛନ୍ତି ଏବଂ ଗଣମାଧମ ପ୍ରତିନିଧି ଙ୍କ ଠୁ ଅବଗତ ହେବା ପରେ ଘଟଣା ର ୍ଧିବଧ ତଦନ୍ତ କରିବାକୁ ପ୍ରତିଶୃତି ଦେଇଛନ୍ତି ।

## ଲୋକ ଙ୍କ ପାଇଁ ଫଳକ ଗୁରୁ, ସରକାରୀ ସ୍ତରରେ କ୍ୟାରେ ବି ବିଳୟ

ହାଟଡିହ(ମହାଭାରତ): ଏପରି ସ୍ଥଳେ ହାଟଡିହି ବ୍ଲକ ର ବିଭିଉ ପଞ୍ଚାୟତ ରେ କୌଣସି ସରକାରୀ କାମ ରେ ବ୍ୟବହୃତ ଟଙ୍କା ଖର୍ଚ୍ଚ ବେଳେ ଫଳକ ର ରହିଛି ମୁଖ୍ୟ ଦାୟିତ୍ୱ। ଏପରି ସ୍ଥଳେ ଖୋଦ୍ ବ୍ଲକ ପରିସର ମଧ୍ୟରେ ଦେଖିବାକୁ ମିଳିଛି କ୍ୟା ଫଳକ ରେ ଘର ମରାମତି ଚିତ୍ର। ଯାହାକି ଜିଲ୍ଲା ପରିଷଦ ପାଣ୍ଠି ରୁ ବ୍ଲକ ର ଅଧକ୍ଷ୍ୟ ଓ ଉପାଧକ୍ଷ ଙ୍କ ଘର ମରାମତି ପାଇଁ ଦୁଇ ଲକ୍ଷ୍ୟ ପାଞ୍ଚ ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ ହୋଇ ରଙ୍ଗ ହୋଇଥିଲା। ଏହାକୁ ନେଇ ବ୍ଲକ ରେ ଉପାଧକ୍ଷ୍ୟ ଙ୍କ କାର୍ଯ୍ୟାଳୟ ର ଆବଶ୍ୟକତା କଣ ରହିଛି ବୋଲି ସେତେବେଳେ ତୁମ୍ଭି ତୋଫାନ ହେଉଥିଲା। ହେଲେ ବ୍ଲକ କାର୍ଯ୍ୟାଳୟ ରୁ ସମସ୍ତ କାର୍ଯ୍ୟ ରେ ଫଳକ ବଧାତା ମୂଳକ ବୋଲି ବାରମ୍ବାର ସଭାରେ ତାଗିଦ୍ କରାଯାଉଥିଲା। ହେଲେ କିପରି ବ୍ଲକ କାର୍ଯ୍ୟାଳୟ ମଧରେ ବିଡ଼ିଓ ଙ୍କ ସମେତ ତମାମ ବ୍ଲକ କର୍ମଚାରୀ ଉପସ୍ଥିତ ରହୁଥିବା ସତ୍ତ୍ୱେ ଫଳକ ନକରି କ୍ୟା ରେ ଫଳକ ନିର୍ମାଣ କରି ବିଲ୍ କଲେ ତାହା ଆଶ୍ଚର୍ଯ୍ୟ କରିଛି। ଯଦି ଉକ୍ତ କାମ କରିଥିବା ଠିକାଦାର ଙ୍କ ଚଲାକି ପାଇଁ ବ୍ଲକ କାର୍ଯ୍ୟାଳୟ ମଧରେ ବିଡ଼ିଓ ଙ୍କ ଆଖିରେ ଧୂଳି ଦେଇ ବିଲ୍ ହୋଇ ପାରୁଛି ତେବେ ବ୍ଲକ ଠାରୁ ଅନେକ ଦୂରରେ ଅବସ୍ଥିତ ଆଇତିପୂର,ଗେଡମା, ହାବେଳେଶ୍ୱର ବ୍ୟତ୍ରି ବାଙ୍ଗୋର୍, ହଦଗଡ଼, ସୋସ ପଞ୍ଚାୟତ ରେ କିପରି ଫଳକ ହେଉଛି କି ଏଠାରୁ ଅନୁମେୟ । ଏହା ଛଡା ବ୍ଲକ ରେ ଏପରି ଅନେକ ପଞ୍ଚାୟତ ରେ କାମ ଯେନ ତେଣ ପ୍ରକାର କରି କମ୍ପ୍ୟୁଟର ରୁ ଫଳକ ଏଡିଟ କରି ଦିଆ ଯାଉଥିବା ଦେଖିବାକୁ ମିଳୁଛି। ପରେ ସେହି ଗ୍ରାମ ବାସୀ ଙ୍କ ଦ୍ୱାରା ଅଭିଯୋଗ ହେବା ପରେ କାମ ଆସିଥିବା ଜାଣିବାକୁ ମିଳୁଛି। ବ୍ଲକ କାର୍ଯ୍ୟାଳୟ କୁ ଉଦାହରଣ ସ୍ୱରୂପ ନିଆଯାଇପରେ।

## ପାରାଦୀପ ମହାବିଦ୍ୟାଳୟର ଆଲୁମୁନି ଆସୋସିଏସନ ଗଠିତ
## ବସନ୍ତ ବିଶ୍ୱାଳ ସଭାପତି ଭାବେ ମନୋନୀତ




ପାରାଦୀପ(ମହାଭାରତ): ପାରାଦୀପ ମହାବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ପାଇଁ ମଙ୍ଗଳବାର ଦିନ କଲେଜ ପରିସରରେ ଆୟୋଜିତ ଏକ ଗୁରିତ୍ୱପୂର୍ଣ୍ଣ ବୈଠକରେ ପୂର୍ବତନ ଛାତ୍ରଛାତ୍ରୀ ମାନେ ଏକାଠି ହୋଇ ସର୍ବସମ୍ମତି କ୍ରମେ ଆଲୁମୁନି ଆସୋସିଏସନ ର ସଭାପତି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କୁ ମନୋନୀତ କରିଥିଲେ । ଏଥିରେ ମୁଖ୍ୟ ଉପଦେଷ୍ଟା ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ପାରାଦୀପ ବିଧାୟକ ତଥା ରାଜ୍ୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରହିଥିବା ବେଳେ ମହାବିଦ୍ୟାଳୟ ର ଅଧକ୍ଷା ଡ଼ଃ.ସସ୍ମିତା ଶତପଥି, ରବି ଦାସ ଏବଂ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଆସୋସିଏସନ ର ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ । ସେହିପରି ଉପସଭାପତି ଭାବେ ପ୍ରଦୀପ୍ତ ଦାସ,ଅନୁପ ସାହାଣୀ ଓ ସୁଶାନ୍ତ ଶେଖର ସ୍ୱାଇଁ, ସାଧାରଣ ସମ୍ପାଦକ ଗୌତମ ନାୟକ, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ବିଶ୍ୱନାଥ ବଳ, କୋଷାଧକ୍ଷ ମନମୋହନ ମିଶ୍ର, ସହ କୋଷାଧକ୍ଷ ବିଶ୍ୱଜିତ ସାମଲ, ମିଡ଼ିଆ ସେଲ ସଦସ୍ୟ ଶଶାଙ୍କ ଆଚାର୍ଯ୍ୟ, ସଞ୍ଜୟ ମିଶ୍ର ପ୍ରମୁଖ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବେ ଶଙ୍କର ପ୍ରସାଦ ରାଉତ, ଆଲୋକ ମହାପାତ୍ର, ନଳିନୀ ପ୍ରଭା ସାହୁ, ନୀଳିମା ପ୍ରିୟଦର୍ଶିନୀ, ସୌଭାଗ୍ୟ ମାଝୀ, ହିମାଂଶୁ ନାୟକ, ସରୋଜକାନ୍ତ ଜେନା, ସୁଶାନ୍ତ କୁମାର ବେହେରା, ଶିବାନୀ ସତ୍ୟପ୍ରକାଶ, ଅନିଲ ନାୟକ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ତେବେ ମହାବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ କୁ ମହାସମାରୋହରେ ସଫଳତାର ସହ ପାଳନ କରିବାକୁ ଏହି ବୈଠକରେ ଆଲୋଚନା ହୋଇଥିଲା ।

## ରାଇଭା ଫାଉଣ୍ଡେସନ ପକ୍ଷରୁ ପାରାଦୀପ ରେ ତିନିଦିନ ବ୍ୟାପି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ (ମହାଭାରତ): ଓଡ଼ିଶା ର ଅଗ୍ରଣୀ ସାମାଜିକ ସେବା ସଂସ୍ଥାନ ରାଇଭା ଫାଉଣ୍ଡେସନ ପକ୍ଷରୁ ପାରାଦୀପରେ ତିନିଦିନ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ସେବା କାର୍ଯକ୍ରମରେ ବାଲିଝରା ର ଜରାଶ୍ରମରେ ସ୍ୱାସ୍ଥ୍ୟ ଚେତନା ଶିବିର ଆୟୋଜିତ ହେବା ସହ ଅଉଦାନ କାର୍ଯକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ସଂସ୍ଥା ର ମୁଖ୍ୟ ଡକ୍ଟର ଅରୁନ୍ଧତୀ ଲେଙ୍କାଙ୍କ ତତ୍ତ୍ୱାବଧାନରେ ସୁଚାରୁ ରୂପେ ପରିଚାଳନା କରାଯାଇଥିଲା। ଏଥିରେ ଜୀବନବିମା କମ୍ପାନୀ ର ଅବସରପ୍ରାପ୍ତ ପରିଚାଳକ ତଥା ଆର୍ଟ ଅଫ ଲିଭିଙ୍ଗ ର ବରିଷ୍ଠ ଯୋଗ ଶିକ୍ଷକ ଦିଲୀପ କୁମାର ନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ପାରାଦୀପ ରେ ଆଗକୁ ଏହିଭଳି ସର୍ବ ସାଧାରଣ ଙ୍କ ପାଇଁ ତଥା ବସ୍ତି ବାସିନ୍ଦା ଙ୍କ ପାଇଁ ନିଃଶୁଳ୍କ ନେତ୍ର ଚିକିତ୍ସା ,ନିଶାମୁକ୍ତ ସଚେତନତା ତଥା ଶାରିରୀକ ସୁସ୍ଥତା,ବୃକ୍ଷ ରୋପଣ ଆଦି ବହୁ କାର୍ଯକ୍ରମ କରାଯିବ ବୋଲି ରାଇଭା ଫାଉଣ୍ଡେସନ ର ପରିଚାଳନା ଟ୍ରଷ୍ଟି ଡକ୍ଟର ଅରୁନ୍ଧତୀ ଲେଙ୍କା ସୂଚନା ଦେଇଛନ୍ତି। ପାରାଦୀପ ରେ ଏହିଭଳି କାର୍ଯ୍ୟକ୍ରମ କୁ ସଫଳ କରାଇବା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

## ଓଏମସି ରେ ନିଯୁକ୍ତି ପାଇଁ ସ୍ଥାନୀୟ ଯୁବକଙ୍କ ଦାବି ପତ୍ର

ହାଟଡିହ(ମହାଭାରତ): ହାଟଡିହି ବାଙ୍ଗୋର୍ ପଞ୍ଚାୟତ ରହି ଥିବା ଓଏମସି କିଛି ଦିନ ଧରି ବନ୍ଧ ହୋଇ ରହିଥଲା। ଏବେ ତାହା ଧୀରେ ଧୀରେ ସ୍ୱାଭାବିକ ହେବାକୁ ଆରମ୍ଭ କରୁଥିବା ବେଳେ ବିଭିନ୍ନ ପ୍ରକାର ଖାଲି ଥିବା ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳ ର ବହୁ ପିଲା ଏହି ନିଯୁକ୍ତି ପ୍ରକ୍ରିୟା ସାମିଲ ହେବାକୁ ଦାବି ପତ୍ର ଦେଇଛନ୍ତି। ମଙ୍ଗଳ ବାର ଦିନ ବାଙ୍ଗୋର ଅଞ୍ଚଳର କିଛି ବେକର ଯୁବକ ମାନେ ସୁରକ୍ଷା କର୍ମୀ ନିଯୁକ୍ତି ଦାବୀ ପତ୍ର ପ୍ରଦାନ କରିଥିଲେୟ ଏହି ପଦବୀ ପାଇଁ ବାହାର ଅଞ୍ଚଳର ପିଲାଙ୍କୁ ଭର୍ତ୍ତି କରାଯାଉଥିବା ଅଭିଯୋଗ ମଧ କରିଥିଲେ। ଏହା ସହ ଉକ୍ତ ଦରଖାସ୍ତ ଅନୁଯାୟୀ ସ୍ଥାନୀୟ ଯୁବକ ଙ୍କ ଦ୍ୱାରା ନିଯୁକ୍ତି ପୂରଣ ନହେଲେ ଆନ୍ଦୋଳନ ହେବ ବୋଲି ଉଲ୍ଲେଖ ରହିଛି। ଏହି ଦାବି ପତ୍ର ପ୍ରଦାନ ବେଳେ ବାଙ୍ଗୋର ଅ□ଳର ଅନେକ ଯୁବକ ଯୋଗ ଦେଇଥିଲେ ସେ ମାନଙ୍କ ମଧରେ ମହେଶ୍ୱର ସାହୁ, ବିଦ୍ୟାଧର ପାଢ଼ୀ ରାହୁଲ ପାତ୍ର, ସୁରେଶ ନାୟକ, ପ୍ରଶାନ୍ତ କୁମାର ବେହେରା, ପ୍ରଦୀପ ଗିରି, ଅକ୍ଷୟ ମଲ୍ଲିକ , ରମାକାନ୍ତ ପରିଡା, ହରେକୃଷ୍ଣ ପାତ୍ର, ଜୟଦେବ ପାତ୍ର ପ୍ରମୁଖ ଶତାଧିକ ଯୁବକ ଦାବି ପତ୍ର ପ୍ରଦାନ କରିଥିଲେ।

## ରାସ୍ତା କଡ଼ରୁ ବୃଦ୍ଧାଙ୍କୁ ଉଦ୍ଧାର କଲେ କୁନ୍ଦେଇ ପୋଲିସ ୟ

ରାଇଘର ବ୍ଲକ (ମହାଭାରତ) ଅନ୍ତର୍ଗତ ଓଡ଼ିଶା ଛତିଶଗଡ ସୀମାନ୍ତରେ ଲାଗିରହିଥିବା ପରଚିପାରା ଓ ହଳଦା ରାସ୍ତା ପାର୍ଶ୍ୱରେ ଏକ ଅଜଣା ବୃଦ୍ଧା ବ୍ୟକ୍ତି ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ନିକଟସ୍ଥ କୁନ୍ଦେଇ ଥାନାରେ ଖବର ଦେଇଥିଲେ। କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ଖବର ପାଇବାକ୍ଷଣି ଆମ୍ବୁଲାନ୍ସକୁ ଘଟଣା ସ୍ଥଳରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀଯୁକ୍ତ ସେଠୀ ଘଟଣା ସ୍ଥଳରୁ ବୃଦ୍ଧାଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟ ଅବସ୍ଥାକୁ ଦୃଷ୍ଟି ଦେଇ ସଙ୍ଗେ ସଙ୍ଗେ ନିକଟସ୍ଥ ହାଟଭରଣ୍ଡି ମେଡ଼ିକାଲରେ ଭର୍ତ୍ତି କରାଇବାର ବ୍ୟବସ୍ଥା ମଧ୍ୟ କରିଥିଲେ। ସୁଚନା ଅନୁଯାଇ ବୃଦ୍ଧାଙ୍କ ପାଖରେ ଥିବା ଆଧାର କାର୍ଡକୁ ଭିତ୍ତି କରି ବୃଦ୍ଧା ଜଣଙ୍କ ନାଗରି ଗାଆଁର ବେଦରାମ କୁଞ୍ଜମ ବୋଲି ଜଣାପଡିଛି। ଏ ଖବର ପାଇବା ମାତ୍ରେ କୁନ୍ଦେଇ ଥାନା ଅଧିକାରୀ ଛତିଶଗଡ ରାଜ୍ୟର ଧମତରୀ ଜିଲ୍ଲାର ନାଗରୀ ଥାନା ଏସଡିପିଓ କୁ ଖବର ଦେଇଥିଲେ। ଖବର ପାଇବା ମାତ୍ରେ ଛତିଶଗଡ ପୁଲିସ କୁନ୍ଦେଇ ଥାନା ସହିତ ଯୋଗାଯୋଗ କରି ହାବିଲଦାର ରଘୁନାଥ ନାୟକଙ୍କ ସହ ହାଟଭରଣ୍ଡି ମେଡ଼ିକାଲରେ ପହଞ୍ଚିଥିଲେ। ଅନ୍ୟ ପଟେ ସଦାବେଳେ କୁନ୍ଦେଇ ପୋଲିସ ଏଭଳି କାର୍ଯ୍ୟକରି ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଦେଖିବାକୁ ମିଳିଛି ।

### ହିନ୍ଦୋଳବାସୀଙ୍କ ପାଇଁ ଦିବାସ୍ୱପ୍ନ ବଡ଼ଯୋର ପ୍ରକଳ୍ପ ,
## ଚାଷୀଙ୍କ କାମରେ ଆସୁନି ସାପୁଆ-ବଡ଼ଯୋର ଜଳସେଚନ ପ୍ରକଳ୍ପ



ହିନ୍ଦୋଳ(ମହାଭାରତ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଚାଷୀମାନଙ୍କୁ ଚାଷକାର୍ଯ୍ୟ ନିମନ୍ତେ ବହୁ ଆଶା ଆଣିଦେଇଥିଲା ସାପୁଆ-ବଡଯୋର ଜଳସେଚନ ପ୍ରକଳ୍ପ ମାତ୍ର ଆଶା ଆଶାରେ ହିଁ ରହିଗଲା। ୧୯୯୫-୨୦୦୦ମସିହା ସମୟରେ ହିନ୍ଦୋଳବାସୀଙ୍କ ଚାଷକାର୍ଯ୍ୟ ପାଇଁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ରସୋଳ ଦଣ୍ଡିରୀ ନିକଟରେ ସାପୁଆ ଜଳସେଚନ ଏବଂ ହିନ୍ଦୋଳ ସଦର ଏନଏସି ଅଞ୍ଚଳ ମଧ୍ୟରେ ୱାର୍ଡନଂ-୧୪ ଭୀମଖନ୍ଦା ଠାରେ ବଡଯୋର ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିବାବେଳେ ସାପୁଆଡ୍ୟାମ କାର୍ଯ୍ୟ ହୋଇଥିଲା ମାତ୍ର ବଡଯୋର ପ୍ରକଳ୍ପ କାଗଜକଲମରେ ସୀମିତ ରହିଗଲା। ଏହି ଦୁଇଟି ପ୍ରକଳ୍ପର ଜଳଭଣ୍ଡାରରୁ ପାଣି ଆସି ନୂଆବଗ ବ୍ୟାରେଜରେ ରଖାଯାଇ ବିଭିଉ କେନାଲ ମାଧ୍ୟମରେ ପାଣି ଯାଇ ଏଥିରେ ନିର୍ଭରଶିଳ ବଣପାହାଡ଼ ଘେରା ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକର ୩୫ ପଞ୍ଚାୟତ ଓ ହିନ୍ଦୋଳ ଏନଏସି ର ୭୦%ଚାଷୀକୁଳ ଉପକୃତ ହୋଇଥାନ୍ତେ। ସେପଟେ ସାପୁଆ ଜଳସେଚନ ପ୍ରକଳ୍ପ ମଧ ଅଧାପାହାନ୍ତାରେ ଥିବାବେଳେ କେନାଲ ଗୁଡିକ ସମ୍ପୂର୍ଣ୍ଣ ହେଲାନାହିଁ ବରଂ ଏହାକୁ ପର୍ଯ୍ୟଟନସ୍ଥଳ ମାନ୍ୟତା ଦିଆଯାଇ କୋଟିକୋଟି ଟଙ୍କାର ଅନୁଦାନ ଅଣାଯାଇ ଉର୍ଭତି ନାମରେ ନିମ୍ନମାନର କାମକରି ରାଜନୀତିକରି ବାଟମାରାଣ କରାଯାଉଛି। ସେହିପରି ୨୦୦୦ରୁ ୨୦୨୪ ମଧ୍ୟରେ ଛଅ ଛଅ ଜଣ ବିଧାୟିକା ଦାୟିତ୍ୱ ଗ୍ରହଣ କରିଥିଲେ ମଧ୍ୟ ଅଣଦେଖା କରିବାସହ ହିନ୍ଦୋଳ ଏନଏସି ଭୀମଖନ୍ଦା ନିକଟ ବଡ଼ଯୋର ପ୍ରକଳ୍ପ ଆରମ୍ଭ ହୋଇପାରିଲା ନାହିଁ ଯାହାକି ସ୍ଥାନୀୟ ଜନସାଧାରଣ ଓ ଭୋଟରଙ୍କୁ ନିରାଶ କରିଛି। ହିନ୍ଦୋଳ ଏନଏସି ର ଭୀମଖନ୍ଦା ନିକଟରେ ବଡଯୋରା ପ୍ରକଳ୍ପ ଓ ସାପୁଆ ପ୍ରକଳ୍ପ ସଠିକ ଭାବରେ ହୋଇଥିଲେ ସ୍ଥାନୀୟ ଅଂଚଳର ଚାଷୀକୁଳ ସମେତ ବହୁ ବେରୋଜଗାର ବେକାର ଯୁବକ ଦାଦନ ଖଟିବାକୁ ବାହାରକୁ ନଯାଇ ଏହିଠାରେ ରୋଜଗାରକ୍ଷମ ହୋଇପାରନ୍ତେ ଏବଂ ଅଞ୍ଚଳ ବିକଶିତ ହୋଇପାରନ୍ତା ବୋଲି ଆଲୋଚନା ହୁଏ। ପ୍ରକଳ୍ପ ଆରମ୍ଭ ସମୟରେ ଭୀମଖନ୍ଦା ନିକଟରେ କିଛି ରାସ୍ତା, ଅଫିସ କ୍ୱାଟର ଓ ସାତମାଇଲ ଠାରେ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ହୋଇଥିବାବେଳେ ତାହା ଏବେ ଭୁତ କୋଠୀର ପରିଣତ ହୋଇଛି। ମାତ୍ର ନିର୍ବାଚିତ ନେତୃତ୍ୱ ମାନଙ୍କର ବୈମାତୃକ ମନୋଭାବ ଯୋଗୁଁ ହିନ୍ଦୋଳ ଏନଏସି ରେ ବଡଯୋରା ଜଳସେଚନ ପ୍ରକଳ୍ପ ଦିବାସ୍ୱପ୍ନ ହୋଇଥିବାବେଳେ ଉଭୟ ପ୍ରକଳ୍ପ ଏକ ପ୍ରକାରେ ଫେଲ ମାରିଛି ଏବଂ ଭୋଟରଙ୍କୁ ଭୁଆଁ ବୁଲାଯାଇଛି ଓ ଏହିସବୁ ପ୍ରକଳ୍ପ ଏକ ନିର୍ବାଚନୀ ଚାଲ, କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ କୋଟିପତି କରାଇବା ଉଦ୍ଦେଶ୍ୟ ବୋଲି ଠକାମିରେ ବାରମ୍ବାର ପଡିଥିବା ହିନ୍ଦୋଳ ଏନଏସି ସମେତ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଭୋଟର, ଜନସାଧାରଣ ଓ ବୁଦ୍ଧିଜୀବୀମାନେ ଆଲୋଚନା କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି ଯାହାକି ଆଗାମୀ ଦିନରେ ହିନ୍ଦୋଳ ରାଜନୀତିକୁ ପ୍ରଭାବିତ କରିବା ଆଶଙ୍କା ଏଡାଇ ଦିଆଯାଇ ନପାରେ। ଏଥିସହ ହିନ୍ଦୋଳ ଏନଏସି ଭୀମଖନ୍ଦା ଜଳସେଚନ ପ୍ରକଳ୍ପ ଶୀଘ୍ର ତ୍ୱରାନ୍ୱିତ କରିବାକୁ ହିନ୍ଦୋଳ ଜନସାଧାରଣ ରାଜ୍ୟସରକାରଙ୍କୁ ଦାବି କରିଛନ୍ତି।

# ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବିପଦ ଜନକ

## କୁଆଁରିଆ ସେତୁ ପାଲଟିଛି ମରଣଯନ୍ତା

ଦଶପଲ୍ଲା, ( ମହାଭାରତ ) : ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ନୟାଗଡ଼ ଦଶପଲ୍ଲାର କୁଆଁରିଆ ସେତୁ ପାଲଟିଛି ମରଣଯନ୍ତା। ପୂର୍ବ ଓ ପଶ୍ଚିମ ଓଡ଼ିଶା ମଧ୍ୟରେ ଯୋଗାଯୋଗର ଏକମାତ୍ର ମାଧ୍ୟମ ପାଲଟିଥିବା ଦଶପଲ୍ଲା ଦୁର୍ଗାବଜାରସ୍ଥିତ କୁଆଁରିଆ ସେତୁ ଏବେ ଯାତ୍ରୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ମରାମତି ଅଭାବ ରୁ ଦିନକୁ ଦିନ ସେତୁଟି ଖାଲଖମା ହୋଇ ଦୁର୍ବଳ ହେବାରେ ଲାଗିଛି। ସେତୁ ଉପର ସାରା ବଡ଼ ବଡ଼ ଖାଲଖମା ହେତୁ ଯାତାୟାତରେ ଯାତ୍ରୀ ମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ସେତୁର ଅବସ୍ଥା ଏଭଳି ରହିଛି ସାମାନ୍ୟ ଅସରାଏ ବର୍ଷା ହେଲେ ସେତୁ ଉପରେ ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରୁଛି। ବର୍ଷ ପାଣି ନିଷ୍କାସନ ପାଇଁ ରହିଥିବା ସ୍ଥାନଗୁଡ଼ିକ ବନ୍ଦ ହୋଇ ରହିଥିବାରୁ ହେତୁ ଉପରେ ବର୍ଷାପାଣି ନିଷ୍କାସନ ନହୋଇ ଜମି ରହୁଛି। ଫଳରେ ଗାଡ଼ି ମଟର ଯାତାୟାତ ବେଳେ ରାସ୍ତା ଦେଖା ନଯିବାରୁ ଦୁର୍ଘଟଣା ଘଟୁଛି। ପ୍ରତିଦିନ ସେତୁ ଉପରେ ଦୁର୍ଘଟଣା ଘଟୁଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ଦେଖା ଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଦୈନିକ ଏହି ରାସ୍ତା ଉପରେ ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, ସମ୍ବଲପୁର ଆଦି ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରର ଛତିଶଗଡ଼, ଆନ୍ଧ୍ର ଓ ମହାରାଷ୍ଟ୍ର ଆଦି ସ୍ଥାନକୁ ଶହ ଶହ ସଂଖ୍ୟାରେ ଯାନାବାହାନ ଯାତାୟାତ କରୁଛି। ଠିକ୍ କାମ ନକରି କାମଚଳା ଭାବେ ତାଳିପକା ନ୍ୟାୟରେ ଜାତୀୟ ରାଜପଥ ବିଭାଗ କାମ କରୁଛି। ଫଳରେ ରାସ୍ତାରେ ଖାଲଖମା ହେତୁ ବଢୁଛି ଦୁର୍ଘଟଣା। ଲୋକଙ୍କ ଅଭିଯୋଗ ଯେ



ଏଠି ରାସ୍ତା ମରାମତି ନାଁରେ ଟଙ୍କା ଲୁଟ ଚାଲିଛି। କେତେବେଳେ ଅସ୍ଥାୟୀ ଭାବେ ପିଚୁ ପକାଯାଉଛି ତ ପୁଣି କେତେବେଳେ ପଥରଗୁଣ୍ଡ ପକାଇ ବିଭାଗୀୟ ଅଧିକାରୀ ମାନେ କାମ ସାରି ଦେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଗାଡି ମଟର ଚଳାଚଳ କରୁଥିବାରୁ ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ସେପଟେ ଜାତୀୟ ରାଜପଥ ବିଭାଗ ପକ୍ଷରୁ କୁହାଯାଇଛି କୁଆଁରିଆ ସେତୁର ମରାମତି କାର୍ଯ୍ୟ ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେତୁଟି ପୁରୁଣା ହୋଇଥିବାରୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ଦଶପଲ୍ଲା ବଜାର ବାହାରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଯୋଜନା ରହିଛି।

# ରାମକୃଷ୍ଣ ସ୍କାଉଟ ଓ ସାରଦା ଗାଇଡ଼ ମାନଙ୍କ ଦ୍ୱାରା ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳିତ

ଆସିକା (ମହାଭାରତ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆସିକା ଗାୟତ୍ରୀ ନଗର ସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ଓ ଗାଇଡ଼ ମାନଙ୍କ ଦ୍ୱାରା ପବିତ୍ର ରକ୍ଷା ବନ୍ଧନ ଉତ୍ସବ ବିଦ୍ୟାମନ୍ଦିର ସ୍କାଉଟ ଗାଇଡ଼ ମାନଙ୍କ ଦ୍ୱାରା ମହାଡ଼ମ୍ବର ସହିତ ପାଳିତ ହୋଇଯାଇଛି । ସକାଳୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ବିଧିବଦ୍ଧ ଭାବେ ବିଦ୍ୟାମନ୍ଦିରରେ ଛାତ୍ର ଛାତ୍ରୀ ମାନଙ୍କୁ ରୀତିନୀତି ପରମ୍ପରା ଅନୁଯାୟୀ ରକ୍ଷା ବନ୍ଧନ ଉତ୍ସବ ଆରମ୍ଭ କରିଥିଲେ। ପରେ ପରେ ବିଦ୍ୟାମନ୍ଦିରର ସମସ୍ତ ଛାତ୍ର ଛାତ୍ରୀ ପରସ୍ପର କୁ ରକ୍ଷାବନ୍ଧନ ସୂତ୍ରରେ ବାନ୍ଧି ହେଲା ପରେ ବିଦ୍ୟାମନ୍ଦିରର ସ୍କାଉଟ ଓ ଗାଇଡ଼ ମାନେ ଆସିକା ସବଜର୍ଜ ସୌଦାମିନୀ ବିଶ୍ୱାଳ,ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ଆସିକା ବିଡ଼ିଓ ଫକୀର ଚରଣ ପରିଡା,ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ, ସମବାୟ ବିତ ସୂର୍ଯ୍ୟକାନ୍ତ ପରିଡା, ଆସିକା ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ ଆସିକା ବିଧାୟକ ପ୍ରତିନିଧି ସଂନ୍ଦୀପ ପାଢ଼ୀଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ଙ୍କୁ ରାକ୍ଷୀ ବାନ୍ଧିଥିଲେ । ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ବିଦ୍ୟାମନ୍ଦିର ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା, ଗାଇଡ଼ କ୍ୟାପଟେନ କାଦମ୍ବିନୀ ହୋତା, ଗାଇଡ଼ କ୍ୟାପଟେନ ଲିନା କୁମାରୀ ସ୍ୱାଇଁ ପରିଚାଳନା କରିଥିଲେ । ତତ ସହିତ ବିଦ୍ୟାମନ୍ଦିର ର ସହ-ସମ୍ପାଦକ ଦିଲ୍ଲୀପ କୁମାର ଶତପଥୀ, ଗୁରୁଜୀ ଗୁରୁମା କାର୍ତ୍ତିକେଶ୍ୱର ବେହେରା, ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ର, ସୁନୀତା କୁମାରୀ ମହାପାତ୍ର,କେ ମାଧବି ଆଚାରୀ, ସସ୍ମିତା କୁମାରୀ ସାହୁ, ଅଶୋକ କୁମାର ପଟ୍ଟନାୟକ, କେ କମଳା କୁମାରୀ ଆଚାରୀ, ପିଙ୍କି ପ୍ରମୁଖ ସହଯୋଗ କରିଥିଲେ।

# କାରିଗର ମାନେ ଗଣେଶ ମୂର୍ତ୍ତି କରିବାରେ ବ୍ୟସ୍ତ

ଗଜପତି(ମହାଭାରତ): ଆଗକୁ ଗଣେଶ ପୂଜା ଥିବାରୁ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିର କଟକିଆ ସାହି ଚିତ୍ରକାର ସାହିରେ ମୂର୍ତ୍ତି କାରିଗରମାନେ ଗଣେଶ ମୂର୍ତ୍ତି ତିଆରି କରିବା ରେ ବ୍ୟସ୍ତ ରହିଛନ୍ତି। ମାଟି ମୂର୍ତ୍ତି ପ୍ରଦୂଷଣ ମୁକ୍ତ ସହଜରେ ଜଳରେ ମିଳେଇ ଯାଉଥିବାରୁ ବର୍ତ୍ତମାନ ମାଟି ମୂର୍ତ୍ତି ପ୍ରତି ଲୋକେ ଆକୃଷ୍ଟ ହେଉଥିବାର ଦେଖିବାକୁ ମିଳିଛି। ମୂର୍ତ୍ତିଟିଏ ଗଢିବା ପାଇଁ ମାଟି,କୁଟା କନା, ବାଉଁଶ,କାଠ ରଙ୍ଗ ତୁଳୀ ଏହିଭଳି ବିଭିଉ ସରଞ୍ଜାମର ଆବଶ୍ୟକ ହୋଇ ଥାଏ। ମାଟି ମୂର୍ତ୍ତି ନିର୍ମାଣ କରିବା ପାଇଁ ୫ ଦିନରୁ ୧୦ ଦିନ ଲାଗିଥାଏ। ମାଟି ମୂର୍ତ୍ତି ଗଢିବା ପାଇଁ ବହୁତ ପରିଶ୍ରମ କରିବାକୁ ପଡିଥାଏ। କିନ୍ତୁ ନିର୍ମାଣ ଅନୁସାରେ ସେତିକି ପାରିଶ୍ରମିକ ପାଇପାରୁ ନଥିବା ଜଣା ପଡ଼ିଛି। ପ୍ରକାଶ ଥାଉକି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତିକୁ କଟକଣା କରାଯାଇଛି। ତେଣୁ ମାଟି ମୂର୍ତ୍ତି କାରିଗରମାନେ ମାଟି ମୂର୍ତ୍ତି ଗଢିବାରେ ବ୍ୟସ୍ତ ଅଛନ୍ତି।

# ଓଜନ ଉତ୍ସବ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର ବି.ସୀତାପୁର ଗ୍ରାମର ଅଙ୍ଗନବାଡି କେନ୍ଦ୍ର ଠାରେ ଓଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଓଜନ ଉତ୍ସବ ଅଙ୍ଗନବାଡି କର୍ମୀ ପୁଷ୍ପାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଯାଞ୍ଚ କମିଟି,ମାତୃ କମିଟି, ସ୍ୱୟଂ ସହାୟକ ଗୋଷ୍ଠୀର ମାଆ ମାନେ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। କିଶୋର କିଶୋରୀ ଜନ୍ମ ରୁ ୬ ବର୍ଷ ପର୍ଯ୍ୟନ୍ତ ଶିଶୁ ଗର୍ଭବତୀ ମହିଳା ଓ ହିତାଧିକାରୀ ଅଭିଭାବକ ମାନେ ଯୋଗ ଦେଇଥିଲେ। ଶେଷରେ ଶିଶୁ, କିଶୋର କିଶୋରୀ ଙ୍କ ଓଜନ ଉଚ୍ଚତା ଏହି ମାନଙ୍କ ସକାଶେ ହୋଇଥିଲା ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଉଦ୍ଦେଶ୍ୟ ହେଲା କୁ ପୋଷଣ ଶିକାର ଠାରୁ ଦୂରେଇ ରଖିବା ତତ ସହ ଗର୍ଭ ବତୀ ଓ କିଶୋରୀ ମନେ ମଧ୍ୟ କୁ ପୋଷଣ ତଥା ସଙ୍କଟ ପଣ ରହିବ ନହିଁ। ପରିଶେଷରେ ଅଙ୍ଗନବାଡ଼ି କର୍ମୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସହଯୋଗ ଫାଉଣ୍ଡେସନ୍ ଦ୍ୱାରା ସିଆରପିଏଫ କ୍ୟାମ୍ପ ଓ ଜିଲ୍ଲା ଜେଲ୍ ରକ୍ଷାବନ୍ଧନ ପାଳନ

ବଲାଙ୍ଗୀର ( ମହାଭାରତ ) ବଲାଙ୍ଗୀରର ପ୍ରମୁଖ ସାମାଜିକ ସଂସ୍ଥା, ସହଯୋଗ ଫାଉଣ୍ଡେସନ୍ ସିଆରପିଏଫ କ୍ୟାମ୍ପ ଓ ଜିଲ୍ଲା ଜେଲ୍ ରକ୍ଷାବନ୍ଧନ ପବିତ୍ର ପର୍ବକୁ ବହୁତ ଉତ୍ସାହର ସହିତ ପାଳନ କରିଥିଲା। ଏହି ଆୟୋଜନ ସମାଜରେ ପ୍ରେମ, ଏକତା ଓ ଭାଇଚାରାର ଭାବନାକୁ ବୃଦ୍ଧି କରିବା ପାଇଁ ଫାଉଣ୍ଡେସନର ଗଭୀର ପ୍ରତିବଦ୍ଧତାର ପ୍ରମାଣ ଥିଲା। ସିଆରପିଏଫ କ୍ୟାମ୍ପରେ ଫାଉଣ୍ଡେସନର ସଦସ୍ୟମାନେ ଜବାନ ଓ ଅଧିକାରୀମାନଙ୍କୁ ରାଖି ବାନ୍ଧି ତାଙ୍କ ପ୍ରତି ସୁରକ୍ଷା, ଦେଖଭାଲ ଓ ସମ୍ମାନର ପ୍ରତୀକ ପ୍ରସ୍ତୁତ କରିଥିଲେୟ ଏହି ଅବସରରେ ଜବାନମାନେ ଭାବୁକ ହୋଇ କହିଲେ, ଆମେ ଆମ ପରିବାରରୁ ଦୂରରେ ରହି ଦେଶ ସେବା କରୁଛୁ, କିନ୍ତୁ ସହଯୋଗ ଫାଉଣ୍ଡେସନ୍



ଆମକୁ ଘରର ଭଉଣୀ ମାନଙ୍କର ସ୍ମୃତି ଉପସ୍ଥାପନ କରିଥିଲା। ଏହା ଆମ ପାଇଁ ଗୋଟିଏ ଧାଗା ନୁହେଁ, ଏହା ଆମ ପାଇଁ ଦେଶଭକ୍ତି ଓ କର୍ତ୍ତବ୍ୟନିଷ୍ଠାର ପ୍ରତୀକୟ ଏହି କ୍ରମରେ ଜିଲ୍ଲା ଜେଲ୍ ମଧ୍ୟ ରେ ରକ୍ଷାବନ୍ଧନ ପର୍ବକୁ ହର୍ଷୋଲ୍ଲାସ ସହିତ ପାଳନ କରାଗଲା, ଯେଉଁଠାରେ ଫାଉଣ୍ଡେସନର ସଦସ୍ୟମାନେ ଅଧିକାରୀମାନେ, ଷ୍ଟାଫ୍ ଓ ବନ୍ଦୀମାନଙ୍କ ସହିତ ଏହି ପବିତ୍ର ପର୍ବକୁ ପାଳନ କରିଥିଲେ। ଏହି ଆୟୋଜନ ସମାବେଶିତା ଓ କରୁଣାର ସନ୍ଦେଶ ପ୍ରସାରଣ କରିଥିଲା, ଯେଉଁଠାରେ ବନ୍ଦୀମାନେ ମଧ୍ୟ ଏହାକୁ ଭାବୁକ ହୋଇ ଗ୍ରହଣ କରିଥିଲେ ଓ ଏହାକୁ ତାଙ୍କ ଜୀବନରେ ଗୋଟିଏ ନୂତନ ଆଲୋକର ରୂପରେ ଦେଖିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ଫାଉଣ୍ଡେସନର ସକ୍ରିୟ ସଦସ୍ୟମାନେ ସନ୍ତୋଷ ଲାଲ, ଅନିତା ଅଗ୍ରୱାଲ, ମମତା ନାୟକ, ଅନିତା ତ୍ରିପାଠୀ, ମୟୂରୀ ପାଢ଼ୀ, ଆର୍ତ୍ତତ୍ରାଣ ପାଢ଼ୀ,ଅନାଦ ପାଢ଼ୀ , ରାମନାରାୟଣ ଦାସ, ପ୍ରଭାତ ଶ୍ରୀବାସ୍ତବ, ପ୍ରଦୀପ ଲାଲ, ସୁଦୀପ୍ତା ତ୍ରିପାଠୀ, ଶ୍ରୀକାନ୍ତ ଶର୍ମା ଓ ପଞ୍ଚାନନ ନାୟକଙ୍କ ସହଯୋଗରେ ସମ୍ଭବ ହୋଇଥିଲା। ସହଯୋଗ ଫାଉଣ୍ଡେସନର ମହାସଚିବ ଶ୍ରୀମତୀ ପିଙ୍କି ମୋଦି ରକ୍ଷାବନ୍ଧନର ମହ□କୁ ଉଜାଗର କରି କହିଥିଲେ, ରକ୍ଷାବନ୍ଧନ ସାବନ୍ ମାସରେ କିମ୍ବା ଅଗଷ୍ଟ ମାସରେ ପାଳନ କରାଯାଉଥିବା ସାଂସ୍କୃତିକ ପର୍ବୟ ଏହା ଭାଇମାନେ ଓ ଭଉଣୀ ମାନଙ୍କ ମଧ୍ୟରେ ବନ୍ଧନକୁ ପାଳନ କରିବାର ପବିତ୍ର ଅବସର। ଏହି ଦିନେ ଭଉଣୀମାନେ ତାଙ୍କ ଭାଇମାନଙ୍କ କଲାଇରେ ରାଖି ବାନ୍ଧିବା ଓ ଭାଇମାନେ ସମଗ୍ର ଜୀବନ ତାଙ୍କର ରକ୍ଷା କରିବାର ପ୍ରତିଜ୍ଞା କରନ୍ତି। ସେ ଆହୁରି କହିଥିଲେ, ଆମ ଜବାନମାନେ ଦେଶର ସୀମାର ସୁରକ୍ଷା କରନ୍ତି, ଏବଂ ଆମେ ସମାଜରେ ଏକତା ଓ ପ୍ରେମର ସୁରକ୍ଷା କରିବାକୁ ପ୍ରତିବଦ୍ଧ। ସହଯୋଗ ଫାଉଣ୍ଡେସନ୍ ସମାଜର ଭଲପାଇବା ପାଇଁ ଭବିଷ୍ୟତରେ ମଧ୍ୟ ଏପରି କାର୍ଯ୍ୟକ୍ରମଗୁଡ଼ିକ ଆୟୋଜନ କରାଯିବ , ଯାହା ପ୍ରେମ, ସୁରକ୍ଷା ଓ ଏକତାର ଭାବନାକୁ ରକ୍ଷା କରିବାକୁ ସମର୍ଥ ହେବ ବୋଲି ଶ୍ରୀମତୀ ପିଙ୍କି ମୋଦି କହିଥିଲେ।

# ରାଜ୍ୟ ବିଜେପି ସରକାର ଏବଂ କେନ୍ଦ୍ର ସରକାର ବିରୋଧରେ ଜନ ସଚେତନତା କାର୍ଯ୍ୟକ୍ରମ

ଉଦଳା, (ମହାଭାରତ): ଉଦଳା ବ୍ଲକ ଏବଂ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ଉଦଳା ବ୍ଲକ ସମ୍ମୁଖରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ଅଧ୍ୟକ୍ଷତାରେ ଏକ ଜନସଚେତନ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଉଦଳା ବ୍ଲକ ଏବଂ ବିଜ୍ଞାପିତ ଅଂଚଳ ପରିଷଦର ଆନୁମାନିକ ୭/୮ ଶହ ବୁଢ଼ାବୁଢ଼ୀ, ବିଧବା, ଅସହାୟ ବିକଳାଙ୍ଗ ଭତ୍ତାଧିକାରୀ ମାନେ ଉପସ୍ଥିତ ହୋଇ ରାଜ୍ୟ ଏବଂ କେନ୍ଦ୍ର ସରକାର ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ। ଉକ୍ତ ସଭାରେ ମଂଚାସୀନ ଥିବା ଜିଲ୍ଲାର ବରିଷ୍ଠ ନେତା ଜିତେନ୍ଦ୍ର ମହାନ୍ତି, ପୂର୍ବତନ ନଗରପାଳ ମନୋଜ ମହାନ୍ତି, ବନମାଳୀ ବେହେରା, ଟାଉନ ସଭାପତି, ଗୋବିନ୍ଦ ଚନ୍ଦ୍ର ନାୟକ ବ୍ଲକ ସଭାପତି, ଟାଉନ କାର୍ଯ୍ୟକାରୀ ସଭାପତି ସୌଭାଗ୍ୟ କୁମାର ସାହୁ, ଏନ୍.ଏ.ସି.ର ଉପାଧ୍ୟକ୍ଷା ଲିଲି ଭୋଳ, ୧ ନଂ ଜୋନ ଜିଲ୍ଲାପରିଷଦ ସୁଶାନ୍ତି ସିଂ, ୨ନଂ ଜୋନର ଲଳିତା ବିଶୋଇ, ଅମୀୟ କୁମର ବଳ, ସୀମାନ୍ତ ତ୍ରିପାଠୀ, ପ୍ରଦୀପ ପରିଡ଼ା, ମହିଳା ନେତ୍ରୀ ବିଜୟା ବାରିକ ଏବଂ କାଉନସିଲର ଯମୁନା ମାର୍ଣ୍ଡି, ମମତା ଟୁଡ୍ଡୁ, ପଦ୍ମାବତୀ ଦେହୁରୀ ଏବଂ ସମସ୍ତ ନେତୃମଣ୍ଡଳୀ ଉପସ୍ଥିତ ହୋଇ ଡ଼ବଲ ଇଞ୍ଜିନ ସରକାର ଚଳିତ ବର୍ଷ ସାଧାରଣ ନିର୍ବାଚନରେ ଯେଉଁ ପ୍ରତିଶ୍ରୁତି ଲୋକମାନଙ୍କୁ ଦେଇଥିଲେ ଯଥା- ଓଡ଼ିଶାର ସମସ୍ତ ଭତ୍ତାଧିକାରୀ ମାନଙ୍କୁ ୩୦୦୦ (ତିନି ହଜାର) ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରିବା କଥା କିନ୍ତୁ ସରକାରକୁ ଆସିଲା ପରେ ଟାଳଟୁଳ ନୀତି ଅବଲମ୍ବନ କରିଥିବାର ପ୍ରକାଶ କରିଥିଲେ। ଓଡ଼ିଶା ସରକାର ଯେତେବେଳେ ବଜେଟ ଉପସ୍ଥାପନ କଲେ ଯେଉଁ ହିତାଧିକାରୀ ମାନଙ୍କର ୮୦ ବର୍ଷ ହୋଇଛି ତାଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ ଏବଂ ଯେଉଁ ବିକଳାଙ୍ଗ ମାନଙ୍କର ୮୦% ରୁ ଅଧିକ ବିକଳାଙ୍ଗ ଥିବେ ସେମାନଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ। ଚଳିତ ବର୍ଷ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ଲୋକମାନଙ୍କୁ ଚଞ୍ଚକତା କରି ନିର୍ବାଚନ ବୈତରଣୀ ପାର ହେଲା ପରେ ଲୋକମାନଙ୍କର ମାନସିକ ସହିତ ଯେଉଁ ଖେଳ ଖେଳିଛନ୍ତି ତାହାକୁ ଉପସ୍ଥିତ ନେତୃମଣ୍ଡଳୀ ମାନେ ସମସ୍ତେ ଘୋର ନିନ୍ଦା କରିଥିଲେ।

# ଅନୁଗୋଳ ଫଟୋଗ୍ରାଫର ଆସୋସିଏସନ ପା ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ



ଅନୁଗୋଳ,(ମହାଭାରତ):ଅନୁଗୋଳ ରେ ଆୟୋଜିତ ହୋଇଛି ବିଶ୍ୱ ଫଟୋ ଗ୍ରାଫି ଦିବସ। ଅନୁଗୋଳ ଫଟୋଗ୍ରାଫର ଆସୋସିଏସନ ପା ର ପକ୍ଷରୁ ଏହି ଦିବସର ଆୟୋଜନ ହୋଇଥିଲା। ଏହି ଅବସରରେ ମଧ୍ୟ ପା ର ୧୧ ତମ ବାର୍ଷିକ ଉତ୍ସବ ର ଆୟୋଜନ ହୋଇଥିଲା। ଏଥିପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର ସଭା ରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ , ମୁଖ୍ୟ ବକ୍ତା ଭାବେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା ଯୋଗ ଦେଇ ଆଜି ଦିନର ତାତ୍ପର୍ଯ୍ୟ ସମ୍ପର୍କରେ ନିଜ ନଜର ମତ ରଖିଥିଲେୟ ଜିଲାର ବିକାଶରେ ଫଟୋ ଗ୍ରାଫର ଙ୍କ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ମତ ରଖିଥିଲେ। ଆଗାମୀ ଦିନରେ ଫଟୋଗ୍ରାଫର ଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନ ଓ ବିଭିଉ ଶିଳ୍ପ ସଂସ୍ଥା ସହ ଆଲୋଚନା କରି ସମାଧାନ କରାଯାଇ ପାରିବ ବୋଲି ବିଧାୟକ କହିଥିଲେୟ ସଂଘ ସଭାପତି ଦିଲ୍ଲୀପ ଧୀର ସାମନ୍ତ ସଭାପତିତ୍ୱ ରେ ଆୟୋଜିତ ସଭା ରେ ବରିଷ୍ଠ ଡାକ୍ତର ପ୍ରଫୁଲ୍ଲ କୁମାର ସାହୁ , ସଂଘ ର ଆଇନ ପରାମର୍ଶ ଦାତା ଭୁପେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ଫଟୋଗ୍ରାଫର ଜୟ କୃଷ୍ଣ ପାତ୍ର ଯୋଗ ଦେଇ ନିଜ ନିଜ ମତ ରଖିଥିଲେ। ଏହି ଅବସରେ ରେ ବରିଷ୍ଠ ଫଟୋଗ୍ରାଫର ବିମଳ କୃଷ୍ଣ ନାୟକ ଙ୍କୁ ସମ୍ମାନିତ କରାଯାଇଥିଲା। ସଙ୍ଘ ର କର୍ଯ୍ୟକାରୀ ସଭାପତି ଅନନ୍ତ ନାରାୟଣ ନାୟକ ସଭା ପରିଚାଳନା କରିଥିଲେ। ସଙ୍ଘ ର କୋଷାଧ୍ୟକ୍ଷ ଛବିଳ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ଜିଲା ସମସ୍ତ ଫଟୋଗ୍ରାଫର ଓ ସୌଖିନ ଫଟୋ ଗ୍ରାଫର ସାମିଲ ହୋଇଥିଲେ। ସଂଘ ର ସମ୍ପାଦକ ଦିନବନ୍ଧୁ ସାହୁ ପରୋକ୍ଷରେ ସମସ୍ତ କାର୍ଯ୍ୟ ର ତଦାରଖ କରିଥିଲେ।

# ବେଲପଡାରେ ଝାଡାବାନ୍ତି ୩ ଜଣ ଙ୍କ ମୃତ୍ୟୁ ୩୦ ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ପାଟଣାଗଡ଼ ( ମହାଭାରତ ) ବେଲପଡା ସହରରେ ଡ଼ାଇରୀଆ ଆତଙ୍କ ଦେଖା ଦେଇଛି । ସହର ର ତଳିପଡା ଓ ଗୌନ୍ତିଆ ପଡା ରେ ଗତ ୪ ଦିନରେ ଝାଡାବାନ୍ତି ରୋଗର ଶିକାର ହୋଇ ୩ ଜଣଙ୍କ ମୃତ୍ୟୁ ହେବା ବେଳେ ୩୦ ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ବିଭିଉ ଡାକ୍ତରଖାନରେ ଚିକିତ୍ସା ହେଉଛନ୍ତି । ମୃତକ ମାନେ ହେଲେ ରାଏମତି ପୁଟେଲ



, କୁନ୍ତଳା ଗୁରୁ ଓ ୩୨ ବର୍ଷିଆ ହିମାଂଶୁ ପୁଟେଲ । ଦୁଇ ଜଣ ବୃଦ୍ଧା ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ଅବସ୍ଥା ରେ ମୃତ୍ୟୁ ବରଣ କରିଥିବା ବେଳେ ହିମାଂଶୁ ବେଲପଡା ଡାକ୍ତରଖାନା ରୁ ପାଟଣାଗଡ଼ କୁ ରେଫର କରା ଯାଇ ଥିବା ବେଳେ ବାଟରେ ମୃତ୍ୟୁ ବାରଣ କରିଛନ୍ତି । ତେବେ ଗତ କିଛି ଦିନ ହେବ ପଡା ରେ ଏପରି ଝାଡାବାନ୍ତି ହେଉଥିଲେ ହିଁ ପ୍ରଶାସନ ର ନଜର ପଡୁନାହିଁ । ଏମିତି କି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବା ପରିବାର ଲୋକ ଅଭିଯୋଗ କରୁଛନ୍ତି । ଯାହା ଫଳରେ ପରିବାର ଲୋକ ବାଧ ହୋଇ ଘରେ କ୍ୱାକର ସାହାଯ୍ୟ ନେଇ ଖର୍ଚ୍ଚାନ୍ତର ହେଉଥିବା ଜଣା ପଡୁଛି । ପିଲା ଠୁ ବୁଢା ସମସ୍ତଙ୍କୁ ଏହି ରୋଗ ଆକ୍ରାନ୍ତ ହେଉଥିବା ବେଳେ ବର୍ତ୍ତମାନ ବି ବହୁ ରୋଗୀ ପାଟଣାଗଡ଼ ଡାକ୍ତରଖାନା ଓ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସପିଟାଲ ରେ ଭର୍ତ୍ତି ହୋଇ ଚିକିତ୍ସା ହେଉଛନ୍ତି ।ତେବେ ଝାଡାବାନ୍ତି ର କାରଣ ଜଣା ପଡି ନ ଥିବା ବେଳେ ପ୍ରଶାସନ ପକ୍ଷରୁ ଆବଶ୍ୟକ ଚିକିତ୍ସା ଯୋଗାଇ ଦେଉନ ଥିବା ପଡାବାସି ଅଭିଯୋଗ କରୁଛନ୍ତି। ତୁରନ୍ତ ଏହା ଉପରେ ଦୃଷ୍ଟି ଦେଇ ଲୋକ ମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ଦାବି ହେଉଛି ।

# "ନିଓ ଫର ମର୍ଚ୍ଚାଂଟ୍" ଆପ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୨୦।୮ (ମହାଭାରତ):** ଦେଶର ଅନ୍ୟତମ ଅଗ୍ରଣୀ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଭିସା ଓ ମିନଟୋକ୍ ସହଯୋଗିତାରେ ମର୍ଚ୍ଚାଂଟ୍‌ମାନଙ୍କ ଲାଗି "ନିଓ ଫର ମର୍ଚ୍ଚାଟ୍" ଆପ୍ ର ଶୁଭାରମ୍ଭ କରାଯାଇଛି। ଉନ୍ନତ ବ୍ୟାଙ୍କିଙ୍ଗ ସମାଧାନ ଜରିଆରେ ବ୍ୟବସାୟକୁ ସଶକ୍ତ କରିବାରେ ଆକ୍ସିସ୍ ବ୍ୟାଙ୍କର ରହିଥିବା ପ୍ରତିବଦ୍ଧତାରେ ଏହା ଏକ ମାଇଲଖୁଂଟ। ମିତବ୍ୟୟୀ ୟୁଜର ଇଂଟରଫେସ୍, ପେମେଂଟ୍ ଗ୍ରହଣ କରିବାର ବିକଳ୍ପ ଓ ମୂଲ୍ୟବାନ ବ୍ୟବସାୟ ସୂଚନା ସହିତ ନିଓ ଫର ମର୍ଚ୍ଚାଂଟ୍ ଭାରତରେ ପେମେଂଟ୍ ଦୃଶ୍ୟପଟ୍ଟରେ ପରିବର୍ତ୍ତନ ଆଣିପାରିବ। ନିଓ ଫର୍ ମର୍ଚ୍ଚାଂଟ୍ ଆପ୍ ଜରିଆରେ ମର୍ଚ୍ଚାଂଟ୍‌ମାନେ ପେମେଂଟ୍ ଗ୍ରହଣ କରିପାରିବେ, କାରବାର ରିପୋର୍ଟ ଦେଖିପାରିବେ ଏବଂ ସେବା ଅନୁରୋଧ ପଠାଇପାରିବେ। ସେଥିପାଇଁ ସେମାନଙ୍କୁ ଆଉ ରିଲେସନ୍‌ସିପ୍ ମ୍ୟାନେଜରଙ୍କ ଉପରେ ନିର୍ଭରଶୀଳ ରହିବାକୁ ପଡ଼ିବନି। ଏହି ଆପ୍ ସୁଲଭ ସମାଧାନ ପ୍ରଦାନ କରିବ ଓମ୍ନି ଚ୍ୟାନେଲ୍ ପେମେଂଟ୍ ଅନୁଭୂତି ବଢ଼ାଇବ।

# ମା' ସର୍ବମଙ୍ଗଳା ଘାଟିମୁଣ୍ଡିଆଣି ଦେବୀଙ୍କ ଡଙ୍ଗର ଯାତ୍ରା

କୋକସରା,(ମହାଭାରତ): ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦେବାଦେବୀମାନଙ୍କ ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବାବେଳେ ପରମ୍ପରା, ଚାଲିଚଳଣି ସହ ଦେବାଦେବୀ ମାନଙ୍କ ରିତିନୀତି ପାଳନ କରିବାରେ ଏକ ନିବିଡ଼ ସମ୍ପର୍କ ରହିଛି। ଆଦିବାସୀମାନେ ପ୍ରତିଟି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଦେବାଦେବୀ ମାନଙ୍କୁ ସୁମରଣ ନ କଲେ କୌଣସି କାମ ଆରମ୍ଭ କରିନଥାନ୍ତି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋତମୁଣ୍ଡାଠାରେ ଥିବା ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ କେଉଁ ଏକ ଆବାହାନମାନ କାଳରୁ ମା' ସର୍ବମଙ୍ଗଳା ଘାଟିମୁଣ୍ଡିଆଣୀ ଦେବୀ ପୂଜାପାଇ ଆସୁଛନ୍ତି। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ପରେ ପଡୁଥିବା ମଙ୍ଗଳବାର ଦିନ ଦେବୀ ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କୁ ପୂଜା କରାଯାଏ। ଗ୍ରାମ ପୁଝାରୀଙ୍କ ଗହଣରେ ଗୋତମୁଣ୍ଡା ଗ୍ରାମରୁ ପ୍ରାୟ ଅଢ଼େଇ କିମି ରାସ୍ତା ଚାଲିଚାଲି କାଳିସି ଓ ଲାଠି ଯାତ୍ରାରେ ବାହାରି ଦେବୀଙ୍କ ଆସ୍ଥାନରେ ପହଞ୍ଚିଥାନ୍ତି। ଏହାପରେ ପୂର୍ବ ନିର୍ଦ୍ଧାରିତ ରିତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଡଙ୍ଗରଯାତ୍ରାରେ ଶତାଧିକ ମାନସିକଧାରୀ ମା'ଙ୍କ ନିକଟରେ ଶୁକ୍ଳ ଭୋଗସହ ପାରା, କୁକୁଡା ଓ ବୋଦା ବଳି ଦେଇ ନିଜର ମାନସିକ ପୂରଣ କରୁଥିବାବେଳେ ପଶୁପକ୍ଷୀଙ୍କ ରକ୍ତରେ ଦେବୀଙ୍କ ପୀଠ ରକ୍ତରଞ୍ଜିତ ହୋଇଥାଏ । ପଡୋଶୀ ରାଜ୍ୟ ଛତିଶଗଡ, ବସ୍ତର ଓ ନବରଙ୍ଗପୁର ଜିଲ୍ଲାରୁ ଶତାଧିକ ଶ୍ରଦ୍ଧାଳୁ ଏହି ଯାତ୍ରାକୁ ଆସିଥାନ୍ତି । ମା' ସର୍ବମଙ୍ଗଳାଙ୍କ ପୁଝାରୀ ମନୋହର ପୁଝାରୀ ଦେବୀଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ଶିରା ଦେବି



ସିଂ ମାଝୀ, ଅଖିଳ ମାଝୀ, ରୁମାଞ୍ଚଳ ପୁଝାରୀ, ଗୁପ୍ତେଶ୍ୱର ପୁଝାରୀ, ଗଣନାଥ ପୁଝାରୀ, ଦୁର୍ଯ୍ୟୋଧନ ନାଗ, ହର ପଟେଲ, ଦ୍ରୋଣାଚାର୍ଯ୍ୟ ପୁଝାରୀ, ହେମନ୍ତ ମାଝୀ, ପୂର୍ଣ୍ଣ ଚନ୍ଦ୍ର ନାଏକ, ଭରତ ପୂଝାରି, ଯଦୁମଣୀ ଦୁର୍ଗା, ରତନ ମାଝୀ, ପାର୍ଥବ ମାଝୀ ସମେତ ଗ୍ରାମବାସୀ ପ୍ରମୁଖ ଘାଟିମୁଣ୍ଡିଆଣି ଡଙ୍ଗର ଯାତ୍ରାରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ମାଙ୍କ ପାଖରେ ଶୁକ୍ଳଭୋଗ ସହ ରକ୍ତଭୋଗ ଅର୍ପଣ କରି ନିଜର ମାନସିକ ପୁରଣ କରିଥିଲେ।

# କୋକା-କୋଲା ଦ୍ୱାରା ଲିମକା ଗ୍ଲୁକୋଚାର୍ଜର ଅନାବରଣ

**ଭୁବନେଶ୍ୱର,୨୦।୮ (ମହାଭାରତ):** କୋକା-କୋଲା କମ୍ପାନୀ ଏହାର ଘରୋଇ-ବୃଦ୍ଧିପ୍ରାପ୍ତ ଲିମକା ବ୍ରାଣ୍ଡ ଅଧିନରେ ଗ୍ଲୁକୋଜ ଏବଂ ଇଲେକ୍‌ଟ୍ରୋଲାଇଟ ପାନୀୟକୁ ଗ୍ରହଣ କରିପାରିବା ଭଳି ଏକ ନୂଆ ବ୍ରାଣ୍ଡର ଅନାବରଣ କରନ୍ତି ଯାହା ଏକ ସମ୍ପୂର୍ଣ୍ଣ ନୂତନ ସ୍ୱାଦ ପ୍ରଦାନକାରୀ ଲିମକା ଗ୍ଲୁକୋଚାର୍ଜ ଅଟେ। ଗ୍ଲୁକୋଜ ଏବଂ ଇଲେକଟ୍ରୋଲାଇଟର ଏକ ଭିନ୍ନ ସମ୍ମିଶ୍ରଣକୁ ନେଇ ଲିମକା ଗ୍ଲୁକୋଜ ଚାର୍ଜ ମୃଦୁପାନୀୟ ସହିତ ତ୍ୱରିତ ଜଳୀୟ ତଥା ଶକ୍ତି ପ୍ରଦାନ, ସଠିକ୍ ଭାବରେ ପ୍ରତ୍ୟେକ ଦିନର ଝାଳରୁ ରକ୍ଷା କରିବା ସହିତ ଶକ୍ତି ପ୍ରଦାନ ଦିଗରେ ସବୁ ପ୍ରକାର ଆହ୍ୱାନକୁ ନେଇ ଜୀବନ ଧାରାକୁ ଅତି କ୍ରିୟାଶୀଳ ଭାବରେ ନେଇଥାଏ। ଅଲିମ୍ପିକରେ ଭାଗନେଇଥିବା ବିଜେତାମାନଙ୍କର ଏକ ଦଳକୁ ଲିମକା ଗ୍ଲୁକୋଚାର୍ଜ, ଉପସ୍ଥାପନ କରିଥିଲା ଯେଉଁଥିରେ ସାମିଲ ହୋଇଥିଲେ ନୀରଜ ଚୋପ୍ରା, ଭାରତୀୟ ପୁରୁଷ ହକି ଦଳ ତା ସହିତ ସାତ୍ୱିକ ସାଇରାଜ ତଥା ଚ୍ରିରାକ୍ ସେଟ୍ଟୀ ପ୍ରମୁଖ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



## ୧୯୯୨ ସେକ୍ସ ସ୍କାଣ୍ଡାଲ କେସ୍

# ୩୨ ବର୍ଷ ପରେ ୬ ଜଣଙ୍କୁ ମିଳିଲା ଆଜୀବନ ଜେଲ



ନୂଆଦିଲ୍ଲୀ,୨୦।୮: ବହୁ ଚର୍ଚ୍ଚିତ ୧୯୯୨ ମସିହା ଆଜମେର ସେକ୍ସ ସ୍କାଣ୍ଡଲ ଘଟଣାରେ ରାଜସ୍ଥାନର ଗୋଟିଏ ପୋକ୍ସ କୋର୍ଟ ୬ ଜଣଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ପୋକ୍ସ କୋର୍ଟ ଜଜ ରଞ୍ଜନ ସିଂହ ୩୨ ବର୍ଷ ପୁରୁଣା ମାମଲାରେ ରାୟ ପ୍ରକାଶ କରିବା ସହ ଦୋଷୀମାନଙ୍କ ଉପରେ ୫ ଲକ୍ଷ ଟଙ୍କା ଲେଖାଏ ଜୋରିମାନା ଲାଗୁ କରିଛନ୍ତି।କୋର୍ଟ ନଫୀସ ଚିଷ୍ଟି, ନସୀମ, ସଲିମ, ଇକବାଲ ଭାଟି, ସୋହେଲ ଗନି ଓ ସୟିଦ ଜମୀର ହୁସେନ ଅପରାଧରେ ସାମିଲ ପାଇଁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅସୁସ୍ଥତା କାରଣୁ ଭାଟି ଦିଲ୍ଲୀରେ ଚିକିତ୍ସିତ ହେଉଥିଲା। ତାକୁ ଆମ୍ବୁଲାନ୍ସ ଯୋଗେ ଆଜି ଆଜମେର ଅଣା ଯାଇଥିଲା। ଏହାପରେ ବିଚାରପତି ରାୟ ଶୁଣାଇଥିବା ସରକାରୀ ଓକିଲ ବୀରେନ୍ଦ୍ର ସିଂହ ସୂଚନା ଦେଇଛନ୍ତି।୧୯୯୨ ମସିହାରେ ଆଜମେର ସେକ୍ସ ସ୍କାଣ୍ଡଲ ମାମଲା ସାମ୍ନାକୁ ଆସିଥିଲା। ଗୋଟିଏ ଗ୍ୟାଙ୍ଗ ୧୦୦ରୁ ଅଧିକ ଝିଅଙ୍କୁ ଫସାଇ ସେମାନଙ୍କୁ ଯୌନ ନିର୍ଯାତନା ଦେଇଥିଲା। ଗ୍ୟାଙ୍ଗର ସଦସ୍ୟମାନେ ଝିଅମାନଙ୍କ ସହ ବନ୍ଧୁତା କରୁଥିଲେ। ଏହାପରେ ସେମାନଙ୍କ ଆପତ୍ତିଜନକ ଫଟୋ ବ୍ୟବହାର କରି ସେମାନଙ୍କୁ ଦୁଷ୍କର୍ମ କରୁଥିଲେ।ଏହି ଅପରାଧରେ ମୋଟ ୧୮ ଜଣ ଅଭିଯୁକ୍ତ ଥିଲେ। କିନ୍ତୁ ୬ ଜଣ ଅଭିଯୁକ୍ତଙ୍କ ବିଚାର ସ୍ୱତନ୍ତ୍ର ଭାବେ କରାଯାଇଥିଲା। ଅନ୍ୟ ଅଭିଯୁକ୍ତମାନେ ସେମାନଙ୍କ ସଜା କାଟି ସାରିଛନ୍ତି କିମ୍ବା କୋର୍ଟ ଦ୍ୱାରା ଦୋଷମୁକ୍ତ ହୋଇଛନ୍ତି।ଗ୍ୟାଙ୍ଗର ଜାଲରେ ଫସିଥିବା ପୀଡ଼ିତା ମାନଙ୍କ ବୟସ ୧୧ରୁ ୨୦ ବର୍ଷ ବୟସ ମଧ୍ୟରେ ରହିଥିଲା। ସେମାନେ ସମସ୍ତେ ଆଜମେର ଗୋଟିଏ ପ୍ରସିଦ୍ଧ ଘରୋଇ ସ୍କୁଲରେ ପୁଥିଲେ। ସେମାନଙ୍କୁ ଗୋଟିଏ ଫାର୍ମ ହାଉସକୁ ଡକା ଯାଉଥିଲା ଓ ଏହାପରେ ସେଠାରେ ଦୁଷ୍କର୍ମ କରାଯାଉଥିଲା।

## ପାକିସ୍ତାନରେ ବାଂଲାଦେଶ ଭଳି ସ୍ଥିତି

# ପ୍ରଧାନ ବିଚାରପତିଙ୍କ ମୁଣ୍ଡ କାଟିବା ପାଇଁ କୋଟିଏ ଟଙ୍କାର ଫତୱା ଜାରି





ଇସଲାମାବାଦ: ପାକିସ୍ତାନରେ ମଧ୍ୟ ବାଂଲାଦେଶ ଭଳି ପରିସ୍ଥିତି ହେଉଥିବା ଜଣାପଡିଛି। ପାକିସ୍ତାନର ପ୍ରଧାନ ବିଚାରପତି କାଜି ଫେଜ ଇସାଙ୍କ ମୁଣ୍ଡ କାଟିବା ପାଇଁ ଏକ ଫତୱା ଜାରି କରାଯାଇଛି। ଏଥିପାଇଁ ୧ କୋଟି ଟଙ୍କା ପୁରସ୍କାର ରାଶି ମଧ୍ୟ ରଖାଯାଇଛି। ଏହି ଘଟଣାକ୍ରମ ବିଚାରପତିଙ୍କ ନିଷ୍ପତ୍ତିରୁ ଆରମ୍ଭ ହୋଇଥିଲାୟ ଯେତେବେଳେ ବିଚାରପତି ଅହମ୍ମଦିଆ ବ୍ୟକ୍ତି ମୁବାରକି ସାନିଙ୍କୁ 'ଧର୍ମ ଅଧିକାର' ଅନ୍ତର୍ଗତ 'ଈଶାନିନ୍ଦା' ଅଭିଯୋଗରେ ଦୋଷମୁକ୍ତ କରିଥିଲେ। ଏହି ନିଷ୍ପତ୍ତି ପରେ ଲୋକଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି ହୋଇଥିଲାୟ ସେ ପାକିସ୍ତାନର ସୁପ୍ରିମକୋର୍ଟରେ ପହଞ୍ଚିଥିଲେ। ପ୍ରଦର୍ଶନ କରୁଥିବା ଜନତାଙ୍କୁ ତଡ଼ିବା ପାଇଁ ପ୍ରଶାସନକୁ ପାଣି ତୋପ ବ୍ୟବହାର କରିବାକୁ ପଡିଥିଲା। ଜମିଥିବା ଭିଡ଼ଙ୍କୁ ହଟାଇବା ପାଇଁ ପୁଲିସ ଲାଠିଚାର୍ଜ କରିଥିଲା। ଏହି ସମଗ୍ର ଘଟଣା ଜୁଲାଇ ୨୪ରୁ ଆରମ୍ଭ ହୋଇଥିଲାୟ ଯେତେବେଳେ ସୁପ୍ରିମକୋର୍ଟ ପଞ୍ଜାବ ସରକାରଙ୍କ ଆବେଦନକୁ ଗ୍ରହଣ କଲେ। ଏହି ଆବେଦନ ଶୁଣାଣିବେଳେ ଅହମ୍ମଦିଆ ବ୍ୟକ୍ତି ମୁବାରକ ଅହମ୍ମଦ ସାନିଙ୍କୁ ଜାମିନ ପ୍ରଦାନ କରାଯାଇଥିଲା। ଏହା ପରେ ଇସଲାମିକ ମେଳିବାଦୀଙ୍କ ଏକ ବୃହତ ଦଳ ସୁପ୍ରିମକୋର୍ଟ ବାହାରେ ବିରୋଧ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ। ୨୦୧୯ମସିହାରେ ଅହମ୍ମଦିଆ ବ୍ୟକ୍ତି ମୁବାରକ ଅହମ୍ମଦ ସାନିଙ୍କ ବିରୋଧରେ ଈଶାନିନ୍ଦା କରିଥିବା ଅଭିଯୋଗ ହୋଇଥିଲା। ସେ ପାମ୍ଫଲେଟ୍ ବଣ୍ଟନ କରିଥିଲେ। ଏହି ମାମଲାରେ ସେ ପଞ୍ଜାବ ପବିତ୍ର କୁରାନ (ମୁଦ୍ରଣ ଏବଂ ରେକର୍ଡିଂ) (ସଂଶୋଧନ) ଅଧିନିୟମ, ୨୦୨୧ ଅନୁଯାୟୀ ଶୁଣାଣି କରିଥିଲେ। ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ବେଳେ କୁହାଯାଇଥିଲା ଯେ ଏହି ମାମଲା ୨୦୨୧ ପୂର୍ବରୁ ଥିଲା ଏବଂ ସଂଶୋଧିତ ଆଇନ ୨୦୨୧ରେ ପ୍ରଣୟନ ହୋଇଛ।ସେହି ଅନୁଯାୟୀ ତାଙ୍କୁ ମୁକ୍ତ କରାଯାଇଥିଲା। ତତକ୍ଷଣା ଯୀଶୁଙ୍କ ବିରୁଦ୍ଧରେ ଏକ ଘୃଣା ଅଭିଯାନ ଆରମ୍ଭ ହୋଇଥିଲା। ନିରନ୍ତର ବିରୋଧ ପ୍ରଦର୍ଶନ କରାଯାଇଥିଲା, ରାସ୍ତା ଅବରୋଧ କରାଯାଇଥିଲା। ଏହା ପରେ ସୁପ୍ରିମକୋର୍ଟ ମଧ୍ୟ ତାଙ୍କ ନିଷ୍ପତ୍ତି ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ଏହା ପରେ ମଙ୍ଗଳବାର ମଧ୍ୟ ସୁପ୍ରିମକୋର୍ଟ ବାହାରେ ଭିଡ଼ ଜମା ହୋଇ ହଙ୍ଗାମା କରିଥିଲେ।

# ଦାଢ଼ି ନ ବଢ଼ାଇବାରୁ ଚାକିରି ହରାଇଲେ ୨୮୧ ସୁରକ୍ଷାକର୍ମୀ



କାବୁଲ: ବନ୍ଧୁକ ମୁନରେ ୨୦୨୧ ମସିହା ଅଗଷ୍ଟ ମାସରେ ଆଫଗାନିସ୍ତାନ ଦଖଲ କରିଥିବା ତାଲିବାନର ଆଉ ଏକ ନିଷ୍ଠୁର କାର୍ଯ୍ୟ ସାମ୍ନାକୁ ଆସିଛି। ପ୍ରଥମେ ମହିଳାମାନଙ୍କୁ ନିଜ ଘରର ଚାରି କାନ୍ଥ ମଧ୍ୟରେ ବନ୍ଦୀ କରି ଦେଇଥିବା ତାଲିବାନ ଏବେ କ୍ଲିନ୍ ସେଭ୍ ହୋଇ କାମ କରୁଥିବା ସୁରକ୍ଷାକର୍ମୀଙ୍କ ବିରୋଧରେ ନେଇଛି କାର୍ଯ୍ୟାନୁଷ୍ଠାନ। ଦାଢ଼ି ନ ବଢ଼ାଇବାରୁ ତାଲିବାନର ପାପ-ପୁଣ୍ୟ ମନ୍ତ୍ରଣାଳୟ ୨୮୧ ଜଣ ସୁରକ୍ଷାକର୍ମୀଙ୍କୁ ଚାକିରିରୁ ବିଦା କରି ଦେଇଛି। ଏମାନେ ବିନା ଦାଢ଼ିରେ କାର୍ଯ୍ୟ କରୁଥିଲେ। ଦାଢ଼ିନ ରଖିବା ଇସଲାମ ବିରୋଧୀ ବୋଲି ତାଲିବାନ ବିବେଚନା କରି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମଙ୍ଗଳବାର ତାଲିବାନ ସରକାରଙ୍କ ପକ୍ଷରୁ ଏହା ଘୋଷଣା କରାଯାଇଛି। ସେହିପରି ଇସଲାମ ବିରୋଧୀ ବା ଅନୈତିକ କାର୍ଯ୍ୟ କରିବା ଅଭିଯୋଗରେ ତାଲିବାନ ସରକାର ୧୩ ହଜାରରୁ ଅଧିକ ଆଫଗାନୀଙ୍କୁ ଗୋଟିଏ ବର୍ଷ ମଧ୍ୟରେ ଅଟକ ରଖିଥିଲେ। ତେବେ ଅଟକ ଥିବା ପ୍ରାୟ ଅର୍ଦ୍ଧେକଙ୍କୁ ୨୪ ଘଣ୍ଟା ମଧ୍ୟରେ ମୁକ୍ତ କରାଯାଇଥିଲା ବୋଲି ତାଲିବାନ ସରକାର ଏହାର ବାର୍ଷିକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। କିନ୍ତୁ ଅଟକ ଥିବା ଲୋକଙ୍କ ମଧ୍ୟରେ କେତେ ପୁରୁଷ ଓ କେତେ ମହିଳା କିମ୍ବା ସେମାନଙ୍କ ଅପରାଧ ସମ୍ପର୍କରେ ମନ୍ତ୍ରଣାଳୟ ସୂଚନା ଦେଇ ନାହିଁୟ ମନ୍ତ୍ରଣାଳୟର ଯୋଜନା ଓ ଆଇନ ନିର୍ଦ୍ଦେଶକ ମୋହିବୁଲ୍ଲା ମୋଖଲିସ୍ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ଯେ ବର୍ଷକ ମଧ୍ୟରେ ପ୍ରଶାସନ ୨୧,୩୨୮ଟି ବାଦ୍ୟଯନ୍ତ୍ର ନଷ୍ଟ କରାଯାଇଛି। ସେହିପରି ହଜାର ହଜାର କମ୍ପ୍ୟୁଟର ଅପରେଟରଙ୍କ ଅନୈତିକ ଫିଲ୍ମ ବିକ୍ରି ଉପରେ ରୋକ ଲଗାଇଯାଇଛି।

# ବିଷମ କଟକ ବ୍ଲକ ସଦର ମହକୁମା ଠାରେ ଜିଲ୍ଲାପାଳ, ରାୟଗଡଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ କ୍ଷ

ବିଷମକଟକ (ମହାଭାରତ୍ୟ ୨୦୨୪ ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ବିଷମକଟକ ବ୍ଲକ ସଦର ମହକୁମାସ୍ଥିତ ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ରାୟଗଡା ଜିଲ୍ଲାପାଳ ପାରୁଲ ପାଟାୱରୀଙ୍କ ଅଧକ୍ଷତକ୍ଷରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ହରିଶା ବିସି, ବନଖଣ୍ଡ ଅଧିକାରୀ, ସଚିନ ଆହ୍ଲା ସାହେବ ଓହଲେ, ଗୁଣପୁର ଉପ ଜିଲ୍ଲାପାଳ, କିରନଦୀପ କୌର ସାହୋତା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମହନ ରାଉତରାୟ,ବିଷମ କଟକ ବ୍ଲକ ଅଧକ୍ଷା ଯଶଦା ହୁଇକା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୬୯ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୫୯ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୦ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା ,ଜଳସେଚନ, ଭତ୍ତା, ଜମାଜମା ରେଜିଷ୍ଟ୍ରାସନ, ଅଙ୍ଗନବାଡି ଗୃହ ନିର୍ମାଣ ଓ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ କରିଥିଲେ।ବ୍ଲକ ଜୀବିକା ମିଶନ ଜରିଆରେ ଧାନଚାଷ ପାଇଁ ଡୁକୁମ ଗପଞ୍ଚାୟତର ମ ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏକ ଲକ୍ଷ, ଦୁର୍ଗୀ ପଞ୍ଚାୟତର ଲକ୍ଷ୍ମୀ ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପନି ପରିବା, ଫଳ ଚାଷ ନିମନ୍ତେ ଏକଲକ୍ଷ ଟଙ୍କା, ଏବଂ ଦୁର୍ଗୀ ପଞ୍ଚାୟତର ଜଗତ ଜନନୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଗ୍ରସରି ଦୋକାନ ନିମନ୍ତେ ଏକଲକ୍ଷ ଟଙ୍କା ହିସାବରେ ତିନୋଟି ଗୋଷ୍ଠୀଙ୍କ ତିନି ଲକ୍ଷ ଟଙ୍କା ଜିଲ୍ଲାପାଳ ପ୍ରଦାନ କରିଥିଲେ। ମୋଟ ସାତଜଣଙ୍କୁ ମଧୁବାବୁ ପେନସନ ଜିଲ୍ଲାପାଳ ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶିବିରରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଲଳିତ ମଣ୍ଡଳ, ପ୍ରକଳ୍ପ ନିର୍ଦ୍ଦେଶକ ଜାଳବିଭାଜିକା ମିଶନ ଡ଼ଃ ଦୟାନିଧି ବାଘ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଦୟାନିଧି ରାଉତ, ସହକାରୀ ଜିଲ୍ଲାପାଳ ସସ୍ମିତା ପଟ୍ଟନାୟକ,ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମ ନିଯୋଜନ ଅଧିକାରୀ ତଓମୋସୀ ମହାପାତ୍ର, ଜିଲ୍ଲା ପଂଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା, ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ କୁମାର ନାୟକ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପ୍ରତମା ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଶ୍ରୀ ବିଚିତ୍ରା ସେଠୀ, ଅବକାରୀ ଅଧିକ୍ଷକ ଶ୍ରୀ ସୁଶାନ୍ତ ଧଳ ସାମନ୍ତ, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଆଲେନୁର, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ମଧ୍ୟମ ଜଳସେଚନ ଅଧିକ୍ଷଣ ଯନ୍ତ୍ରୀ, ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ତହସିଲଦାର ଭେଙ୍କେଟେଶ୍ୱର ରେଡ୍ଡୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ,ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ କୁମାର, ଉପଖଣ୍ଡ ପ୍ରଗ୍ରାମ ଅଧିକାରୀ ବି କୋମଲାଙ୍ଗୀ, ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ, ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ ।ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

# ଆସିକା ବିଡ଼ିଓ ଙ୍କୁ ସମିତି ସଭ୍ୟ ବୈଠକ କରିବା ସକାଶେ ଦାବୀ ପତ୍ର ପ୍ରଦାନ



ଆସିକା (ମହାଭାରତ): ଆସିକା ବ୍ଲକ ରେ ସମିତି ସଭ୍ୟ ବୈଠକ ଦୀର୍ଘ ୧୮ ମାସ ହେବ ହୋଇନଥିବା ଯୋଗୁଁ ନିୟମିତ ସମିତି ସଭ୍ୟ ବୈଠକ ଏବଂ ଦୁଇ ମାସକୁ ଥରେ ପଞ୍ଚାୟତ ସମିତି ବୈଠକ କରାଯାଉ ବୋଲି ଆସିକା ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ବ୍ଲକ ଉପାଧକ୍ଷା ରେଶମାଦୋରାଙ୍କ ସମେତ ପଞ୍ଚାୟତ ସମିତି ର ୧୯ ସଦସ୍ୟଙ୍କ ଦସ୍ତଖତ ରେ ଏକ ଅଭିଯୋଗ ପତ୍ର ବିଡ଼ିଓଙ୍କ ଜରିଆରେ ଉପ ଜିଲ୍ଲାପାଳ ଭଞ୍ଜନଗର, ଜିଲ୍ଲାପାଳ ଛତ୍ରପୁର ଙ୍କୁ ପ୍ରଦାନ କରିଛନ୍ତି । ଗତ ନଭେମ୍ବର ମାସ ଠାରୁ ପଞ୍ଚାୟତ ସମିତି ବୈଠକ ହୋଇନଥିବା ଏବଂ ବାରମ୍ବାର ସମିତି ବୈଠକ ନାମ ରେ ତାରିଖ ରୁ ତାରିଖ ପରିବର୍ତ୍ତନ କରିବା ବିନା ସମିତି ର ଅନୁମୋଦନ ରେ କିପରି ଚାଲିଛି ଉନ୍ନୟନ ମୂଳକ କାର୍ଯ୍ୟ । ବୋଲି ଅଭିଯୋଗ କରିଛନ୍ତି। ଓଡିଶା ପଞ୍ଚାୟତ ସମିତି ନିୟମ ଅନୁସାରେ ପଞ୍ଚାୟତ ସମିତି ବୈଠକ ପ୍ରତି ଦୁଇ ମାସକୁ ଥରେ ସମିତି କାର୍ଯ୍ୟାଳୟ ରେ ଅନୁଷ୍ଠିତ ହେବାର ନିୟମ ରହିଛି ।ଏଥିସହିତ ପଞ୍ଚାୟତ ସମିତି ଅଧୀନରେ ନିୟମ ୨୦୦୦ ଅନୁସାରେ ସାତ ଗୋଟି ସ୍ଥାୟୀ କମିଟି ଗଠନ କରିବା ନିୟମ ରହିଛି ।ଆସିକା ପଞ୍ଚାୟତ ସମିତି ବୈଠକ ର ବିନା ଅନୁମୋଦନ ରେ ଦୀର୍ଘ ମାସ ହେଲା ବିଡ଼ିଓ ଓ ଅଧକ୍ଷା କିପରି ଭାବେ, କାହା ପ୍ରରୋଚନାରେ ଓ କାହା ସ୍ୱାର୍ଥ ରେ ୨୭ ପଞ୍ଚାୟତ କାର୍ଯ୍ୟ ଚଳାଉଛନ୍ତି ତାହା ସାରା ଓଡିଶା ରେ ଏକ ଅନୁସନ୍ଧାନ ର ବିଷୟ ପାଲିଟିଛି ବୋଲି ସମିତି ସଦସ୍ୟ ମାନେ ଦାବୀ ପତ୍ର ରେ ଜଣାଇଛନ୍ତି । ଜଣେ ସୁଦକ୍ଷ ପ୍ରଶାସନିକ ଅଧିକାରୀ କିଭଳି ଜନ ପ୍ରତିନିଧି ମାନଙ୍କ ଅଧିକାର କୁ ଖର୍ଣ୍ଣ କରାଯାଉଛି । ଯାହା ଆସିକା ବ୍ଲକ ରେ ଦୁର୍ନୀତି ର ବାସ୍ନା ବାରି ହୋଇଥିବା ଜଣାପଡୁଛି । ଆସନ୍ତା ୧୦ ଦିନ ମଧ୍ୟରେ ସମିତି ବୈଠକ ନକରନ୍ତି ସମିତି ସଭ୍ୟ ମାନେ ରାଜ ରାସ୍ତାକୁ ଓହ୍ଲାଇବାକୁ ନିଷ୍ପତି ନେଇଥିବା ବିଷୟ ଲିଖିତ ଭାବେ ଜଣାଇଛନ୍ତି । ଆଜିର ଏହି ଦାବୀ ପତ୍ର ପ୍ରଦାନ ବେଳେ ବାବନପୁର ସମିତି ସଭ୍ୟ ସନ୍ତୋଷ କୁମାର ଜେନା, ହରିଡ଼ାପଦର ସମିତି ତ୍ରିନାଥ ବେହେରା,ଜୟପୁର ସମିତି ଅମିତ କୁମାର, ସମେତ ନିମିନା, ଆଲିପୁର, ବାଲିସିରା, ବାଲିଛାଇ ର ସମିତି ସଭ୍ୟ ମାନେ ଯୋଗ ଦେଇଥିଲେ।

# କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ

# ୬୭ ଅଭିଯୋଗର ଶୁଣାଣୀ କଲେ ଜିଲ୍ଲାପାଳ



ଉଦଳା, (ମହାଭାରତ) ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ନବ ନିଯୁକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସାଏ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ଏସ୍. ସୁଶ୍ରୀ ଯୋଗଦେଇ ୬୭ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍ଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଉପଖଣ୍ଡ ଚିକିତ୍ସାଳୟର ଡ଼. ମହେଶ୍ୱର ଦାସ ଯୋଗ ଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୫୨ ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୫ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ଗୋଟିଏ ସମସ୍ୟାର ତତ୍କାଳ ସମାଧାନ କରାଯାଇ ଉଦଳା ବ୍ଲକ ଉର୍ମଳର ହିମାଂଶୁ କୁଅଁରଙ୍କୁ ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଇଥିଲା ।ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରେ ଉଦଳା ବ୍ଲକ ଡ଼ିହିରାକୁଳ ଗ୍ରାମକୁ ବସ୍ ଚଳାଚଳ, କଲ୍ୟାଣ ମଣ୍ଡପ ନିର୍ମାଣ, ଏସ୍. ଏଚ୍.ଜି. ଗୃହ ମରାମତି, ରଣୋ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟର ଜମି ଚିହ୍ନଟ, ତେନ୍ତଳା (ଜୁଗୁନୀଖୁଣ୍ଟା) ହାଟର ଜାଗା ଚିହ୍ନଟ ଓ ନାମ ପରିବର୍ତ୍ତନ, ଉଦଳା ଏନ୍.ଏ.ସି. ର ହସପିଟାଲ ରୋଡ଼ରେ ଥିବା ଦୋକାନ ଗୃହ ଉଚ୍ଛେଦ ପାଇଁ ତହସିଲଦାର ଉଦଳାଙ୍କ ନୋଟିସ୍, ୱାର୍ଡ ନଂ-୯ ଜିରିଡା ସାହି ବସ୍ତି ବାସିନ୍ଦାଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ, ଏନ୍.ଏ.ସି.ର ଅବସରପ୍ରାପ୍ତ କର୍ମଚାରୀଙ୍କ ଅବସର ପାଉଣା ଠିକ୍ ସମୟରେ ନପାଇବା, ଜି.ବି. ନଗର ବ୍ଲକ୍ର ଆରପଟା ପଞ୍ଚାୟତ ଧାଉଁଡ଼ିଆ ଠାରେ ଧାନ, ବିହନ, ସାର କ୍ରୟ ବିକ୍ରୟ ନିମନ୍ତେ ଅଫିସ୍ ଓ ଗୋଦାମ ଗୃହ ନିର୍ମାଣ, କପ୍ତିପଦା ବ୍ଲକ୍ ପଦ୍ମପୋଖରୀ ଜଙ୍ଗଲ ଜମି ଶିରୋନାମାରୁ ଡ଼ାହି ପ୍ଲଟକୁ ବାଦ ଦେବା, ଶାଳଚୁଆ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଦୁର୍ନୀତି, ଅପରାଗତା ଏବଂ ମନମାନି କାର୍ଯ୍ୟ, ପରାଶବଣି ଉପରସାହି ଗ୍ରାମର ନୂତନ କଂକ୍ରିଟ ରାସ୍ତା ନିର୍ମାଣ ଆଦି ଅଭିଯୋଗ ଗୁଡ଼ିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ, ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ ।ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡ଼େପୁଟୀ କଲେକ୍ଟର ପ୍ରତୀକ୍ ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଗାଇ ହେମ୍ବ୍ରମ, ରମେଶ ପୃଷ୍ଟି, ତାପସ ପ୍ରଧାନ, ଉଷାରାଣୀ ବିନ୍ଧାଣୀ, ରଜତ ମଞ୍ଜରୀ ସିଂ, ରାଉତରାୟ ମୁର୍ମୁ, ଶୁଭ୍ରକାନ୍ତ ବେହେରା, ଭବାନୀ ପଣ୍ଡା, ଉଦୟ ନାୟକ, କୈଳାସ ଦନୈକ, ତରୁଣ ମହାପାତ୍ର, ଅଜ୍ଞି ମହାପାତ୍ର, ତପୁ ରଂଜନ ପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିବାର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ଠାରୁ ପ୍ରକାଶ ।

# ନ୍ୟାୟ ପାଇଁ ମଙ୍ଗଳପୁର ଥାନା ସମ୍ମୁଖରେ ପରିବାର ଲୋକଙ୍କ ଧାରଣା

## ଆଇଆଇସିଙ୍କ ପ୍ରତିଶୃତି ପରେ ଅନଶନରୁ ଓହରିଲେ ପରିବାର ଲୋକ



ଦଶରଥପୁର (ମହାଭାରତ ):ଧୂଷୁରୀ ଥାନା ଅଧିନସ୍ତ ପାଳସାହି ଗ୍ରାମ ପଞ୍ଚାୟତ ପାଳସାହି ଗ୍ରାମର ଦେବକୀ ପରିଡାଙ୍କ ଝିଅ ସରିତା ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅଧିନସ୍ତ ହରିହରପୁର ଗ୍ରାମର ରବୀନ୍ଦ୍ର ବାରିକଙ୍କ ପୁତ୍ର ଗଜେନ୍ଦ୍ରଙ୍କୁ ବୈଦିକ ରୀତିନୀତି ଅନୁସାରେ ବିବାହ କରିଥିଲେ ୮ ବର୍ଷ ମଧ୍ୟରେ ସରିତାଙ୍କୁ ଶାଶୁଘର ଲୋକ ଯୌତୁକ ପାଇଁ ବାରମ୍ବାର ନିର୍ଯାତନା ଦେଉଥିଲେ ସରିତାଙ୍କୁ ଜୀବନରୁ ମାରିବା ପାଇଁ ଚକ୍ରାନ୍ତ କରି ତାଙ୍କ ନାମରେ ବିଭିନ୍ନ ଘରୋଇ ସଂସ୍ଥାରୁ ଋଣ ଆଣି ଜୀବନ ବୀମା ମଧ୍ୟ କରାଇ ଲାଭ ପାଇବା ଯୋଜନା ପ୍ରସ୍ତୁତ କରି ୧୫/୮ରେ ତାଙ୍କୁ ବିଷ ପିଆଇ ମାରିଦେଇ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ବାପଘର ପକ୍ଷରୁ ମଙ୍ଗଳପୁର ଥାନାରେ ଏତାଲା ଦେଇଥିଲେ ୧୫ ତାରିଖରୁ ଆଜିଯାଏ ମଙ୍ଗଳପୁର ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପ୍ରତିବାଦରେ ଆଜି ପ୍ରଭାତୀଙ୍କ ମା ସମେତ ତାଙ୍କ ପରିବାର ଓ ଗାଁ ଲୋକଙ୍କ ତରଫରୁ ମଙ୍ଗଳପୁର ଥାନା ସମ୍ମୁଖରେ ଗାନ୍ଧୀଙ୍କ ଫଟୋ ଧରି ଆମରଣ ଅନଶନରେ ବସିଥିଲେ ମଙ୍ଗଳପୁର ଆଇଆଇସି ଚିନ୍ମୟୀ ସାହୁ ଆସି ଅନଶନରେ ବସିଥିବା ସରିତାଙ୍କ ମା ଓ ତାଙ୍କ ପରିବାର ଲୋକଙ୍କୁ ନିଜ ହାତରେ ଜୁସ ପିଆଇ ଦେବା ସହ ଅନୁସନ୍ଧାନ ଚାଲିଛି ୭୨ ଘଣ୍ଟା ମଧ୍ୟରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୂର୍ଣ୍ଣ ପ୍ରତିଶୃତି ଦେବାପରେ ପରିବାର ଲୋକ ଥାନାରୁ ଆମରଣ ଅନଶନରୁ ଉଠିଥିଲେ ।

# ବର୍ଡର-ଗାଭାସ୍କର ଟ୍ରଫି ଫେରିପାଇବାକୁ ଅଷ୍ଟ୍ରେଲିଆ ବ୍ୟଗ୍ର

ସିଡ୍‌ନି,୨୦।୮: ପାଖାପାଖି ୮ବର୍ଷ ହେବ ଭାରତ ବର୍ଡର-ଗାଭାସ୍କର ଟ୍ରଫି ନିଜ ପାଖରେ ରଖିଛି। ଇତି ମଧ୍ୟରେ ଚାରିଟି ଶୃଙ୍ଖଳା ଖେଳାଯାଇସାରିଥିଲେ ମଧ୍ୟ ଭାରତ ପ୍ରତ୍ୟେକ ଥର ବିଜୟୀ ହୋଇ ଟ୍ରଫି ଉପରେ ନିଜ ଦାବିଦାରୀ ଜାରି ରଖିଛି। ଏଥର କିନ୍ତୁ ଏହି ସମ୍ମାନଜନକ ଟ୍ରଫିକୁ ଫେରି ପାଇବାକୁ ଅଷ୍ଟ୍ରେଲିଆ ଆଗୁଆ ରଣନୀତି ପ୍ରସ୍ତୁତ କରିବା ଆରମ୍ଭ କରି ଦେଇଛି। ପ୍ରଶିକ୍ଷକଙ୍କ ସହ ମିଶି ଅଧିନାୟକ ପ୍ୟାଟ୍ କମିନ୍ସ ଦଳ ଗଠନ ଏବଂ ବୋଲିଂ ତଥା ବ୍ୟାଟିଂ ଯୋଜନା ପ୍ରସ୍ତୁତରେ ବ୍ୟସ୍ତ ଅଛନ୍ତି ପ୍ରତ୍ୟେକ ଭାରତୀୟ ବ୍ୟାଟର୍ ଓ ବୋଲରଙ୍କ ପାଇଁ ସ୍ୱତନ୍ତ୍ର ଓ ଉତ୍ସର୍ଗୀକୃତ ଯୋଜନା ପ୍ରସ୍ତୁତ ହେଉଥିବା କମିନ୍ସ ପରୋକ୍ଷରେ ସଙ୍କେତ ଦେଇଛନ୍ତି। ଏହି ଶୃଙ୍ଖଳା ତାଙ୍କ ଦଳ ପାଇଁ ଚଳିତବର୍ଷର ସବୁଠାରୁ ମହତ୍ୱପୂର୍ଣ୍ଣ ଶୃଙ୍ଖଳା ହେବାକୁ ଯାଉଛି ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ ୧୯୯୬-୯୭ରୁ ମାତ୍ର ଗୋଟିଏ ଟେଷ୍ଟରେ ଆରମ୍ଭ ହୋଇଥିବା ବର୍ଡର-ଗାଭାସ୍କର ଟ୍ରଫି ୧୬ଟି ସଂସ୍କରଣ ଖେଳାଯାଇଛି ସେଥିମଧ୍ୟରୁ ୧୧ଥର ଶୃଙ୍ଖଳା ଜିତି କିମ୍ବା ଅମୀମାଂସିତ ରଖି ଭାରତ ଦୁଇ ଦେଶର ଦୁଇ ମହାନତମ କ୍ରିକେଟ୍ ତାରକାଙ୍କ ନାମରେ ଖେଳାଯାଉଥିବା ଏହି ଟ୍ରଫିକୁ ନିଜ ପାଖରେ ରଖିଛି ଅଷ୍ଟ୍ରେଲିଆ। କେବଳ ୫ଟି ସଂସ୍କରଣ ଜିତି ବର୍ଡର-ଗାଭାସ୍କର ଟ୍ରଫି ଭାରତଠାରୁ ଛଡ଼ାଇ ନେବାକୁ ସକ୍ଷମ ହୋଇଛି। ତେବେ ପ୍ରଥମ ସଂସ୍କରଣଠାରୁ ଆରମ୍ଭ ହୋଇ ଶେଷ ପର୍ଯ୍ୟନ୍ତ ଭାରତର ଦବଦବା ଜାରି ରହିଛି ଘରୋଇ ମାଟି ହେଉକି ଅଷ୍ଟ୍ରେଲିଆ। ସବୁଠି ନିଜ ଯାଦୁ ଦେଖାଇ କ୍ରିକେଟ୍‌ପ୍ରେମୀଙ୍କ ମନ ଓ ହୃଦୟ ଜିତି ପାରିଛନ୍ତି ଏଥର ଅଷ୍ଟ୍ରେଲିଆ। ଘରୋଇ ପରିବେଶରେ ଖେଳିବାକୁ ଯାଉଥିଲା ବେଳେ ଭାରତର ପ୍ରମୁଖ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ଫିଟ୍‌ନେସ୍ ନେଇ ସଂଶୟ ଜାରି ରହିଛି। ଅଷ୍ଟ୍ରେଲିଆରେ ସାମି ଉଚ୍ଚକୋଟୀର ପ୍ରଦର୍ଶନ କରିଆସିଛନ୍ତି।



୮ ଟେଷ୍ଟ୍ ଖେଳି ଦୁଇଟି ପାଞ୍ଚ ଓ୍ୱିକେଟ୍ ସଫଳତା ସହ ୩୧ ଓ୍ୱିକେଟ୍ କରାୟତ୍ତ କରିଛନ୍ତି ଯଶପ୍ରୀତ ବୁମ୍ରା ଓ ତାଙ୍କ ଯୋଡ଼ି ଅତୀତରେ କଙ୍ଗାରୁ ବ୍ୟାଟର୍‌ଙ୍କୁ ଅନେକ ଥର ହରଡ଼ଘଣାରେ ପକାଇଛନ୍ତି। ତେବେ ଗତବର୍ଷର ଦିନିକିଆ। ବିଶ୍ୱକପ୍ ପରେ ସାମି ଆଉ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନଥିବାରୁ ନଭେମ୍ବର ୨୨ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ୍ ବେଳକୁ ସେ ଯଦି ଫିଟ୍ ହୋଇ ନଥିବେ, ତେବେ ଏହା ଭାରତ ପାଇଁ ବହୁତ ବଡ଼ ଝଟ୍‌କା ହେବ। ଏହା ପୂର୍ବରୁ ସେପ୍ଟେମ୍ବରରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ଶୃଙ୍ଖଳା ବେଳକୁ ସାମି ଫିଟ୍ ହୋଇଯାଇଥିବେ ବୋଲି ଅବଶ୍ୟ ମୁଖ୍ୟ ଚୟନକର୍ତ୍ତା ତଥା ପୂର୍ବତନ ଭାରତୀୟ କ୍ରିକେଟର୍ ଅଜିତ ଅଗରକର ଆଶା ପ୍ରକାଶ କରିଛନ୍ତି।

ସେପଟେ ଅଷ୍ଟ୍ରେଲିଆ। ଏଥର ୩-୧ରେ ଶୃଙ୍ଖଳା ଜିତିବ ବୋଲି କଙ୍ଗାରୁ ଦଳର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଭବିଷ୍ୟବାଣୀ କରିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିର ୨୮ ବର୍ଷର ଇତିହାସ ମଧ୍ୟରେ ପ୍ରଥମ ଥର ପାଇଁ ଏବର୍ଷ ୫ଟିକିଆ। ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ଖେଳାଯିବ। ଯାହାକୁ ନେଇ ଉଭୟ ଅଷ୍ଟ୍ରେଲିଆ ଓ ଭାରତୀୟ ଖେଳାଳିମାନେ ବେଶ୍ ଉତ୍ସାହିତ ଅଛନ୍ତି। ୫ଟିକିଆ। ଟେଷ୍ଟ୍ ଖେଳାଯିବାକୁ ଥିବାରୁ ଦୁଇଟି ଯାକ ଦଳ ପାଖରେ ଶୃଙ୍ଖଳାକୁ ଫେରିବା ଓ ଜିତିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିବ ବୋଲି ଆଶା କରାଯାଉଛି। ୧୯୯୬-୯୭ ଋତୁରେ ଆରମ୍ଭ ହୋଇଥିବା ବର୍ଡର-ଗାଭାସ୍କର ଟ୍ରଫି ପ୍ରଥମ ସଂସ୍କରଣରେ ମାତ୍ର ଗୋଟିଏ ଟେଷ୍ଟ୍ ଖେଳା ଯାଇଥିଲା। ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସଂସ୍କରଣରେ ତିନିଟି ଲେଖାଏଁ ମ୍ୟାଚ୍ ଥିଲା। ପରବର୍ତ୍ତୀ ୧୨ଟି ସଂସ୍କରଣ ମଧ୍ୟରୁ କେବଳ ୨୦୦୭-୦୮ର ସପ୍ତମ ସଂସ୍କରଣକୁ ଛାଡ଼ି ସବୁଥର ଚାରିଟି ଲେଖାଏଁ ଟେଷ୍ଟ୍ ଆୟୋଜିତ ହୋଇଛି। ଏଥର ୫ଟିକିଆ ଶୃଙ୍ଖଳା ରୂପରେ ନୂଆ ଇତିହାସ ଯୋଡ଼ିହେବ। ଏକ ଚଳଚ୍ଚିତ୍ର ଉତ୍ସବରେ ଯୋଗଦେବା ଲାଗି ମେଲବର୍ଣ୍ଣ ଯାଇଥିବା ଭାରତୀୟ ଅଭିନେତା ରାମଚରଣ ସେଠାରେ ରଖାଯାଇଥିବା ବର୍ଡର-ଗାଭାସ୍କର ଶୃଙ୍ଖଳାର ମୂଳ ଟ୍ରଫିକୁ ଦେଖିବାର ସୁଯୋଗ ପାଇଥିଲେ। ଏପରିକି ଟ୍ରଫି ସହ ଫଟୋ ବି ଉଠାଇଥିଲେ। ଯାହାର ଫଟୋ ରାମଚରଣଙ୍କ ସହ କ୍ରିକେଟ୍ ଅଷ୍ଟ୍ରେଲିଆ ମଧ୍ୟ ନିଜନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ପ୍ରକାଶ କରିଛନ୍ତି। ରାମଚରଣଙ୍କୁ ଏହି ଅବସରରେ ଭାରତୀୟ କଳା ଓ ସଂସ୍କୃତିର ଦୂତ ମଧ୍ୟ ନିଯୁକ୍ତ କରାଯାଇଛି।

ଆସନ୍ତା ଶୃଙ୍ଖଳାରେ ଅଷ୍ଟ୍ରେଲିଆର ବୋଲିଂ ରଣନୀତି ଉପରୁ ଆଂଶିକ ପରଦା ଉଠାଇଛନ୍ତି ଅଧିନାୟକ ପ୍ୟାଟ୍ କମିନ୍ସ। ପତ୍ରକାରଙ୍କ ସହ ବାର୍ତ୍ତାଳାପ କରି ସେ କହିଛନ୍ତି, ଅତୀତରେ ଆମେ ମିଚେଲ ମାର୍ସ ଓ କ୍ୟାମରନ୍ ଗ୍ରୀନ୍‌ଙ୍କ ବୋଲିଂକୁ ଯେତିକି ବ୍ୟବହାର କରିବା କଥା ସମ୍ଭବତଃ ତାହା କରି ପାରିନୁ। ହେଲେ ଆଗାମୀ ବର୍ଡର-ଗାଭାସ୍କର ଟ୍ରଫିରେ ଉଭୟ କିଛି କିଛି ଓଭର ବୋଲିଂ କରିବେ ଅଷ୍ଟ୍ରେଲିଆର ଗ୍ରୀଷ୍ମ ଋତୁ ସାଧାରଣତଃ ମଧ୍ୟମଗତି ବୋଲରଙ୍କୁ ସୁହାଇଥାଏ ଏଣୁ ମାର୍ସ ଓ ଗ୍ରୀନ ଭାରତୀୟ ବ୍ୟାଟର୍‌ଙ୍କୁ ପରୀକ୍ଷାରେ ପକାଇବେ ବୋଲି ଆଶା ରଖିଛୁ।

# ବିବାଦରେ ଟାଇସନ୍

ନ୍ୟୁକର୍ଯ୍ୟ,୨୦।୮(ଏଜେନସି): ବିଗତ ଦିନର ବିବାଦୀୟ ହେଭିଟେ୍ ମୁଷ୍ଟିଯୋଦ୍ଧା ମାଇକ୍ ଟାଇସନ୍ ପୁଣି ବିବାଦରେ ଛନ୍ଦି ହୋଇଛନ୍ତି। ଜଣେ ୟୁଟ୍ୟୁବର୍ ତଥା ସେଖିନ ମୁଷ୍ଟିଯୋଦ୍ଧା ଜେକ୍ ପଲ୍‌ଙ୍କୁ ମୁଥ ମାରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେ ଏହି ଘଟଣା ରବିବାରର ଏକ ସାମ୍ବାଦିକ ସମ୍ମିଳନୀ ଅବସରରେ ଘଟିଥିଲା। ଏହି ପ୍ରମୋସନାଲ୍ ଫେସ୍‌ଅଫ୍ ଇଭେଣ୍ଟରେ କେଣସି କଥାକୁ ନେଇ ପରସ୍ପର ମଧ୍ୟରେ ଯୁକ୍ତିତର୍କ କରିଥିଲେ। ଟାଇସନ୍ ଓ ପଲ୍ ଏଥିରେ ଉତ୍କ୍ଷିପ୍ତ ହୋଇ ୫୮ ବର୍ଷୀୟ ଟାଇସନ୍ ୨୮ ବର୍ଷୀୟ ପଲ୍‌ଙ୍କ ଛାତିକୁ ଏକ ଶକ୍ତ ମୁଥ ମାରିଥିଲେ। ଆୟୋଜକଙ୍କ ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣକୁ



ଆସିଥିଲା ପଲ୍ କିନ୍ତୁ ଟାଇସନ୍‌ଙ୍କ ଏହି ଉଗ୍ର ରୂପ ଦେଖି ପୂରା ଚକିତ ହୋଇଯାଇଥିଲେ।

ଟାଇସନ୍ ଓ ପଲ୍‌ଙ୍କ ମଧ୍ୟରେ ଏକ ଲଢ଼େଇ ନଭେମ୍ବର ୧୫ରେ ଆମେରିକାର ଟେକ୍ସାସ୍‌ରେ ହେବାର ଅଛି। ପୂର୍ବରୁ ଏହି ଲଢ଼େଇ ଜୁଲାଇ ୨୦ରେ ହେବାର ଥିଲା। ହେଲେ ଟାଇସନ୍‌ଙ୍କ ଅସୁସ୍ଥତା ପାଇଁ ଆୟୋଜକ ଏହାକୁ ଘୁଞ୍ଚାଇବାକୁ ବାଧ୍ୟ ହୋଇଥିଲେ। ପଲ୍ ଓ ତାଙ୍କ ମଧ୍ୟରେ ୨୮ ବର୍ଷର ବୟସ ବ୍ୟବଧାନ ଥିଲେ ମଧ୍ୟ ସେ ଏହି ଲଢ଼େଇ ସହଜରେ ଜିତିବେ ବୋଲି ନିଜ କ୍ୟାରିୟରରେ ୫୦-୬ ଜୟ/ପରାଜୟ ରେକର୍ଡ ରଖିଥିବା ଟାଇସନ୍ ଦମ୍ଭ ଦେଖାଇଛନ୍ତି।

# ବାବର ଆଜମ୍‌ଙ୍କ ପାଇଁ ସୁଯୋଗ

ନୂଆଦିଲ୍ଲୀ, ୨୦।୮: ପାକିସ୍ତାନ କ୍ରିକେଟ ଷ୍ଟାର ବାବର ଆଜାମ ପୁଣିଥରେ ପଡ଼ିଆକୁ ଓହ୍ଲାଇବାକୁ ପ୍ରସ୍ତୁତ ଅଛନ୍ତି। ବାଂଲାଦେଶ ଦଳ ବର୍ତ୍ତମାନ ପାକିସ୍ତାନ ଗସ୍ତରେ ରହିଛି। ପାକିସ୍ତାନ ଏବଂ ବାଂଲାଦେଶ ସିରିଜର ପ୍ରଥମ ମ୍ୟାଚ ୨୧ ଅଗଷ୍ଟରୁ ଖେଳାଯିବ। ଯଦିଓ ବାବର ଆଜାମ ଏବେ ଟେଷ୍ଟ ଦଳର ଅଧିନାୟକ ନାହାଁନ୍ତି, ତଥାପି ସେ ଦଳର ଅନ୍ୟତମ ପ୍ରମୁଖ ଖେଳାଳି। ଏହି ସମୟରେ ଯଦି ବାବର ଆଜାମ ଭଲ ବ୍ୟାଟିଂ ଜାରି ରଖନ୍ତି, ତେବେ ସେ ତାଙ୍କ ନାମରେ କିଛି ବଡ ରେକର୍ଡ କରିପାରିବାର ସୁଯୋଗ ରହିଛି। ଅଦ୍ୟାବଧି ପାକିସ୍ତାନର ମୋଟ ୧୧ଜଣ ବ୍ୟାଟ୍ସମ୍ୟାନ ଟେଷ୍ଟରେ ୪ ହଜାର ରନ ସଂଗ୍ରହ କରିଛନ୍ତି। ବର୍ତ୍ତମାନ ବାବର ଆଜାମ ଦ୍ୱାଦଶ ଖେଳାଳି ହେବାର ସୁଯୋଗ ପାଇଛନ୍ତି। ଯଦି ଏହି ସିରିଜରେ ବାବର ଆଜାମ ଚାରି ହଜାର ରନ ସ୍କୋର କରନ୍ତି, ତେବେ ସେ ମାଜିଦ ଖାନ ଏବଂ ହନିଫ ମହମ୍ମଦଙ୍କୁ ମଧ୍ୟ ପଛରେ ପକାଇବେ। ମାଜିଦ ଖାନ ୩୯୩୧ ରନ ଏବଂ ହନିଫ ମହମ୍ମଦ ତାଙ୍କ ଟେଷ୍ଟ କ୍ୟାରିୟରରେ ୩୯୧୫ ରନ ସ୍କୋର କରିଛନ୍ତି। ଟେଷ୍ଟ କ୍ରିକେଟରେ ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ସୟଦ ଅନାର ୪୦୫୨ ରନ ସଂଗ୍ରହ କରିଛନ୍ତି ବାବର ଆଜାମ ତାଙ୍କୁ ମଧ୍ୟ ପଛରେ ପକାଇପାରନ୍ତି।

# ବିରଳ ପାହୁଣା ପାଇଲେ ମନୁ

ନୂଆଦିଲ୍ଲୀ: ପ୍ୟାରିସ୍ ଅଲିମ୍ପିକ୍ସରେ ମନୁ ଭାକର ଲଗାତାର ଦୁଇଟି ମେଡାଲ ହାତେଇ ଦେଶ ପାଇଁ ଗୌରବ ଆଣିଛନ୍ତି। ପ୍ରଥମ ମହିଳା କ୍ରୀଡ଼ାବିତ ଭାବେ ସେ ଗୋଟିଏ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଛନ୍ତି।

ଇତିହାସ ରଚିଥିବା ମନୁ ଭାକର ଦେଶକୁ ଫେରିବା ପରେ ଲୋକେ ତାଙ୍କର ଧୁମଧାମ୍ରେ ସ୍ୱାଗତ କରିଥିଲେ। ଗତକାଲି ଅର୍ଥାତ ଅଗଷ୍ଟ ୧୯ ତାରିଖରେ ରାଖୀ ପୂର୍ଣ୍ଣିମାକୁ ଧୁମଧାମରେ ପାଳନ କରାଯାଇଛି। ଏହି କ୍ରମ୍ରେ ମନୁ ବି ତାଙ୍କ ଭାଇଙ୍କୁ ରାଖୀ ବାନ୍ଧିଥିବାର ଏକ ଫଟୋ ସୋସିଆଲ ମିଡିଆରେ ସାମ୍ନାକୁ ଆସିଛି।



ମନୁ ରାଖୀ ବାନ୍ଧିବା ପରେ ପାହୁଣା ବାବଦକୁ ଭାଇ ପ୍ୟାରିସ୍ ଅଲିମ୍ପିକ୍ସ ବିଜେତା ଭଉଣୀଙ୍କୁ ଏକ ଟଙ୍କିଆ ନୋଟ ଦେଇଥିଲେ ଯାହାକୁ ପାଇ ମନୁ ବେଶ ଖୁସି ହୋଇଯାଇଥିଲେ। ତେବେ ଏହି ଏକ ଟଙ୍କିଆ ନୋଟର ସ୍ୱତନ୍ତ୍ରତା ହେଉଛି ଏହା ଖୁବ୍ ପୁରୁଣା ନୋଟ। ଯାହା ଏବେ ଦେଖିବାକୁ ମିଳୁନାହିଁ କି ବଜାରରେ ତାର ଆଉ ମୂଲ୍ୟ ନାହିଁ। କିନ୍ତୁ ଭାଇ ଠାରୁ ଏହି ବିରଳ ଟଙ୍କିକିଆ। ନୋଟ ରାଖୀରେ ପାଇବା ପରେ ମନୁ ଖୁବ ଖୁସି ହୋଇଯାଇଥିଲେ। ମନୁଙ୍କ ପ୍ୟାରିସ ଅଲିମ୍ପିକ୍ସ ଖେଳ କଥା କହିଲେ ସୁଟର ଯୋଡ଼ି ମନୁ ଭାକର ଓ ସରବଜୋତ ସିଂହ ୧୦ ମିଟର ଏୟାର ପିସ୍ତଲ ମିକ୍ସ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ମେଡାଲ ହାତେଇଥିଲେ କୋରିଆ। ଯୋଡ଼ିକୁ ୧୬-୧୦ ପଏଣ୍ଟରେ ହରାଇ ଦୁହେଁ ମେଡାଲ ହାତେଇଥିଲେ।

# ଆଇପିଏଲ୍‌ରୁ ମାଲେମାଲ୍ ହେଲା ବିସିସିଆଇ

ନୂଆଦିଲ୍ଲୀ,୨୦।୮(ଏଜେନ୍ସି): ଲାଭପ୍ରଦ କ୍ରିକେଟ ଖେଳ ଆଇପିଏଲରୁ ମୋଟା ଅଙ୍କର ଟଙ୍କା କମାଉଛି ଭାରତୀୟ କ୍ରିକେଟ ନିୟନ୍ତ୍ରକ ବୋର୍ଡ ବା ବିସିସିଆଇ। ବୋର୍ଡ ୨୦୨୩ ଆଇପିଏଲରେ ୫,୧୨୦ କୋଟି ଆୟ କରିଛି ଯାହା ୨୦୨୨ ସଂସ୍କରଣ ଠାରୁ ୧୧୬ ପ୍ରତିଶତ ଅଧିକ। ତେବେ ଆଇପିଏଲ୍ ୨୦୨୩ର ମୋଟ ରେଭିନ୍ୟୁ ଦେଖିଲେ ଏହା ୧୧,୭୬୯ କୋଟି ହୋଇଛି। ବିସିସିଆଇ ଜାରି କରିଥିବା ୨୦୨୨-୨୩ର ବର୍ଷର ବାର୍ଷିକ ରିପୋର୍ଟରୁ ଏହି ସୂଚନା ମିଳିଛି।

ବାର୍ଷିକ ରିପୋର୍ଟରେ ବିସିସିଆଇ ଖର୍ଚ୍ଚ ମଧ୍ୟ ବଢ଼ିଥିବା ଦର୍ଶାଇଛି। ୬୬ ପ୍ରତିଶତ ଖର୍ଚ୍ଚ ବଢ଼ି ୬,୬୪୮ କୋଟି ହୋଇଛି ବୋଲି ବୋର୍ଡ କହିଛି। ତେବେ ନୂଆ ମିଡିଆ ରାଇଟ୍ ଓ ସ୍ପନ୍ସରସିପ୍ ଯୋଗୁ ଆୟ ବଢ଼ିଥିବା କୁହାଯାଉଛି। ୨୦୨୩ ସଂସ୍କରଣରୁ ଆରମ୍ଭ ହୋଇଥିବା ୨୦୨୩-୨୭ ସାଇକେଲରେ ୪୮,୩୯୦ କୋଟି ଟଙ୍କାର ମିଡିଆ ରାଇଟ୍ ଦିଆଯାଇଛି। ୨୦୨୧ରେ ଡିଜନୀ ଷ୍ଟାର୍ ୨୩,୫୭୫ କୋଟି ଟଙ୍କାରେ



ଆଇପିଏଲ ଟିଭି ରାଇଟ୍ କିଣିଥିବା ବେଳେ ଭାଇକମ ୧୮ ନେଟାର୍କର ଜିଓ ସିନେମା ୨୩,୭୫୮ କୋଟି ଟଙ୍କାରେ ଡିଜିଟାଲ ରାଇଟ୍ ନେଇଛି। ଆଇପିଏଲ ୨୦୨୩ରେ ବିସିସିଆଇର ମିଡିଆଇ ରାଇଟ ରେଭିନ୍ୟୁ ୮,୭୪୪ କୋଟି ଟଙ୍କାକୁ ବୃଦ୍ଧି ହୋଇଥିବା ବେଳେ ୨୦୨୨ରେ ଏହା ୩,୭୮୦ କୋଟି ଟଙ୍କା ଥିଲା।

ଡିଜନୀ ଷ୍ଟାର ପୂର୍ବରୁ ୨୦୧୮-୨୦୨୨ ମଧ୍ୟରେ ଗତ ୫ ବର୍ଷ ପାଇଁ ଏକାକୀ ଉଭୟ ଟିଭି ଏବଂ ଡିଜିଟାଲ ରାଇଟ୍ ନେଇଥିଲା। ଏଥିପାଇଁ କମ୍ପାନୀ ୧୬,୩୪୭ କୋଟି ଟଙ୍କା ଦେଇଥିଲା। ସେହିପରି ପ୍ରାୟୋଜକଙ୍କୁ ଦେଖିଲେ ବିସିସିଆଇ ପାଞ୍ଚ ବର୍ଷ ପାଇଁ ୨୫୦୦ କୋଟି ଟଙ୍କାରେ ଟାଟା ସନ୍ସଙ୍କୁ ଆଇପିଏଲ୍ ଟାଇଟଲ୍ ରାଇଟ ଦେଇଛି। ସେହିପରି ସିଏଟ, ମାଇଁସାର୍କଲ୧୧, ରୂପେ ଆଦିକୁ ଅନ୍ୟ ପ୍ରାୟୋଜକ ବିକ୍ରି କରି ଆଉ ୧,୪୮୫ କୋଟି ଆୟ କରିଛି। ଆଇପିଏଲରେ ଦଶଟି ଫ୍ରାଞ୍ଚାଇଜ୍ ଅଂଶଗ୍ରହଣ କରୁଛନ୍ତି ସେମାନଙ୍କଠାରୁ ଆୟ ପୂର୍ବର ୧,୭୩୦ କୋଟି ଅପେକ୍ଷା ୨୦୨୩ରେ ୨,୧୧୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ପ୍ରାୟୋଜକ ରାଜସ୍ୱ ୮୪୭ କୋଟି ଥିଲା, ଯାହା ୨୦୨୨ ତୁଳନାରେ ୨୦୨୩ରେ ୧୯ କୋଟି ଅଧିକ ହୋଇଛି। ବିସିସିଆଇର ବାର୍ଷିକ ରିପୋର୍ଟ ଅନ୍ୟ ଦିଗଗୁଡ଼ିକୁ ବିଚାର କଲେ ୨୦୨୩ରେ ବିସିସିଆଇର ମୋଟ ବ୍ୟାଙ୍କ ବାଲାନ୍ସ ୧୬,୯୩ କୋଟି ଯାହା ପୂର୍ବ ବର୍ଷ ଅପେକ୍ଷା ୧୦,୯୯୧.୨୯ କୋଟି ଅଧିକ ଅନ୍ୟପଟେ ଏହି ସମୟରେ, ବିସିସିଆଇ ଆଇପିଏଲ୍୨୦୨୩ରେ ସେଣ୍ଟ୍ରାଲ ପୁଲରୁ ଆଇପିଏଲ୍ ଫ୍ରାଞ୍ଚାଇଜକୁ ୪,୬୭୦ କୋଟି ଦେଇଥିଲା ଏହା ପୂର୍ବ ବର୍ଷ ୨,୨୦୫ କୋଟି ଖର୍ଚ୍ଚ କରିଥିଲା ବୋର୍ଡ। ସେହିଭଳି ୨୦୨୩ରେ ଆରମ୍ଭ ହୋଇଥିବା ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ରେ ବିସିସିଆଇ ମିଡିଆ। ରାଇଟ, ଫ୍ରାଞ୍ଚାଇଜ୍ ଫି ଏବଂ ପ୍ରାୟୋଜକ ମାଧ୍ୟମରେ ୬୩୬ କୋଟି ଆୟ କରିଛି। ଇତି ମଧ୍ୟରେ ବୋର୍ଡ ମୋଟ ୨୫୯ କୋଟି ଖର୍ଚ୍ଚ ବି କରିଛି। କେନ୍ଦ୍ର ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ ରାଜ୍ୟସଭାରେ ବିସିସିଆଇ ଦେଇଥିବା ଜିଏସ୍‌ଟି ବିଷୟରେ ସୂଚନା ଦେଇଥିଲେ। ଆର୍ଥିକ ବର୍ଷ ୨୦୨୩ ଓ ୨୦୨୪ ରେ ବୋର୍ଡ ୨,୦୩୮ କୋଟି ଟଙ୍କା ଜିଏସଟି ଦେଇଛି।

# ଗମ୍ଭୀରଙ୍କ ସ୍ଥାନ ନେବେ ଜାହିର

ନୂଆଦିଲ୍ଲୀ,୨୦।୮: ଗୌତମ ଗମ୍ଭୀର ବର୍ତ୍ତମାନ ଭାରତୀୟ ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ ଭାବରେ କାର୍ଯ୍ୟ କରୁଛନ୍ତି। ଏହାପୂର୍ବରୁ ଗମ୍ଭୀର ଆଇପିଏଲ୍ ୨୦୨୪ରେ କୋଲକାତା ନାଇଟ ରାଇଡର୍ସର ମେଣ୍ଟର ଭାବରେ କାର୍ଯ୍ୟ କରିଥିଲେ ଏବଂ ଏହାପୂର୍ବରୁ ଗମ୍ଭୀର ଲକ୍ଷ୍ନୌ ସୁପର ଜିଆଣ୍ଟସର ପରାମର୍ଶଦାତା ଥିଲେ ଗମ୍ଭୀରଙ୍କ ପରେ ଲକ୍ଷ୍ନୌ ଫ୍ରାଞ୍ଚାଇଜକୁ କୌଣସି ନୂତନ ପରାମର୍ଶଦାତା ଆସି ନ ଥିଲେ। ତେବେ ବର୍ତ୍ତମାନ ଜାହିର ଖାନଙ୍କ ବିଷୟରେ ଆଲୋଚନା ଚାଲିଛି ତେବେ ଜାହିର ଖାନ ଲକ୍ଷ୍ନୌରେ ଗମ୍ଭୀରଙ୍କ ଖାଲି ସ୍ଥାନ ପୂରଣ କରିପାରିବେ।

ମେଣ୍ଟରଙ୍କ ବ୍ୟତୀତ ଲକ୍ଷ୍ନୌ ସୁପର ଜିଆଣ୍ଟସରେ ବୋଲିଂ କୋଚଙ୍କ ଅଭାବ ମଧ୍ୟ ରହିଛି। ବର୍ତ୍ତମାନ ଦଳର ବୋଲିଂ କୋଚ ମର୍ନେ ମର୍କେଲ ମଧ୍ୟ ଏହି ପଦ ଛାଡିଛନ୍ତି ମର୍କେଲ ମଧ୍ୟ ଭାରତୀୟ କ୍ରିକେଟ ଦଳର କୋଚିଂ କର୍ମଚାରୀଙ୍କ ଏକ ଅଂଶ ହୋଇପାରିଛନ୍ତି । ଏଭଳି ପରିସ୍ଥିତିରେ ଜାହିର ଖାନ ଜଣେ ମେଣ୍ଟର ଭୂମିକାରେ ଆହୁରି ଫିଟ ଦେଖାଯାଉଛନ୍ତି, କାରଣ ସେ ଦଳର ବୋଲରମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦେଇ ପାରିବେ।

ଜହିର ଖାନ ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟସ ମଧ୍ୟରେ ଆଲୋଚନା ଚାଲିଛି। ତେବେ ଏପର୍ଯ୍ୟନ୍ତ ଲକ୍ଷ୍ନୌ ସୁପର ଜିଆଣ୍ଟସ କିମ୍ବା ଜାହିର ଖାନଙ୍କ ବିଷୟରେ କୌଣସି ସରକାରୀ ସୂଚନା ସେୟାର କରାଯାଇ ନାହିଁ ଏବେ ଦେଖିବା ମଜାଦାର ହେବ ଯେ ଲକ୍ଷ୍ନୌ ସୁପର ଜଏଣ୍ଟସ ପୂର୍ବତନ ଭାରତୀୟ ପେସରଙ୍କୁ ଜଣେ ମେଣ୍ଟର କରନ୍ତି କି ନାହିଁ।

ସୂଚନାଯୋଗ୍ୟ ଯେ, ଜାହିର ଖାନ ଜଣେ ଦ୍ରୁତ ବୋଲର ଯିଏ ଭାରତ ପାଇଁ ତିନୋଟି ଫର୍ମାଟ ଖେଳିଥିଲେ। ଜହିର ୨୦୦୦ ରୁ ୨୦୧୪ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ ସେ ଟିମ ଇଣ୍ଡିଆ। ପାଇଁ ୯୨ ଟେଷ୍ଟ, ୨୦୦ ଟି ଦିନିକିଆ ଏବଂ ୧୭ଟି -୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଟେଷ୍ଟରେ ଜାହିର ହାରାହାରି ୩୨.୯୪ରେ ୩୧୧ ଉଇକେଟ ନେଇଥିଲେ। ଏହା ବ୍ୟତୀତ ଭାରତୀୟ ପେସର୍ ହାରାହାରି ୨୯.୪୩ରେ ଦିନିକିଆରେ ୨୮୨ ଉଇକେଟ ନେଇଥିଲେ ଟି-୨୦ରେ ସେ ୧୭ଟି ଉଇକେଟ୍ ନେଇଥିଲେ।

# ଟି-୨୦ରେ ବିଶ୍ୱରେକର୍ଡ : ଗୋଟିଏ ଓଭରରେ ୩୯ ରନ୍

ନୂଆଦିଲ୍ଲୀ,୨୦।୮: ଅନ୍ତର୍ଜାତୀୟ ଟି-୨୦ ଏକ ନୂତନ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଟି-୨୦ରେ ଗୋଟିଏ ଓଭରରେ ମାତ୍ର ୩୬ ରନ ସ୍କୋର କରାଯାଇଥିଲା। ବର୍ତ୍ତମାନ ଏହି ସଂଖ୍ୟା ୩୯ ରନ୍‌ରେ ପହଞ୍ଚିଛି। ଅନ୍ତର୍ଜାତୀୟ ଟି-୨୦ରେ ଗୋଟିଏ ଓଭରରେ ୩୯ ରନ ଏହା ଅସମ୍ଭବ ଲାଗୁଛି, କିନ୍ତୁ ଏହା ସମ୍ଭବ ହୋଇଗଲା। ଗୋଟିଏ ଓଭରରେ ୩୯ ରନ ସ୍କୋର କରି ଯୁବରାଜ ସିଂ, କିରନ ପୋଲାର୍ଡ, ନିକୋଲାସ ପୁରନ, ଦୀପେନ୍ଦ୍ର ସିଂ ଆରେ ଏବଂ ରୋହିତ ଶର୍ମା/ ରିଙ୍କୁ ସିଂଙ୍କ ରେକର୍ଡ ଭାଙ୍ଗିଛି। ଏହି କୀର୍ତ୍ତିମାନ ସାମୋଆ। ବ୍ୟାଟ୍ସମ୍ୟାନ ଡାରିୟସ ଭିସେରଙ୍କ ଦ୍ୱାରା କରାଯାଇଥିଲା। ପୁରୁଷ ଟି-୨୦ ବିଶ୍ୱକପ ଉପ-କ୍ଷେତ୍ରୀୟ ପୂର୍ବ ଏସିଆ-ପାସିଫିକ କ୍ୱାଲିଫାୟର୍ ଏ ୨୦୨୪ରେ ଏହି ସଫଳତା ଘଟିଛି। ସାମୋଆ। ବ୍ୟାଟ୍ସମ୍ୟାନ ଡାରିୟସ ଭିସର୍ ଏକ ଓଭରରେ ୬ଟି ଛକା ସହ ମୋଟ ୩୯ ରନ ସଂଗ୍ରହ କରିଥିଲେ। ଡାରିୟସ ଭିସର୍ ଇନିଂସର ୧୫ତମ ଓଭରରେ ୩୯ ରନ ସ୍କୋର କରିବାରେ ସଫଳ ହୋଇଥିଲେ। ଡାରିୟସ ମୋଟ ୬ଟି ଛକା ମାରିଥିବା ବେଳେ ବାକି ନୋ ବଲ୍‌ରେ ଆସିଥିଲା।

ଓଭରର ପ୍ରଥମ ତିନୋଟି ବଲରେ ଡାରିୟସ ଭିସର୍ ଭାନୁଟୁଙ୍କ ନିପିକୋରୁ କ୍ରମାଗତ ତିନିଟି ଛକା ମାରିଥିଲେ। ତାପରେ ଚତୁର୍ଥ ବଲଟି ନୋ ବଲ ହୋଇଥିଲା, ଫଳସ୍ୱରୂପ ୧ ରନ ହୋଇଥିଲା। ତାପରେ ପରବର୍ତ୍ତୀ ବଲରେ ଡାରିୟସ ଆଉ ଏକ ଛକା ମାରିଥିଲେ ତାପରେ ଓଭରର ପଞ୍ଚମ ବଲ ଏକ ଡଟ୍ ଥିଲା ଏହା ପରେ ଷଷ୍ଠ ବଲ ନୋ ଥିଲା, ଯେଉଁଥିରେ ଗୋଟିଏ ରନ ଆସିଥିଲା ପରବର୍ତ୍ତୀ ବଲଟି ପୁନର୍ବାର ନୋ ଥିଲା, ଯେଉଁଥିରେ ଗୋଟିଏ ଛକା ମାରିଥିଲେ ଏବଂ ପରେ ଶେଷ ଫ୍ରି ହିଟ ବଲରେ ଛକା ହୋଇଥିଲା ଏହିପରି, ଗୋଟିଏ ଓଭରରେ ୩୯ରନ ସ୍କୋର କରିବା ଆଶ୍ଚର୍ଯ୍ୟଜନକ ଥିଲା।

ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସାମୋଆ ଦଳ ୨୦ ଓଭରରେ ୧୭୪ ରନ ସଂଗ୍ରହ କରିଥିଲା ।ଡାରିୟସ ଡାରିୟସ ଭିସେର ଦଳ ପାଇଁ ସବୁଠୁ ବଡ ଇନିଂସ ଖେଳି ୬୨ ଟି ବଲରେ ୧୩୨ ରନ ସଂଗ୍ରହ କରି ୫ ଚୌକା ଓ ୧୪ ଛକା ସହାୟତାରେ କରିଥିଲେ। ତାପରେ ଟାର୍ଗେଟକୁ ଗୋଡ଼ାଇ ଭାନୁଟୁ ଦଳ ୨୦ ଓଭରରେ ମାତ୍ର ୧୬୪/୯ ରନ ସ୍କୋର କରିପାରିଥିଲା।



ପାରାଅଲିମ୍ପିକ୍ସରେ ଭାଗ ନେବାକୁ ଥିବା ଆଥଲେଟମାନଙ୍କ ସହ ଆଲୋଚନା କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଯୁବରାଜ ସିଂ ଉପରେ ନିର୍ମାଣ ହେବ ଫିଲ୍ମ

ନୂଅରଦିଲ୍ଲୀ,୨୦।୮(ଏଜେନ୍ସି): ୨୦୧୬ରେ, ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ଟିମ ଅଧିନାୟକଙ୍କୁ ଟି -୨୦ ବିଶ୍ୱକପ ୨୦୦୭ ଏବଂ ଏକ ଦିବସୀୟ ବିଶ୍ୱକପ ୨୦୧୧ରେ ଚାମ୍ପିୟନ କରିଥିବା ଏମଏସ ଧୋନିଙ୍କ ଉପରେ ଏମଏସ ଧୋନି: ଦ ଅନଟୋଲ୍ଡ ଷ୍ଟୋରୀ ନାମକ ଏକ ମୁଭି ମୁକ୍ତିଲାଭ କରିଥିଲା ଏହି ମୁଭି ପ୍ରେକ୍ଷାଳୟରେ ଧମାଲ କରିଥିଲା ଏବଂ ବହୁତ ସଫଳତା ହାସଲ କରିଥିଲା ବର୍ତ୍ତମାନ ଆଉ ଜଣେ କ୍ରିକେଟରଙ୍କ ଉପରେ ଏକ ଫିଲ୍ମ ନିର୍ମାଣ ହେବାକୁ ଯାଉଛି ଯିଏ ଉଭୟ ବିଶ୍ୱକପରେ ଭାରତ ଚାମ୍ପିୟନ ହେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏହି କ୍ରିକେଟର ଆଉ କେହି ନୁହଁନ୍ତି କିମ୍ବଦନ୍ତୀ ଅଲରାଉଣ୍ଡର ଯୁବରାଜ ସିଂ।



ଯୁବରାଜ ସିଂ ଏମିତି ଜଣେ କ୍ରିକେଟର ଯିଏକି ନିଜ କ୍ୟାରିୟରରେ ଭାରତ ପାଇଁ ଅନେକ ମ୍ୟାଚ ଜିତିଛନ୍ତି ସେ ସୀମିତ ଓଭରରେ ଭାରତୀୟ ଇତିହାସର ଜଣେ ମହାନ କ୍ରିକେଟରଙ୍କ ମଧ୍ୟରୁ ଜଣେ ୨୦୦୭ରେ ଟି-୨୦ ବିଶ୍ୱକପ ଚାମ୍ପିୟନ ଏବଂ ୨୦୧୧ରେ ଏକ ଦିବସୀୟ ବିଶ୍ୱକପ ଚାମ୍ପିୟନ ହେବା ସମୟରେ ଯୁବରାଜଙ୍କ ଭୂମିକା ସ୍ମରଣୀୟ ସେ ଲଗାତାର ୬ଟି ଛକା ମାରି ଟି -୨୦ ବିଶ୍ୱକପକୁ ସ୍ୱତନ୍ତ୍ର କରିଥିବାବେଳେ ସେ କର୍କଟ ଭଳି ମାରାତ୍ମକ ରୋଗରେ ପୀଡିତ ଥିବାବେଳେ ସେ ଏକ ଦିବସୀୟ ବିଶ୍ୱକପ ଖେଳିଥିଲେ। ଏହି କାରଣରୁ ସେ ଦେଶ ପାଇଁ ପ୍ରେରଣାର ଉତ୍ସ ଭାବରେ ଉଭା ହୋଇଥିଲେ ଯୁବରାଜ ଜଣେ ଫାଇଟର କ୍ରିକେଟର ଭାବେ ଭାରତୀୟ କ୍ରିକେଟରେ ପରିବର୍ତ୍ତନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତେଣୁ, ଦୀର୍ଘ ଦିନ ଧରି ତାଙ୍କ ଉପରେ ବାୟୋପିକ ତିଆରି କରିବାର ଦାବି ରହିଥିଲା, ଯାହା ବର୍ତ୍ତମାନ ପୂରଣ ହେବାକୁ ଯାଉଛି। ଖବର ଅନୁଯାୟୀ, ପ୍ରସିଦ୍ଧ ନିର୍ମାତା ଭୂଷଣ କୁମାର ଯୁବରାଜଙ୍କ ଉପରେ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି।

# କୋହଲି-ରୋହିତଙ୍କ ଉପରେ ବର୍ଷିଲେ ଗାଭାସ୍କର

ନୂଆଦିଲ୍ଲୀ,୨୦।୮(ଏଜେନ୍ସି): ଆସନ୍ତା ୫ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଦିଲ୍ଲୀପ ଟ୍ରଫିରୁ ଦୁଇ ଷ୍ଟାର୍ ବ୍ୟାଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି ଚୟନ କମିଟିର ଏହି ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକଟ କରିଛନ୍ତି ପୂର୍ବତନ କ୍ରିକେଟର ସୁନୀଲ ଗାଭାସ୍କର ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିଜନ ପୂର୍ବରୁ ଦଳର ପ୍ରମୁଖ ଖେଳାଳିମାନେ ଉପଯୁକ୍ତ ମ୍ୟାଚ୍ ଅଭ୍ୟାସ ପାଇବା ଜରୁରି ବୋଲି ଗାଭାସ୍କର ପ୍ରକାଶ କରିଛନ୍ତି। ସେ କହିଛନ୍ତି, ରୋହିତ ଓ କୋହଲିଙ୍କୁ ବିଶ୍ରାମ ଦେବା ଠିକ ନିଷ୍ପତ୍ତି ନୁହେଁ ଉଭୟ ଦଳର ପ୍ରମୁଖ ସଦସ୍ୟ ବାଂଲାଦେଶ ବିପକ୍ଷ ଟେଷ୍ଟ ସିରିଜରେ ଉଭୟ ଖେଳିବା ନିଶ୍ଚିତ ତେଣୁ ଦୁଲୀପ ଟ୍ରଫି ଉଭୟଙ୍କ ପାଇଁ ଅଭ୍ୟାସ ସୁଯୋଗ ଆଣିଥିଲା । ମାତ୍ର ଉଭୟ ବିଶ୍ରାମ ନେବାକୁ ପ୍ରାଥମିକତା ଦେଇଥିଲେ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ମିଳିବା ଯୁକ୍ତିଯୁକ୍ତ। ସେ ପେସ୍ ବୋଲର ଓ ପୂର୍ବରୁ ଗୁରୁତର ଆହତ ହୋଇ ସାରିଛନ୍ତି ତେଣୁ ତାଙ୍କ କାର୍ଯ୍ୟଭାରକୁ ସୀମିତ କରାଯିବା ଆବଶ୍ୟକ ରୋହିତ ଓ କୋହଲି ବର୍ତ୍ତମାନ ସିନିୟର ସଦସ୍ୟ ଉଭୟଙ୍କ ବୟସ ୩୫ ପାର୍ ହେଲାଣି ତେଣୁ ଜିମ୍ ଅପେକ୍ଷା ଅଧିକ ମ୍ୟାଚ୍ ଖେଳି ସେମାନେ ନିଜ ନିଜକୁ ଫିଟ୍ ଓ ଫର୍ମରେ ରଖିପାରିବେ ।

# ଦୁଲିପ ଟ୍ରଫିରେ ସୁଯୋଗ ନ ମିଳିବାର ଦୁଃଖ

ନୂଆଦିଲ୍ଲୀ,୨୦।୮: ସେପ୍ଟେମ୍ବର ୧୯ ତାରିଖରେ ବାଂଲାଦେଶ ବିପକ୍ଷରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍ ମାଧ୍ୟମରେ ଭାରତୀୟ ଦଳ ପଡ଼ିଆରେ ନଜର ଆସିବେ। କିନ୍ତୁ ଏହି ସିରିଜ୍ ପୂର୍ବରୁ ଭାରତୀୟ ଦଳର ସମସ୍ତ ତାରକା ଖେଳାଳି ୨୦୨୪ ଦୁଲିପ୍ ଟ୍ରଫିରେ ଖେଳୁଥିବା ଦେଖିବାକୁ ମିଳିବେ। ଦୁଲିପ୍ ଟ୍ରଫି ପାଇଁ ମନୋନୀତ ହୋଇଥିବା ଚାରିଟି ଦଳରେ ଅନେକ ଷ୍ଟାର୍ ଖେଳାଳିଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି, କିନ୍ତୁ ଷ୍ଟାର୍ ଖେଳାଳିଙ୍କ ତାଲିକାରେ ବାମହାତୀ ବ୍ୟାଟ୍ସମ୍ୟାନ୍ ରିଙ୍କୁ ସିଂଙ୍କ ନାମ ଗାଏବ ହୋଇଯାଇଛି।

ବର୍ତ୍ତମାନ ସେପ୍ଟେମ୍ବର ୫ ତାରିଖରୁ ଦୁଲିପ୍ ଟ୍ରଫି ପାଇଁ ମନୋନୀତ ନହେବା ଉପରେ ରିଙ୍କୁ ନୀରବତା ଭାଙ୍ଗିଛନ୍ତି ସେ ଭାରତର ଟି -୨୦ ର ଅଗ୍ରଣୀ ଖେଳାଳି ହୋଇଥିଲେ ହେଁ ତାଙ୍କୁ ଦୁଲିପ୍ ଟ୍ରଫି ପାଇଁ କାହିଁକି ଅଣଦେଖା କରାଯାଇଛି ବୋଲି ରିଙ୍କୁ କହିଛନ୍ତି। ନିକଟରେ ଶ୍ରୀଲଙ୍କା ଗସ୍ତ ସମୟରେ ରିଙ୍କୁ ଭାରତୀୟ ଟି -୨୦ ଦଳରେ ମଧ୍ୟ ନଜର ଆସିଥିଲେ। ସ୍ପୋର୍ଟସ୍ ତକ୍ କୁ ରିଙ୍କୁ ସିଂ କହିଛନ୍ତି ଯେ, କିଛି ନୁହେଁ, ମୁଁ ଘରୋଇ ସିଜିନରେ ସେତେ ଭଲ ପ୍ରଦର୍ଶନ କରି ନାହିଁ। ମୁଁ ରଣଜୀ ଟ୍ରଫିରେ ଅନେକ ମ୍ୟାଚ୍ ଖେଳି ନଥିଲି। ମୁଁ ୨-୩ ଟି ମ୍ୟାଚ୍ ଖେଳିଥିଲି। ମୋତେ ଏଇଥିପାଇଁ ମନୋନୀତ କରାଯାଇନାହିଁ, ଯେହେତୁ ମୁଁ ଭଲ ଖେଳିନଥିଲି ବୋଧହୁଏ ମୁଁ ପରବର୍ତ୍ତୀ ରାଉଣ୍ଡ ମ୍ୟାଚ୍ ପାଇଁ ମନୋନୀତ ହେବି। ପ୍ରକାଶ ଯେ, ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ତିନି ମ୍ୟାଚ୍ ବିଶିଷ୍ଟ ଟି -୨୦ ସିରିଜରେ ରିଙ୍କୁ ସିଂଙ୍କ ବ୍ୟାଟ୍ ଚୁପ ରହିଥିଲା। ସେ ସିରିଜର ଦୁଇଟି ମ୍ୟାଚ୍‌ରେ ବ୍ୟାଟିଂ କରିବାର ସୁଯୋଗ ପାଇଥିଲେ ଏବଂ ଉଭୟ ମ୍ୟାଚ୍‌ରେ ରିଙ୍କୁ ମାତ୍ର ୦୧-୦୧ ରନ୍ ସ୍କୋର କରିଥିଲେ। ତେବେ ସିରିଜର ତୃତୀୟ ମ୍ୟାଚ୍‌ରେ ବୋଲିଂ କରୁଥିବାବେଳେ ରିଙ୍କୁ୨ ଓ୍ୱିକେଟ୍ ନେଇଥିଲେ। ସୂଚନାଯୋଗ୍ୟ ଯେ, ଦୁଲିପ୍ ଟ୍ରଫି ପାଇଁ ମନୋନୀତ ହୋଇନଥିବା ରିଙ୍କୁ ସିଂଙ୍କ ପ୍ରଥମ ଶ୍ରେଣୀ କ୍ରିକେଟ୍ ରେ ଏକ ଭଲ ରେକର୍ଡ ରହିଛି। ରିଙ୍କୁ ଏପର୍ଯ୍ୟନ୍ତ ୪୭ ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚଗୁଡିକର ୬୯ ଇନିଂସରେ ସେ ୫୪.୭୦ ର ହାରରେ ହାରାହାରି ୩୧୭୩ ରନ୍ ସଂଗ୍ରହ କରିଛନ୍ତି।ଏହି ଅବଧି ମଧ୍ୟରେ ସେ ନିଜ ବ୍ୟାଟରୁ ୭ ଶତକ ଏବଂ ୨୦ ଅର୍ଦ୍ଧଶତକ ହାସଲ କରିଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ